79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୧୬ ● କଟକ ● ସୋମବାର ● ୦୧ ଡିସେମ୍ବର-୨୦୨୫ ● ବିଛା-୨୭ ● ସାଲ୍-୧୪୩୧

CUTTACK ● MONDAY ● 01 DECEMBER-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ଆଜିଠୁ ଶୀତ ଅଧିବେଶନ

## ବସିଲା ସର୍ବଦଳୀୟ ବୈଠକ, ୧୯ ପର୍ଯ୍ୟନ୍ତ ଚାଲିବ

ନୂଆଦିଲ୍ଲୀ,(ପିପିଏସ୍):

ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ ତାରିଖ ସୋମବାରରୁ ଆରମ୍ଭ ହେଉଛି। ଏହା ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ପୂର୍ବରୁ, ମୋଦୀ ସରକାର ଲୋକସଭା ଏବଂ ରାଜ୍ୟସଭାରେ ଆଗତ ହେବାକୁ ଥିବା ୧୪ଟି ବିଲ୍‌ର ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ବିଲ୍ ସମେତ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ହଟ୍ଟଗୋଳ ହେବାର ସମ୍ଭାବନା ରହିଛି। ଏଥିମଧ୍ୟରୁ ଚଣ୍ଡିଗଡ଼କୁ ନେଇ ଆସିବାକୁ ଥିବା ବିଲ୍‌କୁ ନେଇ ଏବେଠାରୁ ସ୍ଥିତି ବିବାଦୀୟ ରହିଛି। ଏହି ବିଲ୍‌କୁ ଆପ୍, କଂଗ୍ରେସ ଓ ଅକାଳୀ ଦଳ ବିରୋଧ କରୁଛନ୍ତି। ସୋମବାର ଅର୍ଥାତ୍ ଶୀତ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ରହିବ । ଶୀତକାଳୀନ ଅଧିବେଶନର ଦିନକ ପୂର୍ବରୁ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜେପି ନଡ୍ଡା, କିରେନ ରିଜିଜୁ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଗୌରବ ଗୋଗୋଇ ଏବଂ ଅନ୍ୟାନ୍ୟ ନେତାମାନେ ବୈଠକରେ ଯୋଗ ଦେଇଥିଲେ। ଏହା ସହିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ ଏବଂ କୋଡିକୁନିଲ ସୁରେଶ, ତୃଣମୂଳ କଂଗ୍ରେସ ନେତା ଡେରେକ ଓ'ବ୍ରାଏନ୍, ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ, ଡିଏମକେର ତିରୁଚିତ ଶିବ ଏବଂ ଅନ୍ୟାନ୍ୟ ଅନେକ ଦଳ ଅଂଶଗ୍ରହଣ କରିଥିଲେ। ଏହି ବୈଠକ ସମୟରେ ଶୀତକାଳୀନ ଅଧିବେଶନ ସମ୍ପର୍କରେ ଆଲୋଚନା ହୋଇଥିଲା।



### ଆଗତ ହେବ ୧୪ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ !

ଲୋକସଭାର ବୁଲେଟିନ୍ ଅନୁଯାୟୀ, ଆସିବାକୁ ଥିବା ବିଲ୍ ମଧ୍ୟରେ ଆଣବିକ ଶକ୍ତି ବିଲ୍ ଭାରତରେ ଆଣବିକ ଶକ୍ତିର ବ୍ୟବହାର, ନିୟନ୍ତ୍ରଣ ଏବଂ ନିୟନ୍ତ୍ରଣ ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ଏକ ନୂତନ ଢାଞ୍ଚା ଦେବ। ପ୍ରଥମ ଥର ପାଇଁ ଘରୋଇ କମ୍ପାନୀମାନେ ଆଣବିକ କ୍ଷେତ୍ରରେ ପ୍ରବେଶ କରିପାରିବେ। ଘରୋଇ କମ୍ପାନୀମାନେ ମଧ୍ୟ ଆଣବିକ ଶକ୍ତି କେନ୍ଦ୍ର ସ୍ଥାପନ କରିପାରିବେ। ସେହିଭଳି ଦେଶରେ ଉଚ୍ଚଶିକ୍ଷା ଆୟୋଗ ଗଠନ ପାଇଁ ମଧ୍ୟ ବିଲ୍ ପ୍ରସ୍ତୁତ ହୋଇଛି। ସରକାର ଭାରତୀୟ ଉଚ୍ଚ ଶିକ୍ଷା ଆୟୋଗ ବିଲ୍ ଉପସ୍ଥାପନ କରିବେ। କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅଧିକ ସ୍ୱାଧୀନତା ଦେବା ଏବଂ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଏହାର ଉଦ୍ଦେଶ୍ୟହେବ। ଜାତୀୟ ରାଜପଥ (ସଂଶୋଧନ) ବିଲ୍ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଏବଂ ଅଧିକ ସ୍ୱଚ୍ଛ କରିବ, ଯାହାଦ୍ୱାରା ଜାତୀୟ ରାଜପଥ ପ୍ରକଳ୍ପରେ ବିଳମ୍ବକୁ ହ୍ରାସ କରାଯାଇପାରିବ।

# କିସ୍‌ର ୫ମ ସମାବର୍ତ୍ତନ ଉତ୍ସବରେ ଭର୍ତ୍ତୃହରିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି




ଭୁବନେଶ୍ୱରସ୍ଥିତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍(କିସ୍)ର ୫ମ ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଗ୍ରହଣ କରୁଛନ୍ତି କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ। ବିଶିଷ୍ଟ ଅତିଥି ତଥା ଟ୍ୟୁନିସିଆର ନୋବେଲ୍ ବିଜୟିନୀ ଓଉଦେଦ୍ ବୋଚମୋଇ, ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଅନୁଷ୍ଠାନପକ୍ଷରୁ ଶ୍ରୀ ମହତାବଙ୍କୁ ସମ୍ମାନସୂଚକ ଡିଗ୍ରୀ ପ୍ରଦାନ କରାଯାଇଛି। ୪୦ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମୁକ୍ତ ଶିକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସାରା ବିଶ୍ୱରେ କିସ୍‌ର ରହିଛି ସ୍ୱତନ୍ତ୍ର ପରିଚିତି।

## ମୋଦୀଙ୍କ ମନ୍ କୀ ବାତ୍

# ପ୍ରେରଣାଦାୟୀ 'ନଭେମ୍ବର'

ନୂଆଦିଲ୍ଲୀ,(ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ କୀ ବାତ୍'ର ୧୨୮ତମ ସଂସ୍କରଣକୁ ସମ୍ବୋଧିତ କରିଥିଲେ। ମୋଦୀ ଆଜିର ଅଧ୍ୟାୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ନଭେମ୍ବର ୭ତାରିଖରେ ଦେଶାତ୍ମବୋଧକ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ବିଷୟରେ କହିଥିଲେ। କିଛି ଦିନ ପୂର୍ବରୁ ସ୍କାଏରୁଟ୍‌ର ଇନଫିନିଟି କ୍ୟାମ୍ପସରେ ଦେଶର ପ୍ରଥମ ଘରୋଇ ରକେଟ ବିକ୍ରମ-୧ ଉନ୍ମୋଚନ କରିଥିବା କଥା ମନେ ପକାଇଥିଲେ। ଏହାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ଉପରେ ଧାର୍ମିକ ପତାକା ଉତ୍ତୋଳନ କରିବା ବିଷୟରେ ମଧ୍ୟ କହିଥିଲେ ମୋଦୀ। ନଭେମ୍ବର ମାସକୁ ଏକ ବିଶେଷ ମାସର ଆଖ୍ୟା ଦେଇ କହିଛନ୍ତି , ନଭେମ୍ବର ମାସ ଅନେକ ଆକାଂକ୍ଷା ଆଣିଛି। ୨୬ ନଭେମ୍ବରରେ, ସମ୍ବିଧାନ ଦିବସ ଅବସରରେ ସଂସଦର କେନ୍ଦ୍ରୀୟ ହଲରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀରେ ଦେଶବ୍ୟାପୀ କାର୍ଯ୍ୟକ୍ରମର ଏକ ମହାନ ଶୃଙ୍ଖଳା ଆରମ୍ଭ ହୋଇଥିଲା। ୨୫ ନଭେମ୍ବରରେ, ଅଯୋଧ୍ୟାର ରାମ ମନ୍ଦିରରେ ଧର୍ମଧ୍ୱଜା ଉତ୍ତୋଳନ କରାଗଲା କରାଯାଇଥିଲା। ସେହି ଦିନ, କୁରୁକ୍ଷେତ୍ରର ଜ୍ୟୋତିସାରରେ ପଞ୍ଚଜନ୍ୟ ସ୍ମାରକୀ ଉଦ୍‌ଘାଟନ କରାଯାଇଥିଲା ବୋଲି କହିଥିଲେ ମୋଦୀ। ମହାକାଶ ଏବଂ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ନେଉଥିବା ପଦକ୍ଷେପ ବିଷୟରେ କହିଥିଲେ, ଆଇଏନଏସ ମାହେକୁ ନୌସେନାରେ ସାମିଲ କରାଯିବା ଉପରେ ଆଲୋକପାତ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଷୟରେ ମୋଦୀ କହିଛନ୍ତି, କ୍ରୀଡ଼ା ଜଗତରେ ଭାରତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବ। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ପାଇଁ ଗୁଜରାଟର ଅହମ୍ମଦାବାଦକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି। କ୍ରୀଡ଼ା ଜଗତରେ ମଧ୍ୟ ଭାରତ ଦ୍ରୁତ ଗତିରେ ଆଗକୁ ବଢୁଛି। ଏହି ସଫଳତା ଦେଶ ଏବଂ ଦେଶବାସୀଙ୍କର ବୋଲି ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ। ଖାଦ୍ୟଶସ୍ୟ ଉତ୍ପାଦନରେ ଦେଶ ରେକର୍ଡ ଭାଙ୍ଗିଥିବା କଥା ମୋଦୀ ଆଲୋକପାତ କରିଥିଲେ। ସେ କହିଥିଲେ , ଭାରତ କୃଷି କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି। ଭାରତ ୩୫୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରି ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି। ୧୦ ବର୍ଷ ପୂର୍ବ ତୁଳନାରେ, ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ୧୦୦ ନିୟୁତ ଟନ୍ ବୃଦ୍ଧି ପାଇଛି । ଇସ୍ରୋ ଦ୍ୱାରା ଆୟୋଜିତ ଡ୍ରୋନ୍ ପ୍ରତିଯୋଗିତାରେ ମଙ୍ଗଳ ଗ୍ରହ ପରିସ୍ଥିତିରେ ଡ୍ରୋନ୍ ଉଡାଇବାକୁ ଚେଷ୍ଟା କରି ସଫଳ ହୋଇଥିବା ଯୁବକ ମାନଙ୍କୁ ପ୍ରଶଂସା କରିଥିଲେ। ଜନକଲ୍ୟାଣ ପ୍ରୟାସକୁ ସ୍ପର୍ଶ କରି ପ୍ରଧାନମନ୍ତ୍ରୀ ମୋଦୀ 'ଜିଏସ୍‌ଟି ବଚତ ଉତ୍ସବ' ବିଷୟରେ କହିଥିଲେ, ଏହା ଦ୍ୱାରା ସୃଷ୍ଟି ହୋଇଥିବା ବ୍ୟାପକ ଉତ୍ସାହକୁ ଉଲ୍ଲେଖ କରିଥିଲେ। ସେ ସ୍ୱଚ୍ଛତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରୁଥିବା ଅନେକ ନାଗରିକ-ଚାଳିତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆର୍‌ପିଏଫ୍)କୁ ସେମାନଙ୍କର ୟୁନିଟ୍‌ରେ ଭାରତୀୟ ପ୍ରଜାତିର କୁକୁରଙ୍କ ଉପସ୍ଥିତି ବୃଦ୍ଧି କରିବା ପାଇଁ ପ୍ରଶଂସା କରିଥିଲେ, ଯାହା ସ୍ୱଦେଶୀ କ୍ଷମତା ଉପରେ ଦେଶର ବର୍ଦ୍ଧିତ ଗୁରୁତ୍ୱକୁ ଗୁରୁତ୍ୱ ଦେଇଥିବା କହିଥିଲେ।




## ବଢ଼ିଲା ବିଏଲ୍‌ଓଙ୍କ ପାରିଶ୍ରମିକ

ନୂଆଦିଲ୍ଲୀ: ନିର୍ବାଚନ କମିଶନ ଶନିବାର ବୁଥ୍‌ସ୍ତରୀୟ ଅଫିସର(ବିଏଲ୍‌ଓ)ଙ୍କ ପାରିଶ୍ରମିକକୁ ୬,୦୦୦ ଟଙ୍କାରୁ ୧୨,୦୦୦ ଟଙ୍କାକୁ ବୃଦ୍ଧିକରିଛନ୍ତି। ସେହିପରି ବିଏଲ୍‌ଓ ସୁପରଭାଇଜରଙ୍କ ପାରିଶ୍ରମିକ ୧୨,୦୦୦ ଟଙ୍କାରୁ ୧୮,୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି। ପ୍ରତି ନିର୍ବାଚନ ସହ ଜଡ଼ିତ ପୂରା ପ୍ରକ୍ରିୟା କାଳ ପାଇଁ ଏହି ବର୍ଦ୍ଧିତ ପାରିଶ୍ରମିକ ମିଳିବ। ନିରପେକ୍ଷ ଏବଂ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏମାନଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେଣୁ ବିଏଲ୍‌ଓମାନଙ୍କ ପାରିଶ୍ରମିକ ଦୁଇଗୁଣ କରିବା ସହ ବିଏଲ୍‌ଓ ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ାଇବାକୁ କମିଶନ ନିଷ୍ପତ୍ତି ନେଇଛନ୍ତି।

## କମିଛି ଶୀତ ପ୍ରଭାବ

ଭୁବନେଶ୍ୱର,(ପିପିଏସ୍):

ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିଝଡ଼ 'ଦ୍ୱିତା' ଯୋଗୁଁ ରାଜ୍ୟରେ ଶୀତ ପ୍ରକୋପରୁ ମିଳିଛି ଆଶ୍ୱସ୍ତି। କମିଛି ଶୀତର ପ୍ରଭାବ। ଉପରମୁହାଁ ହୋଇଛି ରାତି ତାପମାତ୍ରା। ଆସନ୍ତା ୪ଦିନ ଭିତରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ଡିଗ୍ରୀ ସେଲସିୟସ୍ ବଢ଼ିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଗତ କିଛିଦିନ ଧରି ଲାଗି ରହିଥିବା ଶୀତର ପ୍ରକୋପ ସାମାନ୍ୟ କମିଛି। ସେପଟେ ବର୍ଷା ଆଶଙ୍କା ମଧ୍ୟ ଦୂର ହୋଇଛି। ପାଗ ମୁଖ୍ୟତଃ ଶୁଖିଲା ରହିବ, ହେଲେ ଦକ୍ଷିଣ ଭାରତରେ ବାତ୍ୟା ଦ୍ୱିତା ଯୋଗୁଁ ଶୀତର ପ୍ରକୋପ କମିବ।

## ମନମୋହନଙ୍କ ବିସ୍ଫୋରଣ: ବିଜେଡିରେ କମ୍ପନ

# ବିଜେପି ସାଗରରେ ମିଶିବେ ନଦୀ

## 'ଆଗକୁ ଅନେକ ଲୋକ ପଦ୍ମଧରିବେ'

ଭୁବନେଶ୍ୱର/ଭଦ୍ରକ/ଆଗରପଡ଼ା:

ବିଜେପି ହେଉଛି ସମୁଦ୍ର। ଏହି ସମୁଦ୍ରରେ ନଦୀ ମିଶିବେ। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଅନେକ ଲୋକ ବିଜେପିରେ ମିଶିବେ। ଏଭଳି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ବିଜେଡି ଛାଡ଼ିବା ପୂର୍ବରୁ ମୋ ସହ ଭଦ୍ରକ, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍ ଅଧ୍ୟକ୍ଷ ଆଲୋଚନା କରିଥିଲେ। ବିଜେଡିରେ କମ୍ପନ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ବିଜେଡି ସମର୍ଥିତ ୩ ଜଣ ବ୍ଲକ୍ ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରଥମେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଇସ୍ତଫା ଦେଇଥିଲେ। ବିଜେଡି ମଧ୍ୟ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ଇସ୍ତଫା ନା ନିଲମ୍ବନ-କିଏ ଆଗ ତାହାକୁ ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍‌ର ଅଧ୍ୟକ୍ଷା ବିଜେଡି ଛାଡ଼ିଲେ। ଏହି ସଂଖ୍ୟା ଆଗାମୀ ଦିନରେ ବଢ଼ିବ ବୋଲି ଅନୁମାନ କରାଯାଉଛି। ଫଳରେ ବିଜେଡି ପାଇଁ ଏହା ଏକ ଶକ୍ତ ଝଟ୍‌କା ହୋଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ ପତିଆରା ଏବେ କାଠଗଡ଼ାକୁ ଠେଲି ହୋଇଯାଇଛି। ସୂଚନା ମୁତାବକ, ଦଳ ବିରୋଧୀ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କୁ ଆଜି ନିଲମ୍ବିତ କରିଛି ବିଜେଡି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦଳର ରାଜ୍ୟ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। କିଛିଦିନ ହେଲା ବିଜେଡି ଛାଡି ବିଜେପିରେ ମିଶିବା ନେଇ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସମେତ ଭଣ୍ଡାରିପୋଖରୀ, ବାସୁଦେବପୁର, ଭଦ୍ରକ ବ୍ଲକ ଅଧ୍ୟକ୍ଷଙ୍କୁ ନେଇ ଚର୍ଚ୍ଚା ହୋଇଆସୁଥିଲା। ସେମାନେ ବିଜେପିରେ ମିଶିବା ପାଇଁ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ହୋଇସାରିଥିବା କୁହାଯାଉଛି। ସମ୍ଭବତଃ ଆସନ୍ତା ଡିସେମ୍ବର ୭ ତାରିଖରେ ଏହି ମିଶ୍ରଣ ପର୍ବ ଆୟୋଜନ ହେବ। ତେଣୁ ତାଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଦୁର୍ନୀତି ଅଭିଯୋଗ ଆଣିଥିବା ରାଜନୀତି ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ନିଜଆଡୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ସୂଚନା ଦେଇଛନ୍ତି। ନିଜର ଇସ୍ତଫାପତ୍ର ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ନିକଟକୁ ପଠାଇ ଏହାକୁ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଛନ୍ତି ବୋଲି ଏଥିରେ ସେ ଦର୍ଶାଇଛନ୍ତି। ତେବେ ଏହି ଘଟଣାକୁ ନେଇ ଦିନତମାମ ଚର୍ଚ୍ଚା ଚାଲିଥିବା ବେଳେ ସଂଧ୍ୟାରେ ପୁଣି ଆଉ ଏକ ଖବର ବିଜେଡି ଶିବିରକୁ ଦୋହଲାଇ ଦେଇଛି। ଏକାବେଳକେ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡିରୁ ଇସ୍ତଫା ଦେଇଛନ୍ତି।



## ଆଜିଠୁ ଅନ୍‌ଲାଇନରେ ଟିକେଟ୍ ବିକ୍ରି

### ବାରବାଟୀ ଟି-୨୦

କଟକ,(ପିପିଏସ୍):

ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍। ଏଥିପାଇଁ ସୋମବାରଠୁ ଆରମ୍ଭ ହେବ ଟିକେଟ୍ ବିକ୍ରି। ତେବେ ଏଥର ଅନଲାଇନ୍ ମାତ୍ର ୨ହଜାର ଟିକେଟ୍ ବିକ୍ରି କରାଯିବ। ତେବେ ଆସନ୍ତା ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ସଂସ୍ଥା ବା କ୍ଲବ୍‌ମାନଙ୍କ ପାଇଁ ଟିକେଟ୍ ବିକ୍ରିହେବ। ୫ତାରିଖ ଦିନ ସାଧାରଣ ଦର୍ଶକଙ୍କ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ହେବ। ତେବେ ଏଥର କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ମାତ୍ର ୧୦ହଜାର ଟିକେଟ୍ ବିକ୍ରି ହେବ। ଏନେଇ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଓସିଏ ସଂପାଦକ ସଞ୍ଜୟ ବେହେରା।

## ଧ୍ୱନିପ୍ରତିଧ୍ୱନି

### ସାମ୍ବିଧାନିକ ସୀମା: ସୁପ୍ରିମକୋର୍ଟର ସଂଯମ

## ବାଟେଘାଟେ



ଜଟଣୀ ସୁରଙ୍କ ପୁଅ ମନ୍ମଥ
ତୁଣ୍ଡ ହୋଇଲା ଖଲଖଲ
ବିଜେଡିରେ ଗୋଟେ ନେତା ହୋଇଗଲା
କହିବାକୁ ମନ ଖଲଖଲ
ତୁଣ୍ଡ ମାନିଲାନି ତାର ବୋଲ
ମୋଦୀ ମୋହନଙ୍କୁ ଅପ ଶବ୍ଦ କହି
ନିଜେ ଖୋଲିଦେଲା ନିଜ ପୋଲ
ବିଛୁଆଡି ଏବେ ଗଲଗଲ
ଭିତରେ ପଶିବା ବାଟ ଫିଟିଗଲା
ଦିହ ମୁଣ୍ଡ ମାରିନିଏ କୋଲ
ବିଜେଡି କହିଲା ଏଠୁ ଚାଲ

- ରାହୀ

## ଓଡ଼ିଶା ଶିଳ୍ପ ସମ୍ମିଳନୀ- ୨୦୨୫ ଉଦ୍‌ଯାପନୀ ସମାରୋହ

# ଓଡ଼ିଶା ହେବ ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ୍ ୱେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିପିଏସ୍):

ସ୍ଥାନୀୟ ରେଳ ସଦନ ଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ: ୨୦୨୫ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ, ଏହି ସମାବେଶ ଆମର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଆମ ରାଜ୍ୟ, ଆଜି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇ ପାରିଛି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁ ଏହି ପରିବର୍ତ୍ତନ ଆସିପାରିଛି। ଗତ କିଛି ବର୍ଷ ମଧ୍ୟରେ, ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ। ଆମର ଗୋ ସ୍ୱପ୍ନ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହାକି ଭାରତରେ ସର୍ବାଧିକ। ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ, ବିଶେଷ ପ୍ରଶଂସାର ପାତ୍ର। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି । ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଓଡ଼ିଶା କଠିନ ପରିଶ୍ରମ, ନବସୃଜନ ଏବଂ ଉଦ୍ୟୋଗର ଏକ ରାଜ୍ୟ। 'ଲଘୁ ଉଦ୍ୟୋଗ ଭାରତୀ' ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏବଂ ଏହା ଜିଲ୍ଲା ସ୍ତରରେ, ତୃଣମୂଳ ସ୍ତରରେ ଏବଂ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ଦୃଢ଼ କରିବ। ଆମ ସରକାରର ପ୍ରମୁଖ କାର୍ଯ୍ୟକ୍ରମ, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' - ଏକ ସ୍ଲୋଗାନ ନୁହେଁ। ଏହା ଏକ ପ୍ରତିଶ୍ରୁତି। ଆମେ ଚାହୁଁଛୁ ଯେ ଓଡ଼ିଶା ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ ୱେ ଭାବରେ ଉଭା ହେଉ। ଶେଷରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ସଫଳତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଏଆଇ, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ଆମର ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ଏକ ସହାୟତା ଯୋଜନା ନୁହେଁ। ଏହା ହେଉଛି, ମା'ମାନଙ୍କୁ ଛୋଟ ଛୋଟ ବ୍ୟାପାର ଜରିଆରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା। ସମାଜରେ ଓ ପରିବାରରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବା। ଆଜି ଏହି ଯୋଜନା ଯୋଗୁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି । ଆଗାମୀ ଦିନରେ ଆମ ରାଜ୍ୟରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ବୋଲି ମୁଁ ଆଶା କରୁଛି । କାର୍ଯ୍ୟକ୍ରମରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା, କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ, ଆମେ ପଦକ୍ଷେପ ଗ୍ରହଣ କରୁଛୁ ଏବଂ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ।



### ଭିତ୍ତିଭୂମି ନିର୍ମାଣରେ ରାଜ୍ୟ ଜିଡିପିର ୬.୧% ବିନିଯୋଗ




# ବିଶ୍ୱ ଏଡସ୍ ଦିବସ କେବେ ଓ କାହିଁକି ପାଳନ କରାଯାଏ

ଏଚ୍.ଆଇ.ଭି / ଏଡ୍ ?ସ୍ ଏକ ମାରାତ୍ମକ ରୋଗ ହୋଇଯାଇଛି, ଯାହାର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଉପଶମ ବାହାରି ନାହିଁ। ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ଜୀବନ ସହ ଯୁଦ୍ଧ କରନ୍ତି। ତେବେ ଏହାକୁ ଏଡ଼ାଇବା ପାଇଁ ବିଶେଷଜ୍ଞମାନେ କିଛି ଉପାୟ ଦେଇଛନ୍ତି। ନିୟମିତ ଔଷଧ ସେବନ ଦ୍ୱାରା ଏହି ରୋଗର ଜଟିଳତାକୁ ହ୍ରାସ କରାଯାଇପାରେ। ଏଡ୍ସ୍ ସଚେତନତା ଏବଂ ଏହାକୁ ପ୍ରତିରୋଧ କରିବା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ଲୋକେ ଏ ବିଷୟରେ ସବିଶେଷ ଜାଣିବା ସହ ଏହାର ଇତିହାସ ମଧ୍ୟ ଜାଣିବା ଜରୁରୀ। ପ୍ରଥମ ଥର ପାଇଁ ୧୯୮୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଏଡସ୍ ଦିବସ ପାଳନ କଲା। ପ୍ରତିବର୍ଷ ଡିସେମ୍ବର ୧ରେ ଏଡ୍ସ୍ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ସମସ୍ତ ବୟସ ଏବଂ ଶ୍ରେଣୀର ଲୋକଙ୍କୁ ଏଡ୍ସ୍ ବିଷୟରେ ଅବଗତ କରାଇବା।




୧୯୮୧ ରେ ଲସ୍ ? ଏଞ୍ଜେଲ୍ସରେ ପ୍ରଥମେ ଏଡସ୍ ଚିହ୍ନଟ ହୋଇଥିଲା। ଜଣେ ଡାକ୍ତର ୫ ଜଣ ରୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ନିମୋନିଆ ଚିହ୍ନଟ କରିଥିଲେ। ଏହି ରୋଗୀମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ହଠାତ୍ ଦୁର୍ବଳ ହୋଇଯାଇଥିଲା। ସମସ୍ତ ୫ ଜଣ ରୋଗୀ ସମଲିଙ୍ଗୀ ଥିଲେ। ସେଥିପାଇଁ ଡାକ୍ତରମାନେ ଭାବିଥିଲେ ଯେ ଏହି ରୋଗ କେବଳ ସମଲିଙ୍ଗୀଙ୍କ ସମ୍ପର୍କରେ ହୋଇଥାଏ। ତେଣୁ ଏହି ରୋଗର ନାମ ହେଲା 'ଗେ ରିଲେଟେଡ୍ ଇମ୍ୟୁନ୍ ଡେଫିସିଏନ୍ସି' (GRID) ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଭୂତାଣୁ ଅନ୍ୟ ଲୋକଙ୍କଠାରେ ମଧ୍ୟ ମିଳିଥିଲା, ତା'ପରେ ୧୯୮୨ ମସିହାରେ ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ରରେ ଏହି ରୋଗର ନାମ ଏଡ୍ସ୍ ହୋଇଥିଲା।

# ଆଜିର ରାଶିଫଳ

**ମେଷ**
ଘରେ ଖୁସି ଏବଂ ସମନ୍ୱୟ ରହିବ। ଦମ୍ପତିମାନେ ପରସ୍ପରର ସମସ୍ୟାକୁ ବୁଝିବା ଉଚିତ। ସଫଳତା ଆପଣଙ୍କ ପାଖକୁ ଆସିବାର ସମ୍ଭାବନା ଅଛି। କଷ୍ଟକର ପରିସ୍ଥିତିରେ ଭୟଭୀତ ହୁଅନ୍ତୁ ନାହିଁ। କାର୍ଯ୍ୟ ଜୀବନ ସନ୍ତୁଳିତ ହେବ।

**ବୃଷ**
ନୂତନ ଚ୍ୟାଲେଞ୍ଜ ଆପଣଙ୍କୁ ବ୍ୟସ୍ତ ରଖିପାରେ। ଆପଣଙ୍କ କଠିନ ପରିଶ୍ରମ କର୍ମକ୍ଷେତ୍ରରେ ସଫଳତା ଆଣିବାରେ ସାହାଯ୍ୟ କରିବ। ନିଷ୍ପତ୍ତି ନେବା ମୁହୂର୍ତ୍ତରେ ଧର୍ଯ୍ୟ ରଖନ୍ତୁ। ଛାତ୍ରମାନେ ପରୀକ୍ଷାରେ ଅସାଧାରଣ ପ୍ରଦର୍ଶନ କରିପାରନ୍ତି। ଛୋଟ ଯାତ୍ରା ଆଶା କରାଯାଇପାରେ।

**ମିଥୁନ**
ଆଜି, ଆପଣଙ୍କୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ। ଅଧିକ ଚିନ୍ତା କରିବା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଭୁଲ ବୁଝାମଣା ହୋଇପାରେ। ପ୍ରେମୀ ପକ୍ଷୀମାନେ ଉତ୍ଥାନ-ପତନର ସମ୍ମୁଖୀନ ହେବାର ସମ୍ଭାବନା ଅଛି। ଆପଣ ଗଳା ସଂକ୍ରମଣରେ ଚିଡ଼ିତ ହୋଇପାରନ୍ତି।

**କର୍କଟ**
ଆଜି ଆପଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖନ୍ତୁ। ଚାକିରି ଖୋଜୁଥିବା ଲୋକମାନେ ଭଲ ଖବର ଆଶା କରିପାରିବେ। ଦମ୍ପତିମାନେ ଚିନ୍ତିତ ଉପହାର ଆଦାନପ୍ରଦାନ କରିପାରନ୍ତି। ଅଧିକ ଖର୍ଚ୍ଚ ଆପଣଙ୍କ ପକେଟକୁ ପ୍ରଭାବିତ କରିପାରେ, ତେଣୁ ସତର୍କ ରୁହନ୍ତୁ।

**ସିଂହ**
ଆପଣଙ୍କ ଦିନକୁ ଭଲ ଭାବରେ ଆରମ୍ଭ କରନ୍ତୁ। କାହାକୁ ଟଙ୍କା ଋଣ ଦେବାରୁ ଦୂରେଇ ରୁହନ୍ତୁ। ଆପଣଙ୍କ କଠିନ ପରିଶ୍ରମ ଭଲ ଫଳ ଦେବ। କୌଣସି ଜିନିଷ ପାଇଁ ଆତ୍ମସମ୍ମାନ ସହିତ ସାଲିସ କରନ୍ତୁ ନାହିଁ। ଭାଇଭଉଣୀଙ୍କ ସମ୍ପର୍କ ଏବେ ଉନ୍ନତ ହୋଇପାରେ।

**କନ୍ୟା**
ଆଜି ଆପଣ ପିଲାମାନଙ୍କ ଶିକ୍ଷା ସମ୍ବନ୍ଧୀୟ ଜିନିଷରେ ବ୍ୟସ୍ତ ରହିପାରନ୍ତି। ମୂର୍ଖ କଥାରେ ଉତକ୍ଷିପ୍ତ ହୁଅନ୍ତୁ ନାହିଁ। ଦମ୍ପତିମାନଙ୍କୁ ସେମାନଙ୍କ ସମ୍ପର୍କରେ କାମ କରିବାର ଆଉ ଏକ ସୁଯୋଗ ମିଳିବ। ଆପଣଙ୍କର ନିଜସ୍ୱ ଘର କିଣିବାର ସ୍ୱପ୍ନ ସତ ହୋଇପାରେ।

**ତୁଳା**
ଏହି ଦିନଟି ସକାରାତ୍ମକତା ଆଣିଥାଏ। ଆପଣଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ଆପଣଙ୍କୁ ସଫଳତା ହାସଲ କରିବାରେ ସାହାଯ୍ୟ କରିବ। ପ୍ରତ୍ୟେକ ମୁହୂର୍ତ୍ତରେ ନମ୍ର ରୁହନ୍ତୁ। ସ୍ୱାସ୍ଥ୍ୟ ଚିନ୍ତା ସହଜ ହେବ, ଖୁସି ଅନୁଭବ କରାଇବ। ଆପଣ ପୁରୁଣା ସମ୍ପତ୍ତିରୁ ଆର୍ଥିକ ଲାଭ ମଧ୍ୟ ଆଶା କରିପାରିବେ।

**ବିଛା**
ଆଜି ଆପଣଙ୍କ ପାଇଁ ମହାନ ଦିନ। ସବୁକିଛି ଆପଣଙ୍କ ସପକ୍ଷରେ କାମ କରିବ। ଜୀବନରେ କୌଣସି ମୂଲ୍ୟ ନଥିବା କାର୍ଯ୍ୟକଳାପରେ ନିଜକୁ ଲିପ୍ତ ରଖନ୍ତୁ ନାହିଁ। ଦମ୍ପତିମାନଙ୍କୁ ନୂତନ ସ୍ମୃତି ଗଢ଼ିବାର ସୁଯୋଗ ମିଳିବ। ଅନାବଶ୍ୟକ ଖର୍ଚ୍ଚ ଏଡାନ୍ତୁ।

**ଧନୁ**
ସବୁକିଛି ଆପଣଙ୍କ ସପକ୍ଷରେ ଦେଖାଯାଉଛି। ଘରୋଇ ଜୀବନରେ ଖୁସି ରହିବ। ଛାତ୍ରମାନଙ୍କୁ ସେମାନଙ୍କର ଧ୍ୟାନ ସମ୍ପୂର୍ଣ୍ଣ ଭାବରେ ଶିକ୍ଷା ଉପରେ ସ୍ଥାନାନ୍ତରିତ କରିବାକୁ ପଡିବ। କ୍ୟାରିଅର ସମ୍ବନ୍ଧୀୟ ନିଷ୍ପତ୍ତିରେ ଆପଣଙ୍କ ଜୀବନସାଥୀଙ୍କୁ ସମର୍ଥନ କରନ୍ତୁ। ଅନାବଶ୍ୟକ ଯୁକ୍ତି ଏଡାନ୍ତୁ।

**ମକର**
ଏହି ଦିନଟି ଉଜ୍ଜ୍ୱଳ ହେବାର ସୁଯୋଗ ଆଣିବ। ଆପଣଙ୍କ ଲକ୍ଷ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଆପଣଙ୍କ ଶକ୍ତି ମୂଲ୍ୟହୀନ ଜିନିଷରେ ବିନିଯୋଗ କରନ୍ତୁ ନାହିଁ। ବ୍ୟବସାୟ ଗୁଡ଼ିକ ଲାଭ ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନ ଅତ୍ୟନ୍ତ ଖୁସି ଏବଂ ରୋମାଣ୍ଟିକ ଦେଖାଯାଉଛି।

**କୁମ୍ଭ**
ଯୋଗ ଏବଂ ଧ୍ୟାନ ସହିତ ଆପଣଙ୍କ ଦିନ ଆରମ୍ଭ କରନ୍ତୁ। ଆପଣଙ୍କର ଉଚ୍ଚ ଶକ୍ତି ସକାରାତ୍ମକତା ବିସ୍ତାର କରିବ। କାହା ପାଇଁ କଠୋର ଶବ୍ଦ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ବୟସ୍କମାନେ ଆପଣଙ୍କୁ ଜୀବନର ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇପାରନ୍ତି। ଆପଣଙ୍କ ଚାରିପାଖରେ ଥିବା ଲୋକଙ୍କ ମୂଲ୍ୟ ବୁଝନ୍ତୁ ।

**ମୀନ**
ଆଜି ଆପଣ କଠିନ ପରିଶ୍ରମ କରିପାରନ୍ତି। ଆପଣଙ୍କର ସମସ୍ତ ସ୍ୱପ୍ନ ସତ୍ୟ ହୋଇପାରେ। ନୂତନ ଜିନିଷ ଚେଷ୍ଟା କରିବାକୁ କିମ୍ବା କାର୍ଯ୍ୟସ୍ଥଳରେ ଆପଣଙ୍କର ଭାବନା ପ୍ରକାଶ କରିବାକୁ ସଂକୋଚ କରନ୍ତୁ ନାହିଁ। ପ୍ରେମୀମାନେ ଗୁଣାତ୍ମକ ସମୟ ବିତାଇ ପାରନ୍ତି। ଅନାବଶ୍ୟକ ଖର୍ଚ୍ଚ ଏଡାନ୍ତୁ।

# ଆବଶ୍ୟକତାଠାରୁ ଅଧିକ ଆଣ୍ଟିବାୟୋଟିକ୍ ଖାଉଛନ୍ତି କି ?

ଲୋକମାନେ ପ୍ରାୟତଃ ସାମାନ୍ୟ ଥଣ୍ଡା କିମ୍ବା ଭାଇରାଲ୍ ସଂକ୍ରମଣ ପାଇଁ ମଧ୍ୟ ଆଣ୍ଟିବାୟୋଟିକ୍ ବ୍ୟବହାର କରନ୍ତି, ଯାହା ଫଳରେ ଜୀବାଣୁ ସେମାନଙ୍କ ପ୍ରତି ପ୍ରତିରୋଧ ସୃଷ୍ଟି କରନ୍ତି। ଲୋକମାନେ ପ୍ରାୟତଃ ଡାକ୍ତରଙ୍କ ପରାମର୍ଶ ବିନା ସେଗୁଡ଼ିକୁ ନିଅନ୍ତି।



ଭୁଲ ପ୍ରେସକ୍ରିପସନ୍ – ଡାକ୍ତରମାନେ ପ୍ରାୟତଃ ଅନୁମାନ ଉପରେ ଆଧାର କରି ବ୍ରଡ୍-ସ୍ପେକ୍ଟ୍ରମ୍ ଆଣ୍ଟିବାୟୋଟିକ୍ ଲେଖିଥାନ୍ତି, ଯାହା କ୍ଷତି ମଧ୍ୟ କରିଥାଏ।

ନିଦାନର ଅଭାବ – ଜୀବାଣୁକୁ ସଠିକ୍ ଭାବରେ ଚିହ୍ନଟ କରିବାରେ ଅସମର୍ଥତା ଯୋଗୁଁ, ସଠିକ୍ ଔଷଧ ଚୟନ କରାଯାଏ ନାହିଁ। କଲଚର ରିପୋର୍ଟ ବିନା ଔଷଧ ଦିଆଯାଏ।

ହସ୍ପିଟାଲ-ଅର୍ଜିତ ସଂକ୍ରମଣ – ହସ୍ପିଟାଲରେ ଅସୁରକ୍ଷିତ ଅଭ୍ୟାସ ଯୋଗୁଁ ସୁପରବଗ୍ ବ୍ୟାପିଥାଏ।

ସଂକ୍ରମଣ ନିୟନ୍ତ୍ରଣର ଅଭାବ – ପରିମଳ, ହାତ ପରିଷ୍କାର ପରିଚ୍ଛନ୍ନତା ଏବଂ ଜୀବାଣୁମୁକ୍ତିରେ ଅବହେଳା ସଂକ୍ରମଣର ଦ୍ରୁତ ପ୍ରସାରକୁ ନେଇଥାଏ।

ଔଷଧ କମ୍ପାନୀରୁ ଦୂଷିତ ପାଣି – ଔଷଧ କମ୍ପାନୀ ଏବଂ ହସ୍ପିଟାଲରୁ ଅପଚୟ ଜଳ ପ୍ରକୃତି ସହିତ ମିଶିଯାଏ, ଜୀବାଣୁ ପ୍ରତିରୋଧ ବୃଦ୍ଧି କରେ।

ଚିକିତ୍ସା ବନ୍ଦ କରିବା – ଲକ୍ଷଣ କମିବା ମାତ୍ରେ ରୋଗୀମାନେ ଔଷଧ ବନ୍ଦ କରିଦିଅନ୍ତି, କିଛି ଜୀବାଣୁ ବଞ୍ଚି ରହିବାକୁ ଏବଂ ଶକ୍ତିଶାଳୀ ହେବାକୁ ଅନୁମତି ଦିଅନ୍ତି। ଏହିପରି ସେମାନେ ଆଗକୁ ବଢ଼ି ଶକ୍ତିଶାଳୀ ହୋଇଯାଆନ୍ତି।

COVID-୧୯ ସମୟରେ ଅତ୍ୟଧିକ ବ୍ୟବହାର – ମହାମାରୀ ସମୟରେ ଅନେକ ଲୋକଙ୍କୁ ଅନାବଶ୍ୟକ ଭାବରେ ଆଣ୍ଟିବାୟୋଟିକ୍ ଦିଆଯାଇଥିଲା, ଯାହା ଫଳରେ ପ୍ରତିରୋଧ ବୃଦ୍ଧି ପାଇଥିଲା।

# ଛୋଟ ପିଲାଙ୍କ ମାନସିକ ସନ୍ତୁଳନ ବିଗାଡୁଛି ସ୍ମାର୍ଟ ଫୋନ

ଛୋଟ ପିଲାଙ୍କ ମାନସିକ ସନ୍ତୁଳନ ବିଗାଡୁଛି ସ୍ମାର୍ଟ ଫୋନ । ଏହା ପିଲାଙ୍କ ମାନସିକ ଶାରୀରିକ ଏବଂ ବୌଦ୍ଧିକ ବିକାଶକୁ ପ୍ରଭାବିତ କରୁଥିବା ନେଇ ମତ ରଖିଛନ୍ତି ମନସ୍ତତ୍ତ୍ୱବିତ୍ । ଡାକ୍ତରଙ୍କ କହିବା ଅନୁସାରେ, "ମୋବାଇଲ ବିଗାଡୁଛି ପିଲାଙ୍କ ମାନସିକ ସ୍ଥିତି ।

ସର୍ଟ କଣ୍ଟେଣ୍ଟ ଭିଡ଼ିଓ ଓ ଇନଷ୍ଟାଗ୍ରାମ ଭିଡିଓ ଆଣୁଛି ପିଲାଙ୍କ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ । ଖାଇବା ଠାରୁ ଶୋଇବା ପର୍ଯ୍ୟନ୍ତ ସବୁବେଳେ ପିଲାମାନେ ମୋବାଇଲର ବ୍ୟବହାର କରୁଛନ୍ତି । ଫଳରେ ଏହା ପିଲାଙ୍କୁ ମାନସିକ ସ୍ତରରେ ପ୍ରଭାବିତ କରୁଛି । ନା ମନ ସ୍ଥିର ରହୁଛି ନା ଧ୍ୟାନ କେନ୍ଦ୍ରୀଭୂତ ହେଉଛି ।



ବିଶେଷ କରି କୋରୋନା ମହାମାରୀ ପରେ ମୋବଇଲାର ବ୍ୟବହାର ସବୁଠି ବଢ଼ିଛି। ମୋବାଇଲର ବହୁଳ ବ୍ୟବହାର କରି ଛୋଟଛୋଟ ପିଲା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗେମ, ସର୍ଟ କଣ୍ଟେଣ୍ଟ ଭିଡିଓ, ରିଲସ ଆଦି ପିଲାମାନେ ମୋବାଇଲରେ ଦେଖନ୍ତି ।

ହେଲେ ସମ୍ପୂର୍ଣ୍ଣ ଷ୍ଟୋରୀ ନ ଦେଖୁଣୁ ବାରମ୍ବାର ସ୍କିପ କରିଥାନ୍ତି । ଯାହାଦ୍ୱାରା ପିଲାମାନଙ୍କ ମାନସିକ ସ୍ଥିତି ଓ ଗୋଟିଏ ଜିନିଷ ବା ବିଷୟ ବସ୍ତୁ ଉପରେ ଧ୍ୟାନ ଦେବା ଶକ୍ତି ପିଲା ହରାଇ ବସୁଛନ୍ତି । ନୂଆ କିଛି ଚିନ୍ତା ବା ପରିକଳ୍ପନା କରିବାର କ୍ଷମତା ମଧ୍ୟ ନଷ୍ଟ ହେଉଛି ।

ଡାକ୍ତରଙ୍କ କହିବା ଅନୁସାରେ, "ଛୋଟ ପିଲାଙ୍କ ପାଇଁ ଶାରୀରିକ ବ୍ୟାୟାମ ଅତ୍ୟନ୍ତ ଆବଶ୍ୟକ। ଅତ୍ୟଧିକ ମୋବାଇଲ ବ୍ୟବହାର ପରେ ଘରେ ବାପା ମା' ଏବଂ ସମ୍ପର୍କୀୟମାନଙ୍କ ସହ ଆଚରଣ ଓ ଉଚ୍ଚାରଣରେ ଫରକ ଦେଖାଦେଇଥାଏ ।

ଯେମିତିକି ପିଲା ଚିଡିଚିଡ଼ା ହେବା, ଜିଦଖୋର ହେବା ଏବଂ ଅନେକ ସମୟରେ ପିଲାମାନେ ଜୀବନ ହାରିବା ପରି ଚରମ ନିଷ୍ପତ୍ତି ନେଉଛନ୍ତି । ଅନେକ ସମୟରେ ପିଲାମାନେ ଖୁସି ନରହିବା ମଧ୍ୟ ଦେଖାଯାଇଥାଏ । ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ପିଲାଙ୍କର ପାଠପଢାରେ ମନ ଲାଗିନଥାଏ । ଆଗାମୀ ଦିନରେ ଏହାକୁ ନେଇ ସାଂଘାତିକ ପରିସ୍ଥିତି ଉପୁଜିପାରେ ।

# ଦିନକୁ ମୁଠାଏ ଖାଆନ୍ତୁ ଚିନାବାଦାମ

ଚିନାବାଦାମ ହେଉଛି ଗୋଟିଏ ପୁଷ୍ଟିକର ଖାଦ୍ୟ । ଶୀତଋତୁରେ ପ୍ରତିଦିନ ସନ୍ଧ୍ୟାରେ ବାଦାମ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଏହାକୁ ଖାଇବା ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳତା ଆସିବା ସହ ସ୍ୱାସ୍ଥ୍ୟ ଏବଂ ଶକ୍ତି ବୃଦ୍ଧି ପାଇଥାଏ । ହେଲେ ଆପଣ ଜାଣନ୍ତି କି ପ୍ରତିଦିନ ଚିନାବାଦାମ କେତେ ପରିମାଣରେ ଖାଇବା ଉଚିତ। ଏହା ପ୍ରୋଟିନ, ମ୍ୟାଗ୍ନେସିୟମ, ଭିଟାମିନ-ଇ' ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍କୃଷ୍ଟ ଉତ୍ସ । ଶରୀରରେ ଫ୍ୟାଟ ଏବଂ ପ୍ରୋଟିନ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ ବାଦାମ । ତେଣୁ ଦିନକୁ ପ୍ରାୟ ୧୨୦- ୧୭୦ କ୍ୟାଲୋରୀ ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର । ବାଦାମରେ ଥିବା ସୁସ୍ଥ ଚର୍ବି ଏବଂ ଭିଟାମିନ-ଇ ଚର୍ମକୁ ପୋଷଣ ଦେବାରେ ସାହାଯ୍ୟ କରେ । ଏଥିରେ ଥିବା ବାୟୋଟିନ୍ କେଶକୁ ମଜବୁତ କରେ ଏବଂ କେଶ ଝଡିବାକୁ ରୋକିଥାଏ । ଯଦିଓ ଚିନାବାଦାମରେ ପୁଷ୍ଟିସାର ଅଧିକ ରହିଥାଏ, ତଥାପି ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ୍ । ପ୍ରତିଦିନ ଅଧିକ ମାତ୍ରାର ବାଦାମ ଖାଇବା ଦ୍ୱାରା ଓଜନ ବୃଦ୍ଧି ପାଇବା ସହ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ । ଏହାବ୍ୟତୀତ ଆଲର୍ଜି ଥିବା ଲୋକଙ୍କ ପାଇଁ ହାଲୁକା କୁଣ୍ଡେଇ ହେବାଠାରୁ ଜୀବନ ଘାତକ ଆନାଫାଇଲାକ୍ସିସ ପର୍ଯ୍ୟନ୍ତ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ । କାରଣ ଏଥିରେ ଆଫ୍ଲାଟକ୍ସିନ୍ ପରି ବିଷାକ୍ତ ଫଙ୍ଗାଲ ପଦାର୍ଥ ଥାଇପାରେ, ଯାହା ଯକୃତ ସମସ୍ୟା ସୃଷ୍ଟି କରିପାରେ । ଭଲ ପୋଷକ ତତ୍ତ୍ୱ ପାଇବା ପାଇଁ, କଞ୍ଚା ବାଦାମକୁ ଭାଜିବା ପୂର୍ବରୁ କିଛି ଘଣ୍ଟା ପାଇଁ ପାଣିରେ ଭିଜାଇ ରଖନ୍ତୁ ।

ଗୁଡ ସହିତ ବାଦାମ ମିଶାଇ ଚିକି ଭାବେ ଖାଇବା ଦ୍ୱାରା ଲୌହ ଏବଂ ପ୍ରୋଟିନ୍ ଏକାଠି ପାଇବାର ଏକ ସ୍ମାର୍ଟ ଉପାୟ । ଫଳ କିମ୍ବା ସାଲାଡ ସହିତ ବାଦାମ ମିଶାଇ ଖାଇବା ଆଉ ଏକ ସୁସ୍ଥ ବିକଳ୍ପ । କାରଣ ଏହା ସ୍ୱାଦିଷ୍ଟ ଲାଗିବା ସହ ମନ ହାଲୁକା କରିଥାଏ । କୋଲେଷ୍ଟେରଲ୍ ବା ଚର୍ବି କମ୍ କରିବା ପାଇଁ ସିଝା କିମ୍ବା ଶୁଖିଲା-ଭଜା ବାଦାମ ଖାଇବା ଶରୀର ପାଇଁ ହିତକାର । ଚିନାବାଦାମ ଶରୀରକୁ ଉଷ୍ମ ରଖିବା ସହ



ରୋଗ ପ୍ରତିରୋଧକ ଶକ୍ତି ଓ ସ୍ୱାସ୍ଥ୍ୟ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯୋଗାଇଥାଏ । ତଥାପି ବିଶେଷଜ୍ଞମାନେ ଦିନକୁ ଗୋଟିଏ ମୁଠାରୁ ଅଧିକ ବାଦାମ ଖାଇବା ଉଚିତ୍ ନୁହେଁ ବୋଲି ମତ ଦିଅନ୍ତି ।

# ମଲାଇ ପନିର

**ଆବଶ୍ୟକ ସାମଗ୍ରୀ:** ୨୦୦ ଗ୍ରାମ ପନିର, ୧ ଟମାଟୋ, କଟା ୧ ପିଆଜ, କଟା ୧ କ୍ୟାପସିକମ୍, କଟା ୨ ଚାମଚ ଘିଅ, ୧/୨ ଚାମଚ ଜିରା, ୩-୪ଟି ସବୁଜ କଞ୍ଚାଲଙ୍କା, ୨ ଇଞ୍ଚର ଡାଲଚିନି ଷ୍ଟିକ୍, ୨-୩ ଲବଙ୍ଗ, ୧/୨ କପ୍ ଦହି, ୧/୪ କପ୍ କ୍ରିମ୍, ୧ ଚାମଚ କସ୍ତୁରୀ ମେଥି, ୧ ଚାମଚ କଳା ଗୋଲମରିଚ ପାଉଡର, ୧ ଚାମଚ ଗରମ ମସଲା, ୧ ଚାମଚ ଅଦା-ରସୁଣ ପେଷ୍ଟ, ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଅଦା-ରସୁଣ ପେଷ୍ଟ ଏବଂ ସମସ୍ତ ପେଷା ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ଏକ ପ୍ୟାନରେ ଘିଅ ଗରମ କରନ୍ତୁ। ଲବଙ୍ଗ, ଡାଲଚିନି, କଞ୍ଚାଲଙ୍କା ଏବଂ ଜିରା ଭଳି ସମସ୍ତ ମସଲା ପକାଇ ଫଟାନ୍ତୁ। ପନିର ପକାଇ ଭଲ ଭାବରେ ମିଶାନ୍ତୁ। ପିଆଜ, ଟମାଟୋ ଏବଂ ଗୋଲମରିଚ ଭଳି କଟା ପନିପରିବା ପକାନ୍ତୁ। ଗୋଟିଏ ମିନିଟ୍ ପାଇଁ ରାନ୍ଧନ୍ତୁ, ତା'ପରେ ଗରମ କମ କରନ୍ତୁ ଏବଂ ଦହି ଏବଂ କ୍ରିମ୍ ପକାନ୍ତୁ। ଆପଣ ଚାହିଁଲେ ଅଳ୍ପ ପାଣି ଦେଇପାରିବେ। ଶେଷରେ, କସ୍ତୁରୀ ମେଥି ପକାନ୍ତୁ। ସ୍ୱାଦିଷ୍ଟ ମଲାଇ ପନିର ପ୍ରସ୍ତୁତ। ରୋଟି କିମ୍ବା ପରଟା ସହିତ ପରିବେଷଣ କଲେ ଏହା ବିଶେଷ ସ୍ୱାଦିଷ୍ଟ।



# ମୁହଁ ଖୋଲିଲେ କୋରିଓଗ୍ରାଫର ନନ୍ଦିକା



ଭାରତୀୟ କ୍ରିକେଟ ଦଳର ଖେଳାଳି ସ୍ମୃତି ମନ୍ଧାନା ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ମହିଳା ବିଶ୍ୱକପ ଜିତିବା ପରେ କ୍ରିକେଟର ତାଙ୍କ ପ୍ରେମିକ ପଲାଶ ମୁଚ୍ଛଲଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପାରିବାରିକ କାରଣରୁ ବିବାହ ଦିନ ବିବାହ ଉତ୍ସବକୁ ସ୍ଥଗିତ ରଖିବାକୁ ପଡିଥିଲା। ସ୍ମୃତିଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା ଏବଂ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା ପରେ ପଲାଶ ନିଜେ ଅସୁସ୍ଥ ଥିବା ରିପୋର୍ଟ କରାଯାଇଥିଲା। କିନ୍ତୁ ଏହି ସମୟ ମଧ୍ୟରେ ପଲାଶଙ୍କ ସମ୍ପର୍କ ବିଷୟରେ ଗୁଜବ ପ୍ରକାଶ ପାଇବା ଆରମ୍ଭ ହେଲା, ଯାହା ମାମଲାକୁ ଏକ ନୂତନ ମୋଡ଼ ଦେଇଥିଲା। ପଲାଶଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଦୁଇ ଭିନ୍ନ କୋରିଓଗ୍ରାଫରଙ୍କ ନାମ ସାମ୍ନାକୁ ଆସିଥିଲା। କିନ୍ତୁ ବର୍ତ୍ତମାନ ଏହି ଗୁଜବ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଥମେ କୋରିଓଗ୍ରାଫର ଗୁଲନାଜ ଏହି ମାମଲାରେ ତାଙ୍କର ସ୍ପଷ୍ଟୀକରଣ ଦେଇଥିଲେ ଏବଂ ଏବେ ଆଉ ଜଣେ କୋରିଓଗ୍ରାଫର ନନ୍ଦିକା ଦ୍ୱିବେଦୀ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି।

ନନ୍ଦିକା ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଲମ୍ବା ବିବୃତ୍ତି ଶେୟାର କରି ଲେଖିଛନ୍ତି, ଗତ କିଛି ଦିନ ଧରି, ମୁଁ ମୋ ନାମକୁ ଏପରି ଏକ ପରିସ୍ଥିତି ସହିତ ଯୋଡା ହେଉଥିବା ଦେଖୁଛି ଯାହା କାହାକୁ ଗଭୀର ବ୍ୟକ୍ତିଗତ ଦୁଃଖ ଦେଇଛି। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ମୋ ବିଷୟରେ କରାଯାଉଥିବା ଅନୁମାନ ଏବଂ ମୁଁ କାହା ସମ୍ପର୍କରେ ହସ୍ତକ୍ଷେପ କରିଛି ବୋଲି ଦାବି ସମ୍ପୂର୍ଣ୍ଣ ମିଥ୍ୟା। ମୁଁ ଯାହାର ଏକ ଅଂଶ ମଧ୍ୟ ନୁହେଁ, ସେଥିରେ ନିଜକୁ ଜଡିତ ପାଇବା ମୋ ପାଇଁ ବହୁତ ଦୁଃଖଦ। ଏହି ଭିତ୍ତିହୀନ କାହାଣୀ କାହାଣୀକୁ କିପରି ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି ତାହା ବୁଝିବା ମଧ୍ୟ ବହୁତ କଷ୍ଟକର। ତାଙ୍କ ବକ୍ତବ୍ୟ ଶେଷ କରି ନନ୍ଦିକା କହିଛନ୍ତି, ଦୟାକରି ବୁଝନ୍ତୁ ଯେ ଏଥିରୁ ବାହାରିବା ମୋ ପାଇଁ ସହଜ ହେବ ନାହିଁ। ମୁଁ ମିଥ୍ୟା ଅଭିଯୋଗକୁ ସହ୍ୟ କରିପାରୁନାହିଁ। ମୋ ବିଷୟରେ ଚିନ୍ତା କରୁଥିବା ଲୋକଙ୍କୁ ବହୁତ ଅସୁବିଧାରେ ପକାଉଛି। ଏହା ମୋର ମାନସିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି।

## ବରେନ୍ଦ୍ରକୃଷ୍ଣ ଧଳ ଅଷ୍ଟମ ସ୍ମାରକୀ ବକ୍ତୃତା

# 'ନୂଆ ଟେକ୍ନୋଲୋଜିର ବ୍ୟବହାର ପ୍ରତି ଧ୍ୟାନ ଦିଆନଗଲେ ତାହା ସମାଜ ପାଇଁ ବିପଜ୍ଜନକ ହେବ'



ଭୁବନେଶ୍ୱର, (ପିପିଏସ୍): ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ବା ନୂତନ ବୈଷୟିକ ଜ୍ଞାନ ପ୍ରୟୋଗର ସକରାତ୍ମକ ଦିଗ ପ୍ରତି ଏବେଠାରୁ ଉପଯୁକ୍ତ ଧ୍ୟାନ ଦିଆନଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବ ଜଗତ ପାଇଁ ଅତ୍ୟନ୍ତ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଦାସଗୁପ୍ତା ବକ୍ତୃତା ପ୍ରଦାନ କରିଥିଲେ। ସେ



କହିଥିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଉଭୟ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। "ଗଣମାଧ୍ୟମ, ଗଣତନ୍ତ୍ର ଏବଂ ସୁଶାସନ;ପାରମ୍ପରିକ ବନାମ ନୂତନ ଗଣମାଧ୍ୟମର ଭୂମିକା" ଶୀର୍ଷକ ବିଷୟବସ୍ତୁ ଉପରେ ଶ୍ରୀ ଦାସଗୁପ୍ତା ବକ୍ତବ୍ୟ ପ୍ରଦାନ କରି ଭାରତୀୟ ଗଣମାଧ୍ୟମର କ୍ରମବିକାଶ ଓ ଦେଶଗଠନରେ ତାହାର ପ୍ରମୁଖ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ନୂଆ ଟେକ୍ନୋଲୋଜିକୁ ଗ୍ରହଣ ଓ ପ୍ରୟୋଗ କଲାବେଳେ ତାହାର ସମସ୍ତ ଦିଗ ପ୍ରତି ସଜାଗ ଦୃଷ୍ଟି ରଖିବା ଅତ୍ୟନ୍ତ ଜରୁରୀ। ଏଥିସହିତ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ବହୁମୁଖୀ ପ୍ରତିଭା ରହିଥିବା ଦର୍ଶାଇଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ଦୃଷ୍ଟିରୁ ସମାଜର ସାମୂହିକ ସ୍ୱାର୍ଥ ଏବଂ ଜନଗଣଙ୍କ ପ୍ରକୃତ ସମସ୍ୟାକୁ ଯଥାର୍ଥ ଭାବେ ଠିକଣା ଢଙ୍ଗରେ ଲୋକଲୋଚନକୁ ଆଣିବା ଦିଗରେ ଗଣମାଧ୍ୟମ ବିଶେଷକରି ମୁଦ୍ରିତ ଓ ବୈଦ୍ୟୁତିକ ସମେତ ସାମାଜିକ ଗଣମାଧ୍ୟମ ତାଙ୍କର ଭୂମିକାକୁ ନିଷ୍ଠାର ସହ ପାଳନ କରିବା ପାଇଁ ଶ୍ରୀ ଦାସଗୁପ୍ତା ପରାମର୍ଶ ଦେଇଥିଲେ।

ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ତାଙ୍କ ବକ୍ତବ୍ୟରେ କହିଥିଲେ ଦୀର୍ଘ ୫ ଦଶନ୍ଧି ଧରି ବରେନ୍ଦ୍ରକୃଷ୍ଣ ଧଳ ଓଡ଼ିଶାରେ ନିଚ୍ଛକ ସାମ୍ବାଦିକତା ନିର୍ଭୀକତାର ସହ ଯେପରି ଚଳାଇ ଆସିଥିଲେ ତାହା ଏବର ସାମ୍ବାଦିକମାନେ ତାଙ୍କ ପାଖରେ ଦେଖାଯାଉନାହିଁ। ବାସ୍ତବ କ୍ଷେତ୍ରରେ ସେ ସମାଜର ପ୍ରକୃତ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଯେଉଁଭଳି ଭାବେ କଲମ ଚାଳନା କରିଥିଲେ ଏବଂ ସେଥିରେ ପ୍ରତିଷ୍ଠା ଲାଭ କରିଥିଲେ ତାହା ବିରଳ। ସାମ୍ବାଦିକତା ସହ ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା ଓ ସଂଗଠନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା ଯାହା ଆଜିର ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ ହେବ ବୋଲି ଶ୍ରୀ ମହତାବ କହିଥିଲେ।

ବିଶିଷ୍ଟ ଅତିଥି ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢ଼ା ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳଙ୍କ ସାମ୍ବାଦିକତା ଜୀବନୀ, ସମାଜସେବା ଓ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପ୍ରଚାର ପ୍ରସାର ଦିଗରେ ରହିଥିବା ପ୍ରମୁଖ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ଶ୍ରୀ ପ୍ରଦୋଷ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବକ୍ତୃତାମାଳା କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଚଳିତବର୍ଷ ଢେଙ୍କାନାଳ ଆଇଆଇଏମ୍‌ସିରୁ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦିବାଲିନା ବେହେରା ଏବଂ ପ୍ରଥମଥର ପାଇଁ ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ କୃତୀ ପ୍ରତିଭାଧର ଭାବେ ମନୋନିତ ହୋଇଥିବା ବିଶିଷ୍ଟ ଗାଳ୍ପିକା ସ୍ୱପ୍ନା ମିଶ୍ରଙ୍କୁ ନ୍ୟାସ ପକ୍ଷରୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନରେ



ସ୍ୱତନ୍ତ୍ର ଭାବେ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀ ଦିବାଲିନାଙ୍କୁ ନ୍ୟାସ ପକ୍ଷରୁ ନଗଦ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପଶ୍ଚିମା ପବ୍ଲିକେଶନର ମୁଖ୍ୟ ତଥା ନ୍ୟାସର ଅନ୍ୟତମ ଟ୍ରଷ୍ଟି ଶ୍ରୀ ଅଶୋକ ମହାନ୍ତି ବକ୍ତୃତାମାଳା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଶତ୍ରୁଜିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବକ୍ତୃତାମାଳା କାର୍ଯ୍ୟକ୍ରମ ଆରମ୍ଭରେ ବରେନ୍ଦ୍ରକୃଷ୍ଣ ଧଳଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ, ରାଜନେତା ଓ ବୁଦ୍ଧିଜୀବୀଗଣ ଯୋଗ ଦେଇଥିଲେ।

# 'କିସ୍'ର ୫ମ ବାର୍ଷିକ ସମାବର୍ତ୍ତନ ଉତ୍ସବ



ସମ୍ମାନସୂଚକ ଡକ୍ଟରେଟ୍ ପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିବିଶେଷ





କିସ୍‌ର ଛାତ୍ରଛାତ୍ରୀ ଏବଂ ଆମନ୍ତ୍ରିତ ଅତିଥିବୃନ୍ଦ









ପ୍ରଜାତନ୍ତ୍ର ପାଠଚକ୍ରରେ ପ୍ରାକୃତିକ ଦୁର୍ବିପାକ ଓ ଦାରିଦ୍ର୍ୟ ସମ୍ପର୍କିତ ଆଲୋଚନା

## ଗଞ୍ଜାମ ଜିଲ୍ଲାରେ ଡିସେମ୍ବର ୨୩ରୁ ଧାନକିଣା

# ଚଳିତବର୍ଷ ୬୪ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ଲକ୍ଷ୍ୟ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଗୋପାଳପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଯୋଗଦେଇ ଜିଲ୍ଲାର କିପରି ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ସୁରଖୁରରେ ଧାନ ସଂଗ୍ରହ ହେବ ସେଥିପ୍ରତି ପଦକ୍ଷେପ ନିଆଯିବ। ମିଲର, ଚାଷୀ ଓ ପ୍ୟାକସ ଉତ୍ତମ ସମନ୍ୱୟରଖି ସମସ୍ତ ଚାଷୀଙ୍କ ଧାନ କିଣାଯିବ। ଜିଲ୍ଲାର ସମସ୍ତ ମଣ୍ଡିରେ ଚାଷୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ସୁଯୋଗର ବ୍ୟବସ୍ଥା ରହିବ। କାଗଜ କଲମରେ କାର୍ଯ୍ୟକାରୀ ନକରି ବାସ୍ତବତା ମଧ୍ୟରେ ମଣ୍ଡିଗୁଡିକରେ ଚାଷୀଙ୍କ ନିମନ୍ତେ ସମସ୍ତ ସୁବିଧା ଉପଲବ୍ଧ ରହିବ। ରାଜ୍ୟ ସରକାରଙ୍କ ଧାନର ମୂଲ୍ୟ ସହ ୮୦୦ଟଙ୍କା ବୋନସ ଘୋଷଣାପରେ ଜିଲ୍ଲାରେ ଗଲା ବର୍ଷ ଚାଷୀଙ୍କ ମେରୁଦଣ୍ଡ ସଳଖ ହୋଇପାରିଛି। ଜିଲ୍ଲା ତଥା ରାଜ୍ୟରେ ଚାଷୀ ଚାଷ କରିବା ପାଇଁ ଉତ୍ସାହ ରଖିଛନ୍ତି। ଚଳିତ ବର୍ଷ ମଧ୍ୟ ଗଲା ବର୍ଷଠୁ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଜିଲ୍ଲାରେ ଆହୁରି ଭଲ ରହିବା ଗଞ୍ଜାମ ଜିଲାରେ ଡିସେମ୍ବର ୨୩ରୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବ। ଯଦି ଚାଷୀଙ୍କ ଧାନ ଅମଳକୁ ଦୃଷ୍ଟିରେ ଯେଉଁ ଅଞ୍ଚଳରେ ଧାନ ବିକ୍ରି ପାଇଁ ଚାଷୀ ଆଗୁଆ ଉତ୍ସାହ ଅଛନ୍ତି ତାହାକୁ ନେଇ ମଧ୍ୟ ପଦକ୍ଷେପ



ନିଆଯିବ। ବିଶେଷକରି ଜିଲ୍ଲାରେ ଖଣିପକା ଧାନ ପାଇଁ ଯେଉଁ ସ୍ୱତନ୍ତ୍ର ପରିଚୟ ଥିଲା ତାହାକୁ ଫେରାଇବା ନିମନ୍ତେ ଚାଷୀ ଓ ମିଲରମାନେ ଉଦ୍ୟମ କରାଗଲେ ଭଲ ହେବ ଏଥିପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ଅଧିକ ଚାଷୀ ଧାନ ବିକିବେ। ୧ଲକ୍ଷ ୫୬ହଜାର ୭୧୩ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହିବର୍ଷ ପଞ୍ଜୀକୃତ ଚାଷୀମାନଙ୍କ ମଧ୍ୟରୁ ଯୋଗ୍ୟ ଚାଷୀଙ୍କ ତର୍ଜମା ପ୍ରକ୍ରିୟା ଚାଲୁ ରହିଛି। ଜିଲ୍ଲାରେ ଚଳିତ ବର୍ଷ ୩୬୬ଟି ପ୍ୟାକ୍ସ, ଗୋଟିଏ ପାଣି ପଞ୍ଚାୟତ ଏବଂ ୧୦୯ଟି ଏସ୍‌ଏଚ୍‌ଜିଗ୍ରୁପ୍‌କୁ ଧାନ ସଂଗ୍ରହ କରିବାକୁ ଦାୟୀତ୍ୱ ଦିଆଯାଇଛି। ଜିଲ୍ଲାରେ ଗଲାବର୍ଷ ୬୦ଲକ୍ଷ ୫୮ହଜାରରୁ ଅଧିକ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଏହିବର୍ଷ ୬୪ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀଙ୍କ ଠାରୁ ୩୬ଲକ୍ଷ ୫୬ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। ପ୍ରାରମ୍ଭରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ସଭାପତିତ୍ୱରେ ବୈଠକ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାର ସମସ୍ତ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ପରେ ଚାଷୀ ନେତା ଓ ମିଲରମାନେ ଏବଂ ଉପସ୍ଥିତ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ କୁମାର ନାୟକ, ଦିଗପହଣ୍ଡି ବିଧାୟକ ଡ଼ଃ.ସିଦ୍ଧାନ୍ତ ମହାପାତ୍ର ନିଜ ନିଜ ବକ୍ତବ୍ୟରେ ଜିଲ୍ଲାର ସମସ୍ତଚାଷୀଙ୍କ ଧାନ କିପରି ସୁରୁଖୁରୁରେ କିଣାଯାଇପାରିବ ମତାମତ ରଖିଥିଲେ।

## ଭିଜିଲାନ୍‌ସ ହାତରେ ଧରାପଡ଼ିଲେ ଏନ୍‌ଏସି ଅମିନ



ଚାରିଛକ,(ପି ପି ଏସ) ନିମାପଡ଼ା ଏନ.ଏ.ସି ର ଅମିନ ବିଜୟ କୁମାର ଗ୍ରହଚାର୍ଯ୍ୟ ଏନ.ଏ.ସି ଅଫିସରେ ଲାଞ୍ଚ ନେଉଥିବା ସମୟରେ ଭିଜିଲାନସ ହାତରେ ଧରାପଡ଼ିଛନ୍ତି। ପୂର୍ବ ବିଜେଡ଼ି ସରକାର ସମୟରେ ଅମିନ ବିଜୟଙ୍କ ଯେଭଳି ଦବଦବା ଥିଲା ନୂଆ ସରକାର ରେ ମଧ୍ୟ ସେହିଭଳି ଦବଦବା ଜାରିରହିଥିଲା। ବିଭିନ୍ନ କାମରେ ପରିଷଦର ସାଧାରଣ ଲୋକଙ୍କୁ ଲୁଟି ରାଜନୈତିକ ନେତା ମାନଙ୍କୁ ତୁଷ୍ଟ କରି ରଖିଥିଲେ। ମିଳିଥିବା ସୂଚନାରୁ ପ୍ରକାଶ ଯେ, ନିମାପଡ଼ା ନିକଟସ୍ଥ ତୋରିହଁବନ୍ଧ ଗ୍ରାମର ରଘୁନାଥ ଦାସ ନାମକ ବ୍ୟକ୍ତିଙ୍କର ଏନ.ଏ.ସି ର ୧୧ ନଂ ୱାର୍ଡ଼ ଅନ୍ତର୍ଗତ ଭୁବନପୁର ଗ୍ରାମରେ କିଛି ଜମି ଥିଲା। ସେହି ଜମି ଉପରେ ଗୃହ ନିର୍ମାଣ କରିବାକୁ ଏନ.ଏ.ସି ର ଘର ନିର୍ମାଣ ପ୍ଲାନର ଆବଶ୍ୟକତା ରହିଛି।ସେ ଏ ନ ଏ ସି ର ଅମିନ ବିଜୟ ଗ୍ରହଚାର୍ଯ୍ୟ ସହ ଯୋଗାଯୋଗ କରିବାରୁ ୩୦ ହଜାର ଟଙ୍କା ଦେଲେ ପ୍ଲାନ ଅନୁମୋଦନ ହୋଇଯିବ। ତମେ ଘର ତିଆରି କରିବ ବୋଲି ବିଜୟ କହିଥିଲେ। ଟଙ୍କା ରଘୁନାଥ କିସ୍ତି ରେ ଦେବେ ବୋଲି ତାଙ୍କୁ କହିବାରେ ସେ ରାଜି ହୋଇଥିଲେ। ପ୍ରଥମେ ରଘୁନାଥ ଦାସ ୧୩ ହଜାର ଟଙ୍କା ବିଜୟ ବାବୁଙ୍କୁ ଦେଇଥିଲେ। ଅବଶିଷ୍ଟ ୧୭ ହଜାର ଟଙ୍କା ବିଜୟ ଦାବି କରିବାରୁ ରଘୁନାଥ ଭୁବନେଶ୍ୱର ଭିଜିଲାନସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଭୁବନେଶ୍ୱର ଭିଜିଲାନସ ବିଭାଗର ୭ ଜଣିଆ ଦଳ ଏନ.ଏ.ସି ଅଫିସ ରେ ଛକି ବସିଥିବା ବେଳେ ରଘୁନାଥ ବିଜୟଙ୍କୁ ଅବଶିଷ୍ଟ ୧୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଭିଜିଲାନ୍ସ ଅଧିକାରୀ ମାନେ ତତକ୍ଷଣାତ ସେଠାରେ ଚଢ଼ାଉ କରି ବିଜୟଙ୍କୁ ମାଡ଼ି ବସିଥିଲେ। ତାଙ୍କ ନିକଟରୁ କେମିକାଲ ରଙ୍ଗ ମରା ୧୭ ହଜାର ଟଙ୍କା କୁ ଜବତ କରା ଯାଇଥିଲା। ଦୀର୍ଘଦିନ ଧରି ନିମାପଡ଼ା ଏନ.ଏ.ସି ରେ ବିଜୟଙ୍କ ରାଜ ଚାଲି ଆସିଥିଲା। ଏନ.ଏ.ସି ର ସମସ୍ତଙ୍କୁ କରାୟତ କରି ଏଇ କିଛିବର୍ଷ ମଧ୍ୟରେ କୋଟିଏ ରୁ ଉର୍ଦ୍ଧ ଟଙ୍କା ବିଜୟଙ୍କ ମାଧ୍ୟମରେ ଅଧିକାରୀ ମାନେ ଆଦାୟ କରି ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ଅଧିକାରୀ ମାନେ ବିଜୟ ଙ୍କ ଘର ଓ ସରକାରୀ ଘରେ ଚଢ଼ାଉ କରି ଅଧିକ ତଦନ୍ତ ଚଳାଇଛି।

## ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ



କନ୍ଧମାଳ:କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡିର ଗୀତାଞ୍ଜଳି ମହାରଣା କ୍ରିଟିକାଲ ନିମୋନିଆରେ ସଂକ୍ରମିତ ହୋଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ହେଉଛନ୍ତି। ସେ ଅତି ଗୁରୁତର ରହିଥିବା ବେଳେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ଏବେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଥିବା ବେଳେ ଗୀତାଞ୍ଜଳୀଙ୍କ ପାଇଁ ତାଙ୍କ ଭାଇ ତଥା ସମାଜସେବୀ ଦିନବନ୍ଧୁ ମହାରଣା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଏଥିସହ ସେ ସମସ୍ତଙ୍କୁ ଏଥିପାଇଁ ନିବେଦନ କରିଛନ୍ତି ଏହି ବିପତ୍ତିରୁ ସରକାର ତାଙ୍କୁ ସୁରକ୍ଷା ଦେବାସହ ଅଧିକା ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।ସୂଚନା ଯୋଗ୍ୟଯେ ଗୀତାଞ୍ଜଳୀଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ରହିଛି ସେଥିରେ ସେ ମାଗଣା ଚିକିତ୍ସା ସୁବିଧା ପାଉ ନ ଥିବା ନେଇ ଭାଇ ଦୀନବନ୍ଧୁ କହିଛନ୍ତି। ବର୍ତ୍ତମାନ ସାଧାରଣ ଲୋକ ଏବଂ ସରକାର ତାଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

## ବ୍ୟବହାରିକ ତାଲିମ



ବ୍ରହ୍ମପୁର(ପିପିଏସ୍): ଓଡିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ବ୍ରହ୍ମପୁର ଦ୍ୱାରା ପ୍ରଥମ ଏକ ଦିବସୀୟ ପାରସ୍ପରିକ ବ୍ୟବହାରିକ(ଭୂମିକା) ତାଲିମ କାର୍ଯ୍ୟକ୍ରମ ଆଞ୍ଚଳିକ ନ୍ୟାୟିକ ଏକାଡେମୀ ବ୍ରହ୍ମପୁର ଠାରେ ଆୟୋଜିତ ହୋଇଯାଇଛି । ଏହି ତାଲିମରେ ନୟାଗଡ଼ , ଫୁଲବାଣୀ, ମାଲକାନଗିରି, ଗଜପତି, ନବରଙ୍ଗପୁର, ରାୟଗଡ଼ା, କୋରପୁଟ ଓ କଳାହାଣ୍ଡିର ଜିଲ୍ଲା ଜଜ୍ ଏବଂ ଉକ୍ତ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବମାନେ ଅଂଶଗ୍ରହଣ କରିଥିଲେ । ଏମ୍ପିପିସି, ସୁପ୍ରିମକୋର୍ଟ ଅଫ ଇଣ୍ଡିଆର ସିନିୟର ଟ୍ରେନର ଭି.ପି.ଥନକଚନ ତାଲିମ ପ୍ରଦାନ କରିଥିଲେ । ଭାରପ୍ରାପ୍ତ ଡେପୁଟି ଡାଇରେକ୍ଟର ବ୍ୟୋମକେଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ



ବ୍ରହ୍ମପୁର(ପିପିଏସ୍): ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର କ୍ଲବ ତରଫରୁ ରବିବାର ମହୁଡ଼ା ରୋଡ ଘଟକେଶ୍ୱର ନିକଟ ବଳିଆପୁଟ ଆଦିବାସୀ ଗ୍ରାମରେ କମ୍ବଳ ଓ କେକ ବଣ୍ଟନ କରାଯାଇଛି । ସଂଘ ସଭାପତି ନୃସିଂହପ୍ରସାଦ ପଟ୍ଟନାୟକଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରି ସଭାପତି କାମନା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ନାଗେଶ୍ୱର ପୃଷ୍ଟି, କୋଷାଧ୍ୟକ୍ଷ ଡ଼ାକ୍ତର ସମିର କୁମାର ନାୟକ, ଉପଦେଷ୍ଟା ଲଡୁକିଶୋର ପାତ୍ର, ସଂଯୋଜକ ସୁଶାନ୍ତ କୁମାର ପାଢ଼ୀ, ରମେଶ କୁଣ୍ଡୁ, ଶଙ୍କର ସାହୁ, ରାଜେନ୍ଦ୍ର ପ୍ରଧାନ ଓ ଶିବରାମ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

**ଭଞ୍ଜ ଟ୍ରଫି-୨୦୨୫**

## ଭଞ୍ଜନଗର ମରାଠା ଏକାଦଶ ଚାମ୍ପିଅନ୍



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଲ୍ ପଡ଼ିଆରେ ଚାଲିଥିବା ଭଞ୍ଜ ଟ୍ରଫି-୨୦୨୫ର ଫାଇନାଲ ମ୍ୟାଚ୍ ରବିବାର ସୁନ୍ଦରଗଡ ଦୋସ୍ତି ଫୁଟବଲ କ୍ଲବ ସହ ଭଞ୍ଜନଗର ମରାଠା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମରାଠା ଏକାଦଶ ୩-୧ଗୋଲରେ ଚାମ୍ପିଅନ ହୋଇଛି। ମରାଠା ଏକାଦଶ ଏକ ପାଖିଆଭାବେ ବିଜୟୀ ହୋଇଛି। ଏଥିସହ ଶ୍ରେଷ୍ଠ ଗୋଲ କିପର ସୁନ୍ଦରଗଡର ବିଷ୍ଣୁ, ଶ୍ରେଷ୍ଠ ଡିଫେଣ୍ଡର ଖେଳାଳି ମରାଠା ଏକାଦଶର ସିପୁ , ମ୍ୟାନ୍ ଅଫ ଦି ମ୍ୟାଚ୍ ମରାଠା ଏକାଦଶର ଜଳିଆ, ମ୍ୟାନ ଅଫ୍ ଟୁର୍ଣ୍ଣାମେଣ୍ଟ ସୁନ୍ଦରଗଡ଼ର ଆକାଶ ଓରାମଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୫୫ହଜାର ୫୫୫ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ରନର୍ସଅପ୍ ସୁନ୍ଦରଗଡ଼ ଦଳକୁ ୩୩ହଜାର ୩୩୩ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ନାୟକ କହିଥିଲେ ଯେ, କ୍ରୀଡ଼ାକ୍ଷେତ୍ରରେ ଘୁମୁସର ମାଟି ବହୁ ଆଗକୁ ଯାଇଥିଲା। ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ଏଥିପ୍ରତି ଅବଦାନ ବିଶେଷଥିଲା। ବର୍ତ୍ତମାନ ଘୁମୁସର ମାଟିର କ୍ରୀଡ଼ାର ବିକାଶ ଦାୟୀତ୍ୱ ମୁଁ ବିଧାୟକ ନିର୍ବାଚିତ ହେବାପରେ ନେଇଛି। ଆଗାମୀ ଦିନରେ ଏହି ଖେଳପଡିଆର ବିକାଶ ମଧ୍ୟ କରାଯିବ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଏସ୍‌ଡ଼ିପିଓ ଡା.ଦୀପକ କୁମାର ମିଶ୍ର, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସଭାରେ ଭଞ୍ଜ ଟ୍ରଫି ଆୟୋଜକ କମିଟିର ସଭାପତି ବିଷ୍ଣୁପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ସୁଶାନ୍ତ ବେହେରା ସଂଯୋଜନା କରିଥିଲେ। ଆଜିର ମ୍ୟାଚ୍‌ରେ ରେଫରୀ ଶିବଶଙ୍କର ପଣ୍ଡା ଥିବାବେଳେ ଲାଇନ୍ସ ମ୍ୟାନ ରୋଷନ ଖାନ, ସୁଜିତ୍‌ରାଜ ହଂସ, ଦିଲୀପ କୁମାର ରାଉତ, ବିଚିତ୍ର ଜେନା ଥିଲେ। ପି.ରମେଶ ମ୍ୟାଚ୍ କମିଶନର ଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ଫୁଟବଲ ଖେଳାଳି ମିଲନ ବେହେରା, ସୁଧିର କୁମାର ବେହେରା, ପି.ଆନନ୍ଦ ରାଓ, ବିଚିତ୍ର ଜେନା, ଗଣେଶ ବାହାଦୂର, ରାଧାକାନ୍ତ ନାୟକ, ସୁବାଷ ଚନ୍ଦ୍ର ଗୌଡ଼, ପି.କାର୍ତ୍ତିକ ରାଓ, ଦିଲୀପ କୁମାର ବେହେରା, ଗୌରୀ ମହାରଣା, ରମେଶ ବେହେରା, ବାବୁ ମହାନ୍ତି, ଏ.ନାରାୟଣ, ଏ.କ୍ରିଷ୍ଣା, ଉଷାକାନ୍ତ ପଟ୍ଟନାୟକ, ଶରତ କୁମାର ମହାନ୍ତି, ବାବୁ ମହାନ୍ତି, କୁଲୁ ସାମନ୍ତ, ଆଶିଷ ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଶୁଖୁଆରେ ଫର୍ମାଲିନ୍ ବ୍ୟବହାର ନେଇ ଚିନ୍ତାରେ ଖାଉଟି

ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଶୁଖୁଆର ଆଦର ଦେଶ ବିଦେଶରେ ରହିଛି। ଏଠାରେ ଅଧିକ ପରିମାଣ ଉତ୍ପାଦନ ମଧ୍ୟ ହେଉଛି। କିନ୍ତୁ ବାରମ୍ବାର ସତର୍କତା ସତ୍ତ୍ୱେ ଶୁଖୁଆରେ ବ୍ୟବହାର ହେଉଛି କ୍ଷତିକାରକ ଫର୍ମାଲୀନ। ଏଥିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲଗାମ ରହୁଛି ନାଁ ସଚେତନ କରାଯାଉଛି। ଫଳରେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ସୃଷ୍ଟି ହେଉଛି।

### ହେଉନି ଚଢ଼ଉ, ବଢୁଛି ଅସନ୍ତୋଷ

ପ୍ରଶାସନିକ ଅବହେଳାର ସୁଯୋଗ ନେଇ କିଛି ଶୁଖୁଆ ବେପାରୀ ଏଭଳି ବେନିୟମ କାମ କରିଚାଲିଛନ୍ତି। କିନ୍ତୁ କିଛି ବର୍ଷ ହେବ ଅସ୍ତରଙ୍ଗ ଅଞ୍ଚଳ ଶୁଖୁଆର ମାନ ବିଗିଡିବାରେ ଲାଗିଛି। ଯାହା ସ୍ୱାସ୍ଥ୍ୟ ପକ୍ଷେ ବହୁତ କ୍ଷତିକାରକ ବୋଲି ଖାଉଟି ଙ୍କ ମହଲରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ପ୍ରାକୃତିକ ଉପାୟରେ ଶୁଖୁଆ ଖଳାରେ ଅତି ଉଚ୍ଚ ମାନର ଶୁଖୁଆ



ପ୍ରସ୍ତୁତ ହେଉଥିଲା। ଏଥିପାଇଁ କିଛି ଦିନ ସମୟ ଲାଗୁଥିଲା। ୭ଦିନ ଖରାରେ ଶୁଖାଇବାକୁ ପଡୁଥିଲା।ସେ ଶୁଖୁଆ ବହୁ ଦିନ ପର୍ଯ୍ୟନ୍ତ ଗଛିତ ରହିପାରିବ। ଅସ୍ତରଙ୍ଗରୁ ଟନ ଟନ ଶୁଖୁଆ ଟ୍ରକ ମାଧ୍ୟମରେ ରାଜ୍ୟ ତଥା ବାହାର ରାଜ୍ୟ କେରଳ, ଛତିଶଗଡ ଆଦି ରାଜ୍ୟକୁ ଯାଇଥାଏ। ସେଥିରୁ ବୋରେଇ, ଲାଞ୍ଜି, କଣ୍ଟିଆ, ଚିଙ୍ଗୁଡ଼ି, ଖଇଂଗା, କୋକଲି ଆଦି ରପ୍ତାନି କରାଯାଇଥାଏ ବୋଲି ଶୁଖୁଆ ଖଳା ର ବ୍ୟବସାୟୀ ଲିଟୁ ବରାଳ କହିଛନ୍ତି। କିନ୍ତୁ ଏବେ କାର ଶୁଖୁଆ ବେଶି ଦିନ ପର୍ଯ୍ୟନ୍ତ ରହି ପାରୁନାହିଁ। କାରଣ ଶୁଖୁଆ ପ୍ରସ୍ତୁତ ହେବା ମାରେ କ୍ଷତିକାରକ ଫର୍ମାଲୀନ ପକାଯାଉଛି। ରାସାୟନିକ ଫର୍ମାଲୀନ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ। ଫୁସଫୁସ, ଖାଦ୍ୟନଳୀ, ପାକସ୍ଥଳୀ ଏପରିକି କିଡ଼ନି ଉପରେ ମଧ୍ୟ ଏହାର ପ୍ରଭାବ ପଡିଥାଏ ବୋଲି ଡକ୍ଟର ସୂଚନା ଦେଇଛନ୍ତି। ଏହି ଫର୍ମାଲୀନ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ ବ୍ୟାନ କରାଯାଇଛି। କିନ୍ତୁ ପଲିଥିନି ବ୍ୟାନ ଭଳି ଫର୍ମାଲୀନ ବ୍ୟାନ ହୋଇଥିବା ବେଳେ ବହୁଳ ବ୍ୟବହାର ମଧ୍ୟ ହେଉଛି ବୋଲି ଖାଉଟି ଦିଜବର ମହାନ୍ତି, କୃଷ୍ଣ ବେହେରା କହିଛନ୍ତି। ଏ ସମ୍ପର୍କ ରେ ମତ୍ସ୍ୟଜୀବି ଦିଲ୍ଲୀପ ବେହେରା କହିଛନ୍ତି, ମାଛ ଯେତେବେଳେ ପ୍ରଚୁର ପରିମାଣ ରେ ସମୁଦ୍ର କୂଳରେ ଧରାଯାଏ। ଏହାକୁ ଶୁଖୁଆ ଖଳାରେ ପ୍ରାକୃତିକ ଉପାୟରେ ଶୁଖାଇ ଗଛିତ ରଖାଯାଇ ଥାଏ। ଯେତେବେଳେ କୂଳ ଫିସିଂ ବନ୍ଦ ରହେ ସେତେବେଳେ ଏହାର ବିକ୍ରି ମଧ୍ୟ ଭଲ ହୋଇଥାଏ। କିନ୍ତୁ ଏବେ ମାଛରେ କେମିକାଲ ଦେବାରୁ ଶୁଖୁଆର ମାନ ଖରାପ ହୋଇଯାଉଛି। ଏ ସମ୍ପର୍କ ରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି ଏ ଘଟଣା ସମ୍ପର୍କରେ ଖୁବ ଶୀଘ୍ର ଚଢ଼ାଉ କରାଯାଇ ଶୁଖୁଆ ନମୁନା ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି। କୋଣାର୍କ ପ୍ରେସକ୍ଲବ ପକ୍ଷରୁ ୧୦ମ ମିନି ସାଇକ୍ଲୋଥନ ଅନୁଷ୍ଠିତ।

## ସଚେତନତା ବାର୍ତ୍ତାକୁ ନେଇ ଗଡ଼ିଲା ସାଇକେଲ

କୋଣାର୍କ(ପି ପି ଏସ):-କୋଣାର୍କ ଉତ୍ସବ ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ କ୍ଲବ ଆନୁକୂଲ୍ୟରେ ଏକ ମେଗା ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବକ ମଧୁସୂଦନ ସିଂହାରୀ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ସଂଜୟ କୁମାର ପତି, କୋଣାର୍କ ଏନଏସି କାଉନସିଲର ସୌମ୍ୟ ସୌରଭ ଦାଶ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୁଷଣ ନାୟକ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, ଭାଜପା କୋଣାର୍କ ମଣ୍ଡଳ ସଭାପତି ଗୋପିନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆମ ଐତିହ୍ୟ ଆମ ଗୌରବର ବାର୍ତ୍ତା ନେଇ ଅନୁଷ୍ଠିତ ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ସାଇକେଲ ଚଳାଇବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନର ଏକ ଉତ୍ତମ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ପରେ ପରେ ସୂର୍ଯ୍ୟ ମନ୍ଦିର ପରିସରରୁ ଆମ ଐତିହ୍ୟ ଆମ ସଂସ୍କୃତି, ସାଇକେଲ ଚଲାଅ ସୁସ୍ଥ ରୁହ ର ବାର୍ତ୍ତା ବହନ କରୁଥିବା ମେଗା ସାଇକ୍ଲୋଥନ ସଚେତନତା କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିରର



ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକ ଓ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ସମେତ ଅନ୍ୟ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ମାନେ ସଚେତନତାର ବାର୍ତ୍ତା ଛିଞ୍ଚନ କରି ସାଇକେଲ ଯୋଗେ ଦୀର୍ଘ ୧୦ କିମି ରାସ୍ତା ରାମଚଣ୍ଡୀ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହୋଦଧି ଏକାଡେମୀର ଅଧ୍ୟକ୍ଷ ଶୁଭ୍ରଜିତ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ, ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ରଙ୍କୁ ବାଦଲ ଦାଶ ସ୍ମୃତି ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁଙ୍କୁ ସ୍ୱର୍ଗତ ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନରେ ଔପଢକନ, ଉତ୍ତରୀୟ ଓ ସିଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚଣ୍ଡୀ ଠାରେ ସାଇକ୍ଲୋଥନ କାର୍ଯ୍ୟକ୍ରମ ଉଦଯାପନୀ ସମାରୋହ ରେ ଅତିଥି ଭାବରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତି ସଭ୍ୟ କାଶିନାଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଂଶଗ୍ରହଣ କାରୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସଂପାଦକ ବିଚିତ୍ର ଓଝା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ପ୍ରେସ କ୍ଲବର କୋଷାଧ୍ୟକ୍ଷ ଦୀପ୍ତି ରଞ୍ଜନ ପାତ୍ର, ଦେବୀ ପ୍ରସାଦ ନାୟକ, ଉମାକାନ୍ତ ସାହୁ,ଗୋପବନ୍ଧୁ ପତି, ଶ୍ରୀକାନ୍ତ ସିଂ, ଗଙ୍ଗାଧର ବେଉରା, ସୂର୍ଯ୍ୟ କାନ୍ତ ମିଶ୍ର,ମାନସ ଖଣ୍ଡୁଆଳ, ଆଲୋକ ରଂଜନ ରାଉତରାୟ,ବିଶ୍ୱଜିତ ରାଉତରାୟ ତାରକେଶ୍ୱର ବରାଳ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀ ନିଲମ୍ବିତ

କୋଣାର୍କ(ପି ପି ଏସ):- କୋଣାର୍କ ଏନ୍‌ଏସିର ୫ନମ୍ବର ୱାର୍ଡ ଅନ୍ତର୍ଗତ ଡାଲିମ୍ବଗୋରଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହମୟୀ ସ୍ୱାଇଁ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଗୋପ ବିଇଓ ପ୍ରମୋଦ କୁମାର କର ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱାଇଁ ଗତ ୨୦୨୪ ମସିହା ଅକ୍ଟୋବର ୨୯ ତାରିଖରେ ଡାଲିମ୍ବଗୋରଡା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପରଠାରୁ ଛାତ୍ରଛାତ୍ରୀମାନଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେବା, ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନ ଭୋଜନ ସାମଗ୍ରୀ ହଡ଼ପ କରିବା, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଗୁରୁତ୍ୱ ନଦେବା, ଅନୁସୂଚୀତ ଜାତିର ପାଚିକାଙ୍କୁ ଜାତିଆଣ ଆକ୍ଷେପ କରି ବେଆଇନ୍ ଭାବେ ଅନ୍ୟ ଜଣେ ସ୍ୱର୍ଣ୍ଣ ବର୍ଗର ପାଚିକାଙ୍କୁ ନିଯୁକ୍ତି ଦେବା, ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ରାଜନୈତିକ ବ୍ୟକ୍ତିବିଶେଷଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ସରକାରୀ ଅନୁଦାନ ହଡ଼ପ କରିବା ଆଦି ଅଭିଯୋଗ ଅଭିଭାବକମାନେ ପୁରୀ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବାରମ୍ବାର କରି ଆସୁଥିଲେ। ଏହି ଅଭିଯୋଗ ଆଧାରରେ ଗତ ମାର୍ଚ୍ଚ ୧୮ତାରିଖ ଓ ଅଗଷ୍ଟ ୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ଗୋପ ବିଇଓଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଦୁଇଜଣିଆ ତଦନ୍ତ କମିଟି ମାଧ୍ୟମରେ ତଦନ୍ତ କରାଯାଇଥିଲା। ଅଭିଯୋଗର ସତ୍ୟତାକୁ ଭିତ୍ତିକରି ଗୋପ ବିଇଓ ସ୍ନେହମୟୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଙ୍ଗ କରିବା ସହିତ କୈଫିୟତ ତଲବ କରିଥିଲେ। ସ୍ନେହମୟୀ ଏହାର କୌଣସି ଜବାବ ନଦେଇ ଗୋପ୍ ବିଇଓ ଏବଂ ପୁରୀ ଡିଇଓଙ୍କ ଉପରେ ରାଜନୈତିକ ଚାପ ପକାଇଥିଲେ। ଗତ ସେପ୍ଟେମ୍ବର ୮ ତାରିଖରେ ସ୍ନେହମୟୀଙ୍କୁ ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ସ୍ନେହମୟୀ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ଛୁଟିରେ ରହିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଅପିଲକୁ ଗତ ଅକ୍ଟୋବର ୧୦ ତାରିଖରେ ଖାରଜ କରି ଦେଇଥିଲେ। ଏହାପରେ ଦୀର୍ଘ ୪୫ ଦିନ ବିତିଯାଇଥିଲେ ମଧ୍ୟ ସ୍ନେହମୟୀ ଉପରିସ୍ଥ ଅଧିକାରୀଙ୍କୁ କୌଣସି କୈଫିୟତ ଦେଇନଥିଲେ କିମ୍ବା ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇନଥିଲେ। ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ସେ ଦୀର୍ଘଦିନଧରି ଛୁଟିରେ ରହିବା ସହିତ ଏଯାବତ୍ ଡାଲିମ୍ବଗୋରଡିରେ କାର୍ଯ୍ୟରତ ଏକମାତ୍ର ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଫଳରେ ବିଦ୍ୟାଳୟକୁ ଆସିଥିବା ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରି ନାହିଁ। ଚଳିତବର୍ଷ ପିଲାମାନେ ପୋଷାକ ଯୋଗାଣରୁ ବଞ୍ଚିତ ହୋଇଛନ୍ତି। ପୁରୀ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଗତ ୨୫ ତାରିଖରେ ଗୋପ ବିଇଓ ସ୍ନେହମୟୀଙ୍କୁ ନିଲମ୍ବନ କରିଛନ୍ତି। ଜଣେ ଶିକ୍ଷୟିତ୍ରୀ ଭାବରେ ସ୍ନେହମୟୀଙ୍କ ବେଆଇନ କାର୍ଯ୍ୟକଳାପ ସୀମା ଟପିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ୫ ନମ୍ବର ୱାର୍ଡର କାଉନସିଲର ନିହାର ରଞ୍ଜନ ବେଉରା ପ୍ରକାଶ କରିଛନ୍ତି। ଏ ସଂପର୍କରେ ସ୍ନେହମୟୀଙ୍କୁ ପଚାରିବାରେ ସେ ମତାମତ ଦେବାକୁ ମନା କରିଦେଇଥିଲେ।

## ୨୪ଘଣ୍ଟା ମଧ୍ୟରେ ଗିରଫ ପାଇଁ ଦାବିକଲା ଜିଲ୍ଲା ସଂଘ

ବ୍ରହ୍ମପୁର(ପିପିଏସ୍): କାର୍ଯ୍ୟରତ ସାମ୍ବାଦିକଙ୍କୁ ସରକାରୀ କାର୍ଯ୍ୟାଳୟ ପରିସରରେ ଆକ୍ରମଣ। ଆକ୍ରମଣରେ ଲହୁଲୁହାଣ ହୋଇ ଚିକିତ୍ସିତ ହେଉଛନ୍ତି ଆହତ ସାମ୍ବାଦିକ। ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଭଗବାନ

### କୋଦଳା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସାମ୍ବାଦିକଙ୍କୁ ଆକ୍ରମଣ

ପାଢୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ କୋଦଳା ଥାନାରେ ରୁଜୁ ହୋଇଛି ମାମଲା। ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାବେ କୋଦଳା ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ବିକାଶ ସ୍ୱାଇଁ ଓ ଡାକ ସ୍ୱାଇଁଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ କୋଦଳା ଥାନା କେସ ନଂ ୭୮୪ରେ ୮ଟି ଦଫା ଲଗାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସେପଟେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛି ଜିଲ୍ଲା ସାମ୍ବାଦିକ ସଂଘ। ଗତକାଲି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ କୋଦଳା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାଅଧିକାରୀଙ୍କୁ ଦାବି କରିଥିଲେ। ଅଭିଯୁକ୍ତମାନଙ୍କୁ ୨୪ଘଣ୍ଟା ଭିତରେ



ଗିରଫ କରାନଗଲେ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ସାମ୍ବାଦିକମାନେ। ଏପଟେ ସାମ୍ବାଦିକ ଭଗବାନ ପାଢୀଙ୍କୁ ଆକ୍ରମଣବେଳର ସିସିଟିଭି ଫୁଟେଜ ଗାଏବ୍ ହୋଇଯାଇଥିବା ଏକ ବିଶ୍ୱସ୍ତସୂତ୍ରରୁ ଜଣାପଡିଛି। ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ଘଟଣା ଘଟିଥିଲା। ଏହି ସମୟରେ ପୁଲିସକୁ କର୍ତ୍ତୃପକ୍ଷ କାହିଁକି ଜଣାଇନଥିଲେ ଏବଂ ସିସିଟିଭି ଫୁଟେଜ ଗାଏବ୍ କିପରି ହେଲା ତାକୁ ନେଇ ପ୍ରଶ୍ନ ଉଠାଯାଇଛି। କୋଦଳା ଏନ୍‌ଏସିରେ ପ୍ରତିଯୋଜନାରେ ସରକାରୀ ଅର୍ଥ ହରିଲୁଟ୍ ହେଉଥିବା ନେଇ କିଛି କାଉନ୍‌ସିଲର ମଧ୍ୟ କହିଛନ୍ତି । ସୁଚିନ୍ତିତ ଷଡଯନ୍ତ୍ରକରି ପ୍ରମାଣ ନଷ୍ଟ କରାଯାଉଥିବା ନେଇ ସନ୍ଦେହ ବଢିଛି। ଏଣୁ ଜିଲ୍ଲା ପ୍ରଶାସନ, ଡୁଡା କାର୍ଯ୍ୟାଳୟ ଏନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ରହିଛି ବୋଲି ସହରବାସୀ ମତ ପ୍ରକାଶ କରିଛନ୍ତି ।ଅଭିଯୁକ୍ତ ମାନଙ୍କୁ ଗିରଫକରି ତୁରନ୍ତ କୋର୍ଟଚାଲାଣ କରାନଗଲେ ଗଞ୍ଜାମ ଏସ୍‌ପି, ଜିଲ୍ଲାପାଳଙ୍କ ସହ ଆବଶ୍ୟକ ହେଲେ ଶତାଧିକ ସାମ୍ବାଦିକ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବେ ବୋଲି ଜିଲ୍ଲା ସଂଘ ପକ୍ଷରୁ କୁହାଯାଇଛି। ପୁଲିସ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ସହିତ ଯୋଗାଯୋଗ ପରେ ସେ କହିଥିଲେ ଯେ, ମୁଁ ଦିନ ୨ଘଣ୍ଟା ସମୟରୁ କାର୍ଯ୍ୟାଳୟରେ ନଥିଲି । ମୋର ଏଥିରେ କୌଣସି ସମ୍ପୃକ୍ତି ନାହିଁ । କିଛିଦିନ ହେବ ସିସିଟିଭି ଅକାମୀ ହୋଇଯାଇଛି । ରିପେର କରିବା ପାଇଁ ବଡ଼ବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲି ବୋଲି କହିଥିଲେ ।

## ମାସିକ ପତ୍ରିକା ସଂଗ୍ରାମ ବାର୍ତ୍ତାର ୪୭ତମ ସ୍ୱନକ୍ଷତ୍ର

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁରର କବିସୂର୍ଯ୍ୟ ରଙ୍ଗମଞ୍ଚ ଗଞ୍ଜାମ କଳା ପରିଷଦ ଠାରେ ଓଡିଶା ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କର ଏକମାତ୍ର ମାସିକ ପତ୍ରିକା ସଂଗ୍ରାମର ବାର୍ତ୍ତାର ୪୭ତମ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗ୍ରାମର ବାର୍ତ୍ତାର ପ୍ରତିଷ୍ଠାତା ତଥା ପୃଷ୍ଠପୋଷକ ଉଦୟନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଅଧିକ ସଂଗ୍ରାମର ବାର୍ତ୍ତାର ପାଠକ/ପାଠିକା, ଲେଖକ /ଲେଖିକା, ଶୁଭେଚ୍ଛୁ ଯୋଗ ଦେଇଥିଲେ। ଏହି ପତ୍ରିକାର ଅନ୍ୟତମ ପ୍ରତିଷ୍ଠାତା ଦିବଂଗତ ସଭ୍ୟ ରାଜେନ୍ଦ୍ର ରାଉତ, ଜଗବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରି ସ୍ମୃତିଚାରଣ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡି.ମୋହନ ରାଓ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଭ୍ୟର୍ଥନା କମିଟିର ସମ୍ପାଦକ ନଳିନୀକାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ରଖିଥିଲେ। ସଭାପତିଙ୍କ ଦ୍ୱାରା ସଂଗ୍ରାମର ବାର୍ତ୍ତାର ୪୭ତମ ଜୟନ୍ତୀର ବିଶେଷ ସଂଖ୍ୟା ଉନ୍ମୋଚନ କରାଯାଇଛି । ଗଂଜାମ ଜିଲ୍ଲାର ଡି.ଗୁରୁମୂର୍ତ୍ତୀ ପାତ୍ର, ମହର୍ଷି ସିଂ, ବି.ଧର୍ମା ରାଓ, ଏ.ସଦାନନ୍ଦ ଆଚାରି ଓ ଡି.ଶ୍ରୀନିବାସଙ୍କୁ ଅଧିକ ସଭ୍ୟା ସଂଗ୍ରହ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରାମର ବାର୍ତ୍ତାର ସମ୍ପାଦକ ନିର୍ମଳଚନ୍ଦ୍ର ଦାସ, ଏମ୍ପ୍ଲୟିସ ଫୋରମର ସମ୍ପାଦକ ଦ୍ୱାରିକାନାଥ ମହାନ୍ତି, ମୁଦ୍ରଣ ଦାୟିତ୍ୱ ତୁଲାଉଥିବା ସଭ୍ୟ ଗୋକୁଳାନନ୍ଦ ବେହେରା, ମାନବରସେତୁ ପତ୍ରିକାର ସମ୍ପାଦକ ଇ.ରମେଶଚନ୍ଦ୍ର ମହାନ୍ତି, ସହଯୋଗୀ ସମ୍ପାଦକ ବିକାଶଚନ୍ଦ୍ର ମହାପାତ୍ର , ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତରହି ସଂଗ୍ରାମର ବାର୍ତ୍ତାର ବହୁଳ ପ୍ରସାର ପାଇଁ ସମସ୍ତଙ୍କ ପ୍ରଚେଷ୍ଟା କରିବା ଆବଶ୍ୟକ।

# ଭୂତ ଓ ଜାଲ୍ ଜବ୍‌କାର୍ଡଧାରୀଙ୍କ ନାଁରେ ବିଲ୍ !

ଅସ୍ତରଙ୍ଗ, (ପିପିଡ଼ଏସ୍): ଯୋଜନା ଲକ୍ଷ୍ୟଚ୍ୟୁତ। ଗରିବ ଙ୍କ ଉଦ୍ଦିଷ୍ଟ ଯୋଜନାର ସୁଫଳ ନେଉଛନ୍ତି ସରକାରୀ ବାବୁ, ବାବୁଆଣୀ ଓ କୁଜିନେତା ମାନେ। ମହାତ୍ମାଗାନ୍ଧୀ ନିଶ୍ଚିତ ବାବୁଙ୍କ ପେଟକୁ ଯାଉଛି କେବଳ କାଗଜକଲମରେ । ମନରେଗା ଜାଲ କାର୍ଡ ଚିହ୍ନଟ କରାଯିବ

### ସରକାରୀ ବାବୁ ଓ କୁଜି ନେତାଙ୍କ ପେଟରେ ୩୦% ନରେଗା ଟଙ୍କା

### ତଦନ୍ତ ବାଟବଣା ଯୋଗୁଁ ଗରିବ ଶ୍ରମିକଙ୍କ ଟଙ୍କାରେ ମାଲେମାଲ

### ସନ୍ଦେହରେ ଯନ୍ତ୍ରୀ ଏବଂ ଜିଆର୍‌ଏସ୍‌ଙ୍କ ଭୂମିକା

### ସକାଳେ ଭୁତ କାର୍ଡକୁ ଟଙ୍କା ପଠାଇ ସନ୍ଧ୍ୟାରେ ଆଦାୟ

କର୍ମନିଯୁକ୍ତି ଯୋଜନା (ମନରେଗା )ର ପ୍ରାୟ ୩୦ପ୍ରତିଶତ ପାଣ୍ଠି ସରକାରୀ ବାବୁ, ଗାଁ ରେ ଥିବା କୁଜି ନେତା ଓ ଦଲାଲ ମାନେ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମପଂଚାୟତ ରେ କିଛି କୁଜି ନେତା ଓ ଦଲାଲ ସରକାରୀ କର୍ମଚାରୀଙ୍କୁ ହାତ କରି ଜାଲ ଓ ଭୂତ ଜବକାର୍ଡଧାରୀଙ୍କ ନାଁରେ ମଜୁରୀ ହଡପ କରୁଛନ୍ତି। ବର୍ଷ ବର୍ଷ ଧରି ଏମିତି ହରିଲୁଟ ଚାଲିଥିବା ବେଳେ ଉଚ୍ଚ ପଦସ୍ଥ ସରକାରୀ ବାବୁଙ୍କ ନଜର ପଡୁନଥିବାରୁ ବ୍ଲକ ସ୍ତରୀୟ ଅଧିକାରୀ ପକେଟ ଗରମ କରି କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର। ମଜୁରୀ ଓ ସାମଗ୍ରୀ କିଣାବିକାରୁ ଏତିକି ଟଙ୍କା ସରକାରୀ



ସମସ୍ତ ସତ୍ୟ ଘଟଣା ସାମ୍ନାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ନଗର ଗ୍ରାମ ପଂଚାୟତ ଅଧୀନ ବିଭିନ୍ନ ସ୍ଥାନରେ ପୋଖରୀ ଖୋଳା ହେଉ ଅବା ମାଟି ରାସ୍ତା ନିର୍ମାଣ ହେଉ ଅବା ବନ୍ଧ ମରାମତି।ଯାହାର ଜ୍ୱଳନ୍ତ ଉଦାହରଣ ନଗର ଗ୍ରାମ ପଂଚାୟତ ଅଫିସ ନିକଟରେ ଯାଉଥିବା ନଗର ରେଡକ୍ରସ ଛକ ରୁ ବାଲିପନ୍ତାଳ କୁ ସଂଯୋଗ କରୁଥିବା ରାସ୍ତା ଗତ ଏକ ସପ୍ତାହ ପୂର୍ବରୁ ଅଥବା ନଭେମ୍ବର ୨୦ତାରିଖ ରୁ ନଭେମ୍ବର ୨୫ତାରିଖ ମଧ୍ୟରେ ମନରେଗା କାମକୁ ପଂଚାୟତ ଦାୟିତ୍ୱ ରେ ଥିବା ପିଇଓ ଓ ଜିଆରଏସ ଙ୍କ ଅନୁପସ୍ଥିତ ରେ କାମ କେବଳ ଓଳାଇବା ସହ ମାଟି କାର୍ଯ୍ୟ ନ ହୋଇଥିବା ବେଳେ ନିଜକୁ କରିତ କର୍ମା ଭାବୁଥିବା ନଗର ପଂଚାୟତ ରେ ସରପଞ୍ଚ ଓ ସାଥି ଦଲାଲି ସାଜି ଫୋଟ ଉଠାଇ ଟଙ୍କା ହଡପ କରାଯାଉଛି। ଯାହାକି ମନରେଗା କାର୍ଯ୍ୟ କୁ ନ ଯାଇ ଲୋକଙ୍କ ଆକାଉଣ୍ଟ କୁ ଟଙ୍କା ଆସି ଥିବା ବେଳେ ୱାର୍ଡ ମେମ୍ବର ଟଙ୍କା ଆଦାୟ କରୁଥିବା ସମସ୍ତ ତଥ୍ୟ କିଛି ସାମାଜିକ କର୍ମୀ ନିଜ ଏକ୍ସ ମାଧ୍ୟମରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରାଇଛନ୍ତି।ନଗର ଗ୍ରାମ ପଂଚାୟତ ରେ ମନରେଗା କାମରେ ଯୁଆଡେ ଦେଖିଲେ ପୁଳା ପୁଳା ଦୁର୍ନୀତି।

କେନ୍ଦ୍ର ସରକାରଙ୍କ ଏ ମହତ ଯୋଜନା ଗରିବ ଶ୍ରମିକ ପରିବାରକୁ କାମ ଧନ୍ଦା ଯୋଗାଇବାରେ ଯେତିକି ସଫଳ ହେଉନି, ସରକାରୀ ବାବୁ, ବାବୁଆଣୀ ଓ ନଗର ଗ୍ରାମ ପଂଚାୟତ ରେ କିଛି ଦଲାଲି, ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି,ସରପଞ୍ଚଙ୍କ ତତ୍ତ୍ୱବଧାନ ରେ କିଛି କୁଜି ନେତା ଙ୍କୁ କୋଟିପତି କରିପାରେ ଅଧିକ ସଫଳ ହେଉଛି। ସରକାରୀ ସୂଚନା ପାଇଁ ଅସ୍ତରଙ୍ଗ ବ୍ଲକରେ କିଛି ଦିନ ତଳେ ମନରେଗା ଜନଶୁଣାଣୀ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ତାଗିଦ କରିବା ପରେ ମଧ୍ୟ ନଗର ପଂଚାୟତ ରେ ଦୁର୍ନୀତି ପୁନର୍ବାର ଆରମ୍ଭ ହୋଇଛି। ତେବେ ଏହି ମନରେଗା କାମରେ ବର୍ଷ ବର୍ଷ ଧରି ନଗର ପଂଚାୟତ ରେ ବଡ଼ ଧରଣର ଦୁର୍ନୀତି ଲାଗିରହିଛି। ଯାହାର ପ୍ରକୃତ ତଦନ୍ତ ସହ ଜବକାର୍ଡ ଧାରୀ କିଏ, ଅଫିସର କାମ ଉପସ୍ଥିତ ରହୁଛନ୍ତି କି ନାହିଁ ତଦନ୍ତ କଲେ ସାମ୍ନାକୁ ଆସିବ।ଅନେକ ସ୍ଥାନରେ ମନରେଗା କାମ ମେସିନ ମଧ୍ୟ କୁଜି ନେତା ଲଗାଇଦେଉଛନ୍ତି, ସରକାରୀ ତଳିଆ କର୍ମଚାରୀ ପକେଟ ଗରମ କରୁଛନ୍ତି।କେନ୍ଦ୍ର ସରକାର ୨୦୨୩ରେ ଏ ଦୁର୍ନୀତିରେ ତାଲା ମାରିବାକୁ ଡିଜିଟାଲ ପ୍ରକ୍ରିୟାରେ ଶ୍ରମିକଙ୍କ ଉପସ୍ଥାନ ନେଲେ। ନରେଗା ମୋବାଇଲି ମନିଟରିଂ ସିଷ୍ଟମ ରେ ଏ ଉପସ୍ଥାନ ଗ୍ରହଣରେ ବ୍ୟବସ୍ଥା ରହିଲା ଯେ, ଶ୍ରମିକ ମାନେ କାମ କରୁଥିବା ବେଳର ୨ଟି ଫୋଟ ଆପରେ ଅପଲୋଡ଼ ହେବ। କିନ୍ତୁ ଏଥିରେ ମଧ୍ୟ କୁଜି ନେତା ଓ ସରକାରୀ କର୍ମଚାରୀ ମିଥ୍ୟା ରିପୋର୍ଟ ପ୍ରଦାନ କଲେ।କିନ୍ତୁ ଏ ଘଟଣା କୁ ରାଜ୍ୟ ସରକାର ଙ୍କ ଉଚ୍ଚ ସ୍ତରୀୟ ଟିମ୍ ତଦନ୍ତ କଲେ ଗରିବ ଙ୍କ ଟଙ୍କା କୁ କିପରି ଭାବେ ନଗର ପଂଚାୟତ ସରପଞ୍ଚ ଓ ଗାଁ କିଛି ଦଲାଲି ଭୁତ ଆକାଉଣ୍ଟ ଟଙ୍କା ପଠାଇ ସନ୍ଧ୍ୟା ରେ କଲେକ୍ସନ କରୁଛନ୍ତି ତାହା ସାମ୍ନାକୁ ଆସିବ। ଏ ନେଇ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କହିଛନ୍ତି ଖୁବ ଶୀଘ୍ର ଅଥବା କିଛି ଦିନ ମଧ୍ୟରେ ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରିବା ସହ ବିଭାଗୀୟ ଅଧିକାରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ମତ ଦେଇଛନ୍ତି।

cmyk cmyk cmyk



# ଜିଲ୍ଲାସ୍ତରୀୟ ଲଘୁବନଜାତ ସର୍ବେକ୍ଷଣ ଫଳାଫଳ ସମ୍ପର୍କିତ ଆଲୋଚନା

କନ୍ଧମାଳ: କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ଜିଲ୍ଲାର ଲଘୁବନଜାତ ଦ୍ରବ୍ୟର ସର୍ବେକ୍ଷଣର ଫଳାଫଳ ଓ ପରାମର୍ଶ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରଦାନ, ସାତୀ, ନିର୍ମାଣ ଏବଂ ଶାନ୍ତି ମୈତ୍ରୀ ସହିତ ଚାରିଟି ପାର୍ଟନର ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କ ସର୍ବେକ୍ଷଣ ତଥ୍ୟ, ଅନୁସନ୍ଧାନ ଓ ପରାମର୍ଶଗୁଡ଼ିକ ପ୍ରସ୍ତୁତ କରିଥିଲେ । ପ୍ରାୟ ତିନି ଘଂଟା ଧରି ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିକୁ ଶୁଣିଥିଲେ ଏବଂ ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ । ପ୍ଲାଷ୍ଟିକ-ମୁକ୍ତ ପିକନିକ ସ୍ପଟ ବିକାଶ କରିବାରେ ଆସନ୍ତା ବର୍ଷ ମଧ୍ୟରେ କିଛି ଦର୍ଶନୀୟ ସ୍ଥାନରେ ପ୍ରମାଣ ମଡେଲ୍ ତିଆରି କରିବାକୁ ଜୋର ଦେଇଥିଲେ । ଗ୍ରାମବାସୀ ସମୁଦାୟ, ଓ ପଂଚାୟତର ଅଂଶଗ୍ରହଣ ଯୋଗେ ପରିବେଶ ପୁନରୁଦ୍ଧାର କାମକୁ ଗତି ଦେବା ପାଇଁ ଗୋଷ୍ଠୀ ସଂଗଠନ ମାନଙ୍କୁ ସମସ୍ତ ପ୍ରକାରର ପ୍ରଶାସନିକ ସହଯୋଗ ଦେବାକୁ ସେ ନିଶ୍ଚିତ କରିଛନ୍ତି । ଲଘୁବନଜାତ ଦ୍ରବ୍ୟର ଏକତ୍ରୀକରଣ, ମୂଲ୍ୟ ବୃଦ୍ଧି, ବଜାର ଯୋଗାଣ ଓ ବିପଣନୀକରଣ ସମ୍ବନ୍ଧୀୟ ଅଧିକାଂଶ ପରାମର୍ଶକୁ ସମର୍ଥନ କରିବାକୁ ସେ ସମ୍ମତି ଜଣାଇଥିଲେ । ଏହା ସହିତ କନ୍ଧମାଳ ଜିଲ୍ଲାରେ ନ୍ୟୁନତମ ସହାୟକ ମୂଲ୍ୟ ଓ ଲଘୁବନଜାତ ବିଷୟରେ ବ୍ୟାପକ ଜାଗୃତି ଆବଶ୍ୟକ ବୋଲି ଓ ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ସହଭାଗୀତାକୁ ସ୍ୱାଗତ କରିଛନ୍ତି । ଟିଡିସିସି ମାଧ୍ୟମରେ ଲଘୁବନଜାତ ଦ୍ରବ୍ୟ ଗୁଡ଼ିକର ବିକ୍ରି, ଜନଜାତି ହାଟ ଗୁଡିକରେ ନ୍ୟୁନତମ ସହାୟକ ମୂଲ୍ୟର ଫଳକ ଓ ଲଘୁବନଜାତ ଦ୍ରବ୍ୟ ଗୁଡ଼ିକର ମୂଲ୍ୟବୃଦ୍ଧି ପାଇଁ ଭିତିଭୂମି ବିକାଶ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଫୁଲବାଣୀ ଓ ବାଲିଗୁଡାର ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ ଯୋଜନା ପ୍ରବନ୍ଧକ ଫୁଲବାଣୀ ଓ ବାଲିଗୁଡା, ସିଡିଓ କନ୍ଧମାଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନର ଟିମ୍ କୋର୍ଡିନେଟର ଓ ସାତୀ, ନିର୍ମାଣ ଏବଂ ଶାନ୍ତି ମୈତ୍ରୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ବୈଠକ ଜିଲ୍ଲାର ଲଘୁବନଜାତ ଭିତିକ ଜୀବିକା, ବନ ସୁରକ୍ଷା ଓ ଗୋଷ୍ଠୀ ସଂଗଠନ ଯଥା ଗୋଷ୍ଠୀ ଜଙ୍ଗଲ ପରିଚାଳନା କମିଟି ମାଧ୍ୟମରେ ସମୁଦାୟ ନେତୃତ୍ୱକୁ ବୃଦ୍ଧି କରିବାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି ।

# ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ



ଦେବଗଡ଼(ପିପିଏସ୍) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଟି ବଚାଓ ବେଟି ପଢ଼ାଓ , ଅନ୍‌ଲାଇନ ସୁରକ୍ଷା ,ଡିଜିଟାଲ ଧମକ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନଞ୍ଜୟ ମହନ୍ତ , ଏସ୍‌ଡିପିଓ ରମେଶ କୁମାର ମହାନ୍ ,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପ୍ରଧାଣ,ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଡିପିଏମ୍ ଓଏଲେମ୍ ଶିଶିର କୁମାର ଷଡଙ୍ଗୀ, ଜିଲ୍ଲା ଆଇନ୍ ସହାୟତା ବିଭାଗ ଆଇନଜୀବୀ ଟିକେଶ୍ୱର୍ ଧଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ବେଟି ବଚାଓ ବେଟି ପଢ଼ାଓ ଅନ୍‌ଲାଇନ ସୁରକ୍ଷା ,ଡିଜିଟାଲ ଧମକ ଉପରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ସମସ୍ତ ସିଡିପିଓ ,ସୁପରଭାଇଜର,ଅଙ୍ଗନୱାଡ଼ି କର୍ମୀ ,ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ,ଶିକ୍ଷକ , ଶିକ୍ଷୟତ୍ରୀ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ,ଓ ମିଶନ ଶକ୍ତି ହବ୍ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ପ୍ରତିଭା ଅନ୍ୱେଷଣରେ ସାମିଲ ପାଇଁ ଆହ୍ୱାନ

ଜୟପୁର: ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଛି । ଏଠାରେ କୋରାପୁଟ ଜିଲା ସଭାପତି ରୂପକ ତୁରୁକ ଯୋଗଦେଇ ଓଡିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରହିଛି । ଆବେଦନ କରିବାକୁ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଦକ୍ଷ ଉପସ୍ଥାପକ, ପ୍ରଖର ମୁଖପାତ୍ର, ନିପୁଣ ଗଣମାଧ୍ୟମ ସଂଯୋଜକ, ଗବେଷଣାତ୍ମକ ସମୀକ୍ଷକ ପାଇଁ ଜାତୀୟ କଂଗ୍ରେସର ପ୍ରୟାସ । ସ୍ଥାନୀୟ ଲୋକଙ୍କ ସବୁ ପ୍ରକାର ପ୍ରତିଭା ଥିବା ବେଳେ ସୁଯୋଗର ଅଭାବ ରହିଥିଲା । ଏନେଇ କଂଗ୍ରେସ କମିଟି ତରଫରୁ ଏପରି ପ୍ରୟାସ ଆରମ୍ଭ କରାଯାଇଛି । ଯାହାର ପ୍ରତିଭା ରହିଛି ସେମାନେ ଆବେଦନ କରିବାକୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ପୂର୍ବତନ ବିଧାୟକ ନିମାଇ ସରକାର, ବରିଷ୍ଠ କଂଗ୍ରେସ ନେତା ନିହାର ବିଷୋୟୀ, ହାସନ ମଦାନି, ରାମ ନାୟକ, କାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦାରିଙ୍ଗବାଡ଼ିରେ କେନ୍ଦ୍ରୀୟ ଯୁଗ୍ମ ସଚିବ



ଦାରିଙ୍ଗବାଡି :କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳକୁ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୂପା ମିଶ୍ର ଗସ୍ତ କରିଥିଲେ । ସେ ଦାରିଙ୍ଗବାଡିର ବିଭିନ୍ନ ପ୍ରକଳ୍ପ ତଥା ପର୍ଯ୍ୟଟନ କ୍ଷେତ୍ର କଫି ବଗିଚା, ଦାସିଙ୍ଗବାଡି ପଞ୍ଚାୟତ ଟେକାଙ୍ଗିଆ ଯାଇ ମକାଚାଷୀଙ୍କୁ ଭେଟିବା ସହ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ । ପରେ ଶ୍ରାନିକେତା ପଞ୍ଚାୟତ ସୁଲୁମାହା ଗ୍ରାମରେ ପହଞ୍ଚି ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ସମୟରେ ଶାମୁକା ଏସଏଚଜି ସମେତ ଦିପ୍ତିମତି ଏସଏଚଜି, ଗୁରୁଶୀକ୍ଷା, କଲ୍ୟାଣୀ, ଗ୍ରେସ, ଜୀବନଜ୍ୟୋତି ଏବଂ ଆଶାସର ଏସଏଚଜି ମହିଳାମାନଙ୍କ ସହ ତାଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମୟରେ ମହିଳାମାନଙ୍କ ବିକାଶ ପାଇଁ ଅଧିକା ଅନୁଦାନ ସହାୟତା ସମେତ ପ୍ରସ୍ତୁତୀ କରଣ ପାଇଁ ବିଭିନ୍ନ ମେଶିନ ବସାଯାଇ ବିଦ୍ୟୁତ ସଂଯୋଗ ପାଇଁ ରାଜସ୍ୱ ଡିପୋଜିଟ ପରେ ମଧ ବିଦ୍ୟୁତ ସଂଯୋଗ ଦିଆଯାଇନଥିବା ଆଦି ଅନେକ ସମସ୍ୟା ସମ୍ପର୍କରେ ଜଣାଇଥିଲେ ସେମାନଙ୍କୁ ସହଯୋଗ କରିବାକୁ ଯୁଗ୍ମ ସଚିବ ରୂପା ମିଶ୍ର କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସେଠାରେ ୩୦ ଜଣ ମାଣ୍ଡିଆ ଅନ୍ୟାନ୍ୟ କ୍ଷୁଦ୍ରଦାନା ଚାଷୀ ଯୁଗ୍ମ ସଚିବଙ୍କୁ ଭେଟିଥିଲେ । ସେମାନଙ୍କ ମଧ୍ୟରେ ୨୮ ମହିଳା ଓ ୨ ପୁରୁଷ ମାଣ୍ଡିଆ ଚାଷୀ ରହିଥିଲେ । ସେମାନେ ଅମଳ ସାମଗ୍ରୀ ଉଚିତ ଦରରେ ବିକ୍ରି କରିପାରୁଥିବା କହିଥିଲେ । ହେଲେ ଜଳସେଚନ ବ୍ୟବସ୍ଥା ନ ଥିବା ହେତୁ ଚାଷୀମାନେ ତାଙ୍କ ଚାଷକୁ ବଢ଼ାଇ ପାରୁ ନ ଥିବା ଜଣାଇଥିଲେ । ବିଭିନ୍ନ ସମସ୍ୟା ରହିଥିବାରୁ ମାଣ୍ଡିଆ ଓ କ୍ଷୁଦ୍ରଦାନା ଚାଷ କରିବାକୁ ଇଚ୍ଛା ରହିଥିଲେ ମଧ ସେଚନ ଜମି, ଓ ନିଜର ଜମି ନ ଥିବାରୁ ଅନେକ ଚାଷୀ ଏହି ଚାଷ କାର୍ଯ୍ୟରୁ ବଞ୍ଚିତ ହେଉଥିବା କହିଥିଲେ । ଯୁଗ୍ମ ସଚିବଙ୍କ ଗସ୍ତ ସମୟରେ କନ୍ଧମାଳ ଜିଲାପାଳ ବେଦ ଭୂଷଣ, ଜିଲା ମୁଖ୍ୟ କୃଷି ଅଧିକାରୀ ଚିତ୍ତରଞ୍ଜନ ସତପଥୀ, ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର ଏବଂ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ ।

## ଅନାସ୍ଥା ଭୋଟରେ ପଦ ହରାଇଲେ ସରପଞ୍ଚ

ବଲାଙ୍ଗୀର(ପିପିଏସ୍) : ପଦ ହରାଇଲେ ସଇଁତଲା ବ୍ଲକ ବୁଢାବାହାଲ ପଂଚାୟତର ସରପଞ୍ଚ ଲତା କୁମ୍ଭାର । ନାଏବ ସରପଂଚ ବିଜୟ ସେଲମା ପିନ୍ଧିଲେ ବିଜୟ ମୁକୁଟ । ଏବେ ନୂତନ ସରପଂଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜୟ । ସୂଚନା ଅନୁସାରେ ଗତ ୩୦ ଜୁନ୍‌ରେ ସରପଂଚ ଲତାଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇଥିଲା । ସରପଂଚଙ୍କ ଅନାସ୍ଥା ଭୋଟରେ ୯ ଖଣ୍ଡ ଭୋଟ ବିଜୟଙ୍କୁ ମିଳିବା ପରେ ପାଖାପାଖ ୬ ମାସ ପରେ ପୂର୍ବତନ ସରପଂଚଙ୍କ ପଦବୀକୁ ରଦ୍ଦ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସରପଂଚ ଲତା ପଦ ହରାଇ ଥିବା ଜଣାପଡିଛି । ନୂତନ ସରପଂଚ ଭାବେ ବିଜୟ ସେଲମା ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ନିଶାମୁକ୍ତ ଭାରତ ସଚେତନତା ଶୋଭାଯାତ୍ରା

ଜୟପୁର : ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଏନଏସଏସ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀ ମାନେ ସଚେତନତା ପ୍ଲା କାର୍ଡ ଧରି ଲୋକ ମାନଙ୍କୁ ସଚେତନ କରିଥିଲେ । ସ୍ନାତକୋତର ପରିଷଦ ଅଧକ୍ଷ ଡାକ୍ତର ପ୍ରଶାନ୍ତ ପାତ୍ର ଏନଏସଏସର ସଦସ୍ୟ ମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ଲୋକେଶ ପ୍ରଧାନ ଓ ସୁକାନ୍ତି ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକୀ ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନିଶାମୁକ୍ତ ଭାରତ ଅଭିଯାନରର ଶପଥ ପାଠ ନିଆଯିବା ସହିତ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତାଧର୍ମୀ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା । ଭାରପ୍ରାପ୍ତ ଅଧକ୍ଷ ଡ. ଉପାନନ୍ଦ ପାଣି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯୁବପିଢୀଙ୍କ ମଧ୍ୟରେ ନିଶାର ପ୍ରଭାବ କିପରି ବଢ଼ିଚାଲିଛି ଏବଂ ତାରକୁ ପରିଣାମ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରିଣୀ ଯୁକ୍ତ ୩ ସୁନିତା କୁମାରୀ ପ୍ରଧାନ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରିଣୀ ଶ୍ରୀମତୀ ସୀମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ସମେତ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ମାଗଣା ସିଭିଲ୍ ସର୍ଭିସେସ୍ କୋଚିଂ 'ମିଶନ୍ ଆକାଂକ୍ଷା'ର ଶୁଭାରମ୍ଭ

ଭବାନୀପାଟଣା (ହି.ସ.)- କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଭିଜନ୍ ଆଇଏଏସ୍, ନୂଆଦିଲ୍ଲୀର ମିଳିତ ସହଯୋଗରେ ଭାରତୀୟ ପ୍ରଶାସନିକ ସେବାର ପ୍ରତିଯୋଗିତା ପରୀକ୍ଷାରେ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ ମାନେ କିପରି ଅଂଶଗ୍ରହଣ କରି ସଫଳତା ହାସଲ କରିପାରିବେ ସେ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର୍ ସଚିନ ପ୍ରକାଶଙ୍କ ଦ୍ୱାରା ଜିଲ୍ଲାର ପ୍ରତିଯୋଗୀମାନଙ୍କ ପାଇଁ ମାଗଣା ସିଭିଲ ସର୍ଭିସ କୋଚିଂ ମିସନ ଆକାଂକ୍ଷାର ଶୁଭାରମ୍ଭ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଭବାନୀପାଟଣା ଠାରେ କରାଯାଇଛି । ଜିଲ୍ଲାପାଳ ଏହାର ଶୁଭ ଉଦ୍ଘାଟନ କରି ପ୍ରତିଯୋଗୀ ମାନେ ଭବାନୀପାଟଣାରେ ମାଗଣାରେ କୋଚିଂ ନେଇ ସିଭିଲ ସର୍ଭିସ ପରୀକ୍ଷା କିପରି ଭଲ କରି ସଫଳତା ହାସଲ କରିପାରିବେ ସେ ସମ୍ପର୍କରେ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନିମେଶ ପ୍ରଧାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରୋବେସନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଯୋଗଦେଇଥିଲେ । ଭିଜନ୍ ଆଇଏଏସ୍ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଦୁଇଟି ପର୍ଯ୍ୟାୟ ଚୟନ ପ୍ରକ୍ରିୟା, ଯଥା: ୧. ବସ୍ତୁନିଷ୍ଠ ଏମସିକ୍ୟୁ ଭିତିକ ପରୀକ୍ଷା ଏବଂ ୨. ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ପରେ ମୋଟ୍ ୬୨ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମେରିଟ୍ ତାଲିକାରେ ମନୋନୀତ ହୋଇଥିଲେ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ 'ମିଶନ୍ ଆକାଂକ୍ଷା'ର କୋଚିଂ ମଡ୍ୟୁଲ୍ ଏବଂ ପ୍ରକ୍ରିୟା ବିଷୟରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମିଶ୍ର, ଝରବଙ୍କ ଖରବୟ, ଡିଏମ୍‌ଏଫ୍, କଳାହାଣ୍ଡି, ସଂଯୋଜନା କରିଥିଲାବେଳେ ସୁବିଦୀପ୍ତ ସାମନ୍ତରାୟ, ଜିଲ୍ଲା ନିୟୋଜନ ଅଧିକାରୀ ସହଯୋଗ କରିଥିଲେ ।

# ଶିକ୍ଷକ ଅଭିଭାବକ କମିଟି ଗଠିତ

ସମ୍ବଲପୁର, (ହି.ସ.)- କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ରେ ଶନିବାର ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟ ଓ ପ୍ରଶାସନିକ ସମନ୍ୱୟ ରକ୍ଷା କରିବାର ଲାଗି ଆଗାମୀ ଦୁଇ ବର୍ଷ ପାଇଁ ନୂତନ ଶିକ୍ଷକ ଅଭିଭାବକ କମିଟୀ ଗଠନ କରାଯାଇଛି । ଏଥିରେ ସର୍ବ ସମ୍ମତି କ୍ରମେ ଅଭିଭାବକ ମାନସ ରଞ୍ଜନ ଜେନା ଉପ-ସଭାପତି, ପ୍ରୀୟଙ୍କା ସାହୁ ସମ୍ପାଦକ, ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର ଯୁଗ୍ମ ସମ୍ପାଦକ, ଅଭିଭାବକ ସୁଧୀର ମହାରଣା, ଶ୍ୱେତା ଅଗ୍ରୱାଲ ଏବଂ ଶିକ୍ଷକ ଭୋଳାନାଥ କରାଲୀ ପ୍ରମୁଖଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟାଳୟର ସାମୁହିକ ବିକାଶ ପାଇଁ ସମସ୍ତ ଅଭିଭାବକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ବୈଠକରେ ବିଦ୍ୟାଳୟର ଶିକ୍ଷାର ବିକାଶ ପାଇଁ ଅଭିଭାବକ ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରାଯାଇଥିଲା । ବିଶେଷକରି ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟର ପାଠ୍ୟକ୍ରମରେ କରାଯାଇଥିବା ପରିବର୍ତନ ଯୋଗୁଁ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ପକ୍ଷରୁ ଏହାର ସମାଧାନ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ସେ ବିଷୟରେ ମଧ ସୂଚନା ଦିଆଯାଇଥିଲା । ବିଦ୍ୟାଳୟରେ ଶତ ପ୍ରତିଶତ ପାସ ହାର ସହ ବିଭିନ୍ନ ଜାତୀୟ ସ୍ତରରର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଥିଲେ । ବିଶେଷ କରି ମେଟ୍ରୀକ ଏବଂ ଦ୍ୱାଦଶ ଶ୍ରେଣୀର ଦୁର୍ବଳ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଗ୍ରହଣ କରାଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ବିଷୟରେ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ମାନଙ୍କୁ ସୂଚନା ଦିଆଯାଇଥିଲା । ବୈଠକରେ ପର୍ବତନ କମିଟୀର ଉପସଭାପତିଅଧ୍ୟାପକ ଅଶୋକ କୁମାର ପଟନାୟକ, ସମ୍ପାଦକ ଭବାନୀଶ ଭୋଇ, ବରିଷ୍ଠ ଶିକ୍ଷକ ସନାତନ ବାଞ୍ଜୀ, ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍‌ଫ୍ଲୁଏନ୍ସରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି: ଏକତା ପଦଯାତ୍ରା ଅବସରରେ ଆଜି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଇନଫ୍ଲୁଏନ୍ସର ମାନଙ୍କର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ଓ ଡିଇଜିଏମ୍ ଶୁଭାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ । ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ରା ରେ ଭାଗ ନେଇଥିବା ଇନଫ୍ଲୁଏନ୍ସର ଶିବପ୍ରସାଦ ସରକାର, ଆର୍ ଜାନକୀ ପଟ୍ଟନାୟକ, ଦେବଦତ୍ତ ବେହେରା ଓ ହୃଷୀକେଶ ଚୌଧୁରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ସୂଚନା ଥାଉ କି ଏହି ପଦଯାତ୍ରାରେ ଇନଫ୍ଲୁଏନ୍ସର ମାନେ ରିଲ୍ସ ପ୍ରସ୍ତୁତ କରି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ । ବର୍ତ୍ତମାନ ସମୟରେ ପ୍ରଚାର ପ୍ରସାର ପାଇଁ ଇନଫ୍ଲୁଏନ୍ସରଙ୍କ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କର୍ମଚାରୀ ଓ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

କେନ୍ଦୁଝର (ହି.ସ.) : ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୧୯ ତମ ବାର୍ଷିକ କ୍ରୀଡ଼ା ଆଡମ୍ବର ସହକାରେ ଉଦ୍‌ଘାଟନ ହୋଇଯାଇଛି । ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ହଳଧର ମହାନ୍ତ, ମୁଖ୍ୟ ବକ୍ତାଭାବେ ଜି ଏନ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଦୁର୍ଗାବତୀ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଦୟାନିଧି ମହାନ୍ତ ଓ ଅବସର ପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟାନନ୍ଦ ସେଠୀ, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ବିଦ୍ୟା ମନ୍ଦିରର କ୍ରୀଡ଼ା ଶିକ୍ଷକ ଗଜେନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗ ରେ ଏହି କ୍ରୀଡ଼ା ଅନୁଷ୍ଠିତ ହେଉଛି । ଏହି କ୍ରୀଡ଼ା ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ଛାତ୍ରଛାତ୍ରୀ ମାନେ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଖୋଖୋ, ଗୋଳା ଫିଙ୍ଗା, ବର୍ଚ୍ଛା ଫିଙ୍ଗା, ଥାଳିଆ ଫିଙ୍ଗା, ରିଲେ ରେସ, ଅଙ୍କ କଷା, ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଏହି ଖେଳ କୁ ଯୁଧିଷ୍ଠିର ମହାନ୍ତ ହିରାଲାଲ ମହାନ୍ତ, ସବିତା ମହାନ୍ତ (କ), ସବିତା ମହାନ୍ତ (ଖ), ତ୍ରିବେଣୀ ମହାନ୍ତ, ଦୀପ୍ତିମୟୀ ବାରିକ, ଶୋଭାଶ୍ରୀ ଷଡ଼ଙ୍ଗୀ, ଅର୍ଚ୍ଚନା ସାମନ୍ତରାୟ, ନମିତା ମହାନ୍ତ, ସଂଜୟ କୁମାର ଗିରି, ବେଣୁଧର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ପ୍ରମୋଦ ମହାନ୍ତ, ଅରବିନ୍ଦ ନାୟକ, ହଳଧର ମହାନ୍ତ, ଦମୟନ୍ତୀ ମହାନ୍ତ, ଭାରତୀ ମହାନ୍ତ,ନବକିଶୋର ମହାନ୍ତ, ରଜନୀ ମହାନ୍ତ, ଯଶୋଦା ମହାନ୍ତ, ମିନକ ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# ସାଇବର ସୁରକ୍ଷା ପ୍ରଶିକ୍ଷଣ

ଭବାନୀପାଟଣା: ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ପରିସରରେ "ସାଇବର ସୁରକ୍ଷା ଓ ସାଇବର ବୁଲିଂ ସଚେତନତା ପ୍ରଶିକ୍ଷଣ କର୍ମଶାଳା" ଆୟୋଜିତ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ଶିକ୍ଷକ, କିଶୋର–କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମ୍ବୋଧନରେ ପ୍ରଶାସନୀୟ ଅଧିକାରୀମାନେ କହିଥିଲେ ଯେ, ଡିଜିଟାଲ ବ୍ୟବହାର ବଢୁଥିବା ଏହି ସମୟରେ ସାଇବର ଠକେଇ, ଅନଲାଇନ ହାରାସମେଂଟ, ନକଲି ଲିଙ୍କ, ଡିଜିଟାଲ ପେମେଂଟ ଝୁମକି ଏବଂ ସାଇବର ବୁଲିଂ ପରି ଅପରାଧ ବଢ଼ିବା ପାଇଁ ସଚେତନତା ଓ ସୁରକ୍ଷିତ ଇଂଟରନେଟ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ଉପସ୍ଥିତ ଥିଲେ । ସହ-ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା, ଶ୍ରୀମତୀ ସୁମିତା ତ୍ରିପାଠୀ, ତାଲିମଦାତା ରାଜେଶ କୁମାର ନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଅଳକାନନ୍ଦ ସାହୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ । ସାଇବର ହେରାସମେଣ୍ଟ, ନିରାପଦ ସୋସିଆଲ ମିଡିଆ ପ୍ରୟୋଗ, ଡିଜିଟାଲ ଅଧିକାର ଓ ଅଭିଯୋଗ ରିପୋର୍ଟିଂ ପ୍ରକ୍ରିୟା ପରି ବିଷୟ ବସ୍ତୁରେ ରୁପରେ ମୁଖ୍ୟତଃ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମର ମଂଚ ପରିଚାଳନା ଜିଲ୍ଲା ମହିଳା ହବଙ୍କ ସଂଯୋଜକ ଯୋଗେଶ୍ୱର ବୁଢ଼ିଆ କରିଥିଲେ । ଶେଷରେ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ସୁମିତା ଦେବୀ ତ୍ରିପାଠୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ଶେଷ କରିଥିଲେ ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ



ବଲାଙ୍ଗିର(ପିପିଏସ୍) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଚିତ୍ର କଳା ପ୍ରଦର୍ଶନୀ ଅନୁଷ୍ଠିତ ହେଇଥିଲା । ଯେଉଁଥିରେ ବିଇଡି କରୁଥିବା ଛାତ୍ର ଛାତ୍ରୀମାନେ ବିଭିନ୍ନ ଲୁପ୍ତ ପକ୍ଷୀ ଓ ବିଶ୍ୱରେ ଧିରେ ଧିରେ ଲୁପ୍ତ ହେଇ ବସୁଥିବା ପକ୍ଷୀମାନଙ୍କୁ କାଠଗଣ୍ଡି ଉପରେ ଜଳ ରଙ୍ଗର ପ୍ରତିଛବି ଅଙ୍କନ କରି ଭିନ୍ନ ଧରଣର ଏକ ଚିତ୍ରକଳା ପ୍ରଦର୍ଶନୀ କରିଥିଲେ ବିଶ୍ୱ ବିଦ୍ୟାଳୟର ସମ୍ମେଳନ କକ୍ଷରେ । ଏହି ଚିତ୍ରକଳା ପ୍ରଦର୍ଶନୀକୁ ରାଜେନ୍ଦ୍ର ବିଶ୍ୱବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ତାଙ୍କ ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ରେଜିଷ୍ଟାର ହରପ୍ରସାଦ ଭୋଇ, ଡେପୁଟି ରେଜିଷ୍ଟ୍ରାର ଡ. ମନୋଜ କୁମାର ନାଗ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଚିତ୍ରକଳା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇ ପ୍ରେରଣା ଯୋଗାଇଥିଲେ । ଦୃଶ୍ୟକଳାର ସହକାରୀ ଅଧ୍ୟାପକ ଶାନ୍ତନୁ କୁମାର ମେହେର ଚିତ୍ରକଳା ପ୍ରଦର୍ଶନୀକୁ ପରିଚାଳନା କରିଥିଲେ । ଏହି ଚିତ୍ରକଳା ପ୍ରଦର୍ଶନୀ ରେ ଛାତ୍ରଛାତ୍ରୀମାନେ ନିଜର ଅଭ୍ୟାସଗତ ଶିକ୍ଷା ତଥା ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ । ଏହି ଚିତ୍ରକଳା ପ୍ରଦର୍ଶନୀ ଦେଖିବା ପାଇଁ ବିଶ୍ୱ ବିଦ୍ୟାଳୟ ର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀମାନଙ୍କ ଭିଡ ହୋଇଥିଲା ।

# ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର: ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ବ୍ୟାଙ୍କ ଋଣ , ବିଦ୍ୟୁତ ଓ ଜଳ ଯୋଗାଣ , ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ,ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ , ପ୍ରାକ-ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବିବାଦର ମଧ ଲୋକ ଅଦାଲତରେ ସମାଧାନ ହୋଇପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରୋକ୍ତ ଜଡିତ ସମସ୍ତ ମୋକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ବା ଜିଲ୍ଲାର ୭ ଗୋଟି ତାଲୁକ ଲିଗାଲ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

# ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ

ନୂଆପଡା, (ହି.ସ.)- ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଶୂର୍ମି ସୋରେନ୍ , ଡି ଆର୍ ସି ଏସ ଶିବ ପ୍ରସାଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରିୟ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ, କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ । ପ୍ରାଥମିକ ସ୍ତରରେ ଏହା କୃଷକ ମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରି ଗ୍ରାମାଚଂଳର କୃଷକ ମାନଙ୍କ ବିଶ୍ୱାସ ଭାଜନ ହୋଇଥାଏ । ସମବାୟ ସୁରକ୍ଷିତ ରହିଲେ କୃଷକ ସମାଜ ସମୃଦ୍ଧ ହେବ । ଏହାପରେ ଆସନ୍ତା ବର୍ଷ ପାଇଁ ନୂଆପଡ଼ା ଜିଲ୍ଲାର ସମବାୟ ବିକାଶ ଉପରେ ବିଶଦ୍ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରି ନୂଆପଡ଼ା ଜିଲ୍ଲାରେ ସମବାୟର ବିକାଶ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ । ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ କିଣା, ସାର ଓ ବିହନ ର ସୁବଂଟନ, କେସିସି ଋଣ ପ୍ରଦାନ, ମାଇକ୍ରୋ ଏ ଟି ଏମ ଦ୍ୱାରା ଟଙ୍କା ଉଠାଣ କିଭଳି ଭାବେ ସୁଚାରୁ ରୂପେ ହୋଇପାରିବ, ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଏଚ୍‌ଆଇଭି ଏଡ୍‌ସ ସଚେତନତା

ଜୟପୁର: ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଏଡ୍‌ସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଉପାନନ୍ଦ ପାଣି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା, ଲେପ୍ରା ସୋସାଇଟି କାଉନସିଲର ବିଜ୍ଞାନିକା ଦାସ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଗଣଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ମହୋଦୟ କାର୍ଯ୍ୟ କ୍ରମକୁ ଉଦଘାଟନ କରିବା ସହିତ ଏଡ଼ସର ସଚେତନତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ ଏବଂ ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା ସାଂପ୍ରତିକ ପରିସ୍ଥିତିରେ ଏଚ୍.ଆଇ.ଭିର ଆଶଙ୍କା, ଲକ୍ଷଣ ଓ ପ୍ରତିକାର ଇତ୍ୟାଦି ବିଷୟରେ ଆଲୋଚନା କରିବା ବେଳେ ଲେପ୍ରା ସୋସାଇଟି କାଉନସିଲର ବିଜ୍ଞାନିକା ଦାସ ଏଚ୍. ଆଇ. ଭି ଭୂତାଣୁ ଜନିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ ଏବଂ ଉଦାହରଣ ମାଧ୍ୟମରେ ଯୁବ ପିଢ଼ିଙ୍କ ମଧ୍ୟରେ ଏଚ୍. ଆଇ. ଭି ସଂକ୍ରମଣର ବ୍ୟାପକତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପରିଶେଷରେ ଏଡ଼ସ ସମ୍ବନ୍ଧୀୟ ପୁସ୍ତିକା ଓ ପ୍ରଚାର ପତ୍ର ବଂଟନ କରାଯାଇଥିଲା ।

# ଶକ୍ତି ସଂରକ୍ଷଣ ଓ ସ୍ଥାୟୀ ଭବନ ସଂହିତା ସମ୍ପର୍କିତ ତାଲିମ୍

ସମ୍ବଲପୁର: ସମ୍ବଲପୁର ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ) ଓ ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଏବଂ ରାଜ୍ୟ ଡେଜିଗନେଟେଡ୍ ଏଜେନ୍ସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଇସିଏସବିସି ସେଲ୍ ୨୮ ଏବଂ ୨୯ ନଭେମ୍ବର ୨୦୨୫ରେ ସମ୍ବଲପୁର ମହାନଗର ନିଗମ (ଏସଏମସି) କାର୍ଯ୍ୟାଳୟର କନଫେରେନ୍ସ ହଲରେ ଇସିଏସବିସି ଉପରେ ଏକ ଦୁଇ ଦିନିଆ ତାଲିମ ଶିବିର କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ରେଢାଖୋଲ ଏନ୍‌ଏସି, କୁଚିଣ୍ଡା ଏବଂ ରେଙ୍ଗାଲି ଟିପିଡବ୍ଲୁଓଡିଏଲ୍, ଇଡକୋ, ପୂର୍ତ୍ତ ବିଭାଗ, ଭିସୁଟ୍ ଏବଂ ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ଏସଏମସି ସରୋଜିନୀ କୁଲୁ, ଡେପୁଟି କମିଶନର ଏସଏମସି ଭିକ୍ଟର ସୋରେଙ୍ଗ, ଅତିରିକ୍ତ ସିଟି ଇଞ୍ଜିନିୟର ଏସଏମସି ପ୍ରଫୁଲ୍ଲ ରାଇତ, ଅତିରିକ୍ତ ମୁଖ୍ୟ ଇଞ୍ଜିନିୟର (ବିଦ୍ୟୁତ)-ଓ-ବୈଦ୍ୟୁତିକ ନିରୀକ୍ଷକ ସମ୍ବଲପୁର ଗଣନାଥ ଦାସ ଏବଂ ଶକ୍ତି ଦକ୍ଷତା ବ୍ୟୁରୋ ତରଫ ରୁ ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଏବଂ ଡକ୍ଟର ସୟଦ ମୋୟାଜ୍ଜମ ଅଲିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏସଡିଏ ଓଡ଼ିଶା ତରଫରୁ ଇସିଏସବିସି ସେଲ୍ ସ୍ୱାଗତ ଭାଷଣ ଦେଇ ଦର୍ଶକମାନଙ୍କୁ ଇସିଏସବିସି କୋଡ୍ ବିଷୟରେ ସୂଚନା ଦେଇଥିଲେ ଏବଂ ଇସିଏସବିସି କୋଡ୍ ବିକାଶ ପାଇଁ ୟୁଏଲବି ସହିତ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ତାଙ୍କ ଉଦଘାଟନୀ ଭାଷଣରେ, ମୁଖ୍ୟ ଅତିଥି ସରୋଜିନୀ କୁଲ୍ଲୁ, ଶକ୍ତି ସଂରକ୍ଷଣ କୋଡ୍ ସୁଗମ କାର୍ଯ୍ୟକାରୀ କରିବା ପାଇଁ କୋଠା କ୍ଷେତ୍ରର ଅଂଶୀଦାରମାନଙ୍କ ଦ୍ୱାରା ଏହି ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଏବଂ ଡକ୍ଟର ସୟଦ ମୋୟାଜ୍ଜମ ଅଲିଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଣିଜ୍ୟିକ ଏବଂ ଆବାସିକ କୋଡ୍ ପାଇଁ ଇସିଏସବିସି କୋଡ୍ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ଶକ୍ତି ସିମୁଲେସନ୍ ସଫ୍ଟୱେର୍ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ପଦକ୍ଷେପ ଏସଡିଏର ଚାଲୁଥିବା କ୍ଷମତା-ନିର୍ମାଣ ପ୍ରୟାସର ଏକ ଅଂଶ । ଏହା ରାଜ୍ୟ ଶକ୍ତି ବିଭାଗ ଦ୍ୱାରା ୨୦୨୨ ରେ ଅଧିସୂଚିତ ଓଡ଼ିଶା ଶକ୍ତି ବିଲ୍ଡିଂ ସଂରକ୍ଷଣ କୋଡ୍ (ଓଇସିବିସି) ସଂଶୋଧନ କରିବା ପାଇଁ ଏନର୍ଜି ଏଫିସିଏନ୍ସି ବ୍ୟୁରୋ ଦ୍ୱାରା ପ୍ରକାଶିତ ଇସିଏସବିସି କୋଡର ବର୍ତ୍ତମାନର ସମୀକ୍ଷା ସହିତ ସମନ୍ୱିତ । ଆଗାମୀ ମାସଗୁଡ଼ିକରେ ରାଜ୍ୟ ବିଭିନ୍ନ ସ୍ଥାନରେ ଏସଡିଏ ଦ୍ୱାରା ଆହୁରି କର୍ମଶାଳା ଆୟୋଜନ କରାଯିବାର ଯୋଜନା କରାଯାଇଛି । ଅଧିକ ସୂଚନା ଏବଂ ଅଂଶଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ) ଓ ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଏବଂ ରାଜ୍ୟ ଡେଜିଗନେଟେଡ୍ ଏଜେନ୍ସି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

cmyk cmyk cmyk

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହିଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧।୧୨।୨୦୨୫ ■ ସୋମବାର

# ଚର୍ଚ୍ଚା ହେଉ

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଗୃହର କାର୍ଯ୍ୟକୁ ସୂଚାରୁ ଢଙ୍ଗରେ ଚଳାଇବା ଲାଗି ଉଭୟ ଗୃହର ବୁଲେଟିନ୍ ଜାରି କରାଯାଇସାରିଲାଣି ଯହିଁରେ ସଦସ୍ୟମାନଙ୍କୁ 'କରଣୀୟ' ଓ 'ଅକରଣୀୟ' କଥା ସବୁ ଉଲ୍ଲେଖ କରାହୋଇଛି । ଏହି ବୁଲେଟିନ ମୁତାବକ, ବାଚସ୍ପତିଙ୍କ, ବାଚସ୍ପତିଙ୍କ ନିର୍ଣ୍ଣୟକୁ ଗୃହ ଭିତରେ କି ବାହାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମାଲୋଚନା କରାଯାଇ ପାରିବ ନାହିଁ । ବୁଲେଟିନରେ କୁହାଯାଇଛି ଯେ ରାଜ୍ୟସଭାର ଅଧ୍ୟକ୍ଷ ତଥା ଲୋକସଭାର ବାଚସ୍ପତି ପୂର୍ବ ଉଦାହରଣ ଅନୁସାରେ ନିର୍ଣ୍ଣୟ ପ୍ରଦାନ କରିଥାଆନ୍ତି ଓ ଯେଉଁଠାରେ କୌଣସି ପୂର୍ବ ଉଦାହରଣ ନଥାଏ, ସେଠି ସାଧାରଣ ସଂସଦୀୟ ପରମ୍ପରାର ପାଳନ କରାଯାଇଥାଏ । ଏପ୍ରକାର ଦିଗନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଗୃହକାର୍ଯ୍ୟକୁ ଉତ୍ତମ ଢଙ୍ଗରେ ପରିଚାଳନା କରିବା, କିନ୍ତୁ ଏଥିରେ ସମାଲୋଚନା କରିବା ପାଇଁ ଜାଗା ରହିବା ଦରକାର । ଆଲୋଚନା, ସମାଲୋଚନା ଓ ବାଦ-ବିବାଦ ହେଉଛି ସଂସଦୀୟ ପରମ୍ପରାର ଅଂଶବିଶେଷ । ଯେପର୍ଯ୍ୟନ୍ତ ସମାଲୋଚନା-ପୂର୍ବାଗ୍ରହଗ୍ରସିତ କି ବ୍ୟକ୍ତିଗତ ନ ହୋଇଛି, ସେପର୍ଯ୍ୟନ୍ତ ତାହାର ସ୍ୱାଗତ କରାଯିବା ଦରକାର । ଏହି ଭାବ ଦେଶର ଅନ୍ୟ ସାମ୍ବିଧାନିକ ସଂସ୍ଥାମାନଙ୍କରେ ମଧ୍ୟ ପରିଦୃଶ୍ୟ ହୋଇଆସିଛି ।

ଉଦାହରଣ ସ୍ୱରୂପ, ଅଦାଲତର କୌଣସି ନିର୍ଣ୍ଣୟକୁ ଚାଲେଞ୍ଜ ଦିଆଯାଇପାରୁଛି । ରାୟକୁ ବିରୋଧ କରି ଅସହମତି ବ୍ୟକ୍ତ କରାଯାଉଛି ଓ ତାହା ବିରୋଧରେ ଉପର ହଦାଲତରେ ଅପିଲ ମଧ୍ୟ ଦାଏର କରାଯାଉଛି । ସମାଲୋଚନା ଓ ଅସହମତି ଲାଗି ସ୍ୱାଧୀନତା ଅପରିହାର୍ଯ୍ୟ । ତାହା ବିନା ଏହା ଆଦୌ ସମ୍ଭବପର ନୁହେଁ । ନିର୍ବାଚନୀ ରାଜନୈତିକ ବ୍ୟବସ୍ଥାରେ ବିରୋଧୀ ପକ୍ଷ ସବୁପ୍ରକାର କଥାରେ ସହମତ ହେବ, ଏପରି ଆଶା କରାଯାଇନପାରେ । ପୁଣି ଏବେ ଯେପ୍ରକାର ଦେଶରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି, ତାହା ଗୃହ ଭିତରେ ଓ ବାହାରେ ତକରାଳ ହେବା ଅତି ସ୍ୱାଭାବିକ କଥା । ପୂର୍ବର ଅନେକ ଉଦାହରଣ ରହିଛି ଯେବେ ବାଚସ୍ପତି ହୁଅନ୍ତୁ କି ଅଧ୍ୟକ୍ଷଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ କାର୍ଯ୍ୟକାଳରେ ତ ଏ ଉତ୍ତେଜନା ପୂରା ଚରମରେ ଯାଇ ପହଞ୍ଚି ଯାଇଥିଲା । କଂଗ୍ରେସ ସାଂସଦ ଜୟରାମ ରମେଶଙ୍କର ଏକ ଟିପ୍ପଣୀକୁ ନେଇ ରାଜ୍ୟସଭାର ସ୍ୱାଧିକାର (ପ୍ରିଭିଲେଜ୍) କମିଟିରେ ଏକ ମାମଲା ଚାଲିଛି, ଯାହା ସେ ଉତ୍ତେଜନାର ପରିଣାମ । ଲୋକସଭାରେ ମଧ୍ୟ କମ୍ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେଉନାହିଁ ।

ଗଣତନ୍ତ୍ରରେ କେହି ବି ସମାଲୋଚନାର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି କୁହାଯାଏ । ରାଜ୍ୟସଭା ବୁଲେଟିନରୁ ଏପରି ଲାଗୁଛି ସାଂସଦମାନଙ୍କର ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିବାକୁ ଯାଉଛି, ଯାହା କି ଭଲ ସନ୍ଦେଶ ଦେଉନାହିଁ । ନୂଆ ଉପ-ରାଷ୍ଟ୍ରପତି ଏବେ ରାଜ୍ୟସଭାର ଅଧ୍ୟକ୍ଷ ଭାବେ ଗୃହ ପରିଚାଳନା କରିବେ । ତେଣୁ ବିଶେଷ ଭାବେ ଧ୍ୟାନଦେବାକୁ ହେବ ଯେ ଅଭିବ୍ୟକ୍ତି କି ସମାଲୋଚନାର ଅଧିକାରରେ ମଧ୍ୟ କିଛି ସୀମାଯାଏ ଲାଗୁ ହେବା ଦରକାର । ଶୀତକାଳୀନ ଅଧିବେଶନରେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କ ଲାଗି ପ୍ରଥମ ଅଧିବେଶନ ହେବ । ମୌସୁମୀ ଅଧିବେଶନର ଅନୁଭୂତି ସେପରି କିଛି ଭଲ ନଥିଲା । ସେତେବେଳେ ଉଭୟ ଗୃହର ପ୍ରଡକ୍ଟିଭିଟି କେବଳ ୩୮ ପ୍ରତିଶତ ଥିଲା ଏବଂ ରାଜ୍ୟସଭାରେ ମାତ୍ର ୪୧.୧୫ ଘଣ୍ଟା ଗୃହ କାର୍ଯ୍ୟ ଚାଲି ପାରିଥିଲା । ଏଥର ଏସ୍.ଆଇ.ଆର୍. ପ୍ରସଙ୍ଗକୁ ଜୋରଦାର ଭାବେ ବିପକ୍ଷ ଉଠାଇବା ଲାଗି ପ୍ରସ୍ତୁତ ହେଉଥିବା ବେଳେ 'ବନ୍ଦେ ମାତରଂ'ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଲୋକସଭାରେ ତାହାକୁ ନେଇ ଆଲୋଚନା କରିବା ପାଇଁ ସମୟ ଧାର୍ଯ୍ୟ ହୋଇଛି । ଆଶା କରାଯାଉଛି ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ ହେବା ବେଳେ ଦେଶର ଆର୍ଥିକ ସ୍ଥିତିକୁ ନେଇ ମଧ୍ୟ ଚର୍ଚ୍ଚା ହେବ । ❑❑

# ସାମ୍ବିଧାନିକ ସୀମା: ସୁପ୍ରିମକୋର୍ଟର ସଂଯମ

ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ



ବିଧାନସଭାରେ ଗୃହୀତ କୌଣସି ବିଧେୟକ ନେଇ ନିର୍ଣ୍ଣୟ ନେବା ସକାଶେ କ'ଣ ରାଜ୍ୟପାଳଙ୍କୁ କି ପୁଣି ରାଷ୍ଟ୍ରପତିଙ୍କ ଲାଗି ଅଦାଲତ ସମୟସୀମା ସ୍ଥିର କରିପାରିବେ ? ସୁପ୍ରିମକୋର୍ଟ ଏ ମାମଲାରେ ପୂର୍ବରୁ ଗ୍ରହଣ କରିଥିବା ନିର୍ଣ୍ଣୟର ପରିବର୍ତ୍ତନ କରି ନିଜ ଦୃଷ୍ଟିକୋଣର ପରିବର୍ତ୍ତନ କରିଛି । ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ ମାସରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ବିଧେୟକଗୁଡ଼ିକ ଉପରେ ସହମତି ପ୍ରଦାନ ଲାଗି ସମୟସୀମା ସ୍ଥିର କରିଥିଲେ । ଏହା ଭୁଲ୍ ବୋଲି ଏକ ରାୟରେ କୁହାଯାଇଛି । ସୁପ୍ରିମକୋର୍ଟ କହିଛନ୍ତି ପୂର୍ବ ନିର୍ଣ୍ଣୟରେ ନିରୂପିତ ସମୟସୀମା ଓ ତାହା ପାଳନ କରାନଗଲେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପକ୍ଷରୁ ଗୃହୀତ ସହମତିର ସିଦ୍ଧାନ୍ତ ଲାଗୁ କରିବା କୋର୍ଟ ପକ୍ଷରୁ ସେମାନଙ୍କ କ୍ଷମତାରେ ହସ୍ତକ୍ଷେପ କଲାଭଳି ହେବ, ଯାହାକୁ ମଂଜୁର କରାଯାଇ ପାରିବ ନାହିଁ । ନିରୂପିତ ସମୟସୀମାରେ ଯଦି ରାଜ୍ୟପାଳ କି ରାଷ୍ଟ୍ରପତି ବିଧେୟକକୁ ମଂଜୁରୀ ନ ଦିଅନ୍ତି ତେବେ କୋର୍ଟ କ'ଣ ଅବମାନନା ମାମଲା ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ବିରୋଧରେ ରୁଜୁ କରିବ ? ଏପ୍ରକାର ସ୍ଥିତି ସୃଷ୍ଟି ହେଲେ ଯେ ସାମ୍ବିଧାନିକ ବ୍ୟବସ୍ଥା ଭୁଶୁଡ଼ିପଡ଼ିବ, ତାହା ହୃଦୟଙ୍ଗମ କରି ସୁପ୍ରିମକୋର୍ଟ ନିଜର ସୀମା ସଂପର୍କରେ ସଚେତନ ହୋଇ ପୂର୍ବ ନିର୍ଣ୍ଣୟର ସଂଶୋଧନ କରିଛନ୍ତି ।

ଏ ମାମଲା ତାମିଲନାଡୁ ସରକାର ଓ ସେଠାକାର ରାଜ୍ୟପାଳଙ୍କୁ ନେଇ ସୃଷ୍ଟି । ସେତେବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳଙ୍କ ପକ୍ଷରୁ ପଠାଯାଇଥିବା ଯେକୌଣସି ବିଧେୟକକୁ ତିନିମାସ ଭିତରେ ନିର୍ଣ୍ଣୟ ନେବାକୁ ହେବ । ବିତର୍କ ଏଇଠାରୁ ଆରମଭ ହେଲା । ଏହା ପରେ ସୁପ୍ରିମକୋର୍ଟଙ୍କୁ ରାଷ୍ଟ୍ରପତି ୧୪ଟି ପ୍ରଶ୍ନର ଉତ୍ତର ଚାହିଁଥିଲେ । ଦୁଇ ସଦସ୍ୟ ବିଶିଷ୍ଟ ବେଞ୍ଚ ତାମିଲନାଡୁ ମାମଲାର ବିଚାର କରି କହିଦେଇଥିଲେ ରାଜ୍ୟପାଳଙ୍କୁ ଏକ ସ୍ଥିରୀକୃତ ସମୟ ସୀମା ଭିତରେ ବିଧେୟକ ଉପରେ ନିର୍ଣ୍ଣୟ ନେବାକୁ ବାଧ । ସେ ବେଞ୍ଚ ରାଜ୍ୟପାଳଙ୍କ ସମେତ ରାଷ୍ଟ୍ରପତିଙ୍କୁ ମଧ୍ୟ ସମୟସୀମା ଭିତରେ ବାନ୍ଧିଦେଇଥିଲା ଓ ତାମିଲନାଡୁର ବିଧେୟକଗୁଡ଼ିକୁ ସ୍ୱୀକୃତ ବୋଲି ଘୋଷଣା କରିଦେଇଥିଲା । ଯେହେତୁ ଏହା ସୁପ୍ରିମକୋର୍ଟ ପକ୍ଷରୁ ନିଜର ନ୍ୟାୟିକ ସୀମାର ଅତିକ୍ରମଣ କରିବା ଓ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଅଣଦେଖା କରିବା ଭଳି ନିର୍ଣ୍ଣୟ ଥିଲା, ତେଣୁ ଏହା ଉପରେ ପ୍ରଶ୍ନ ଉଠିଲା ଓ ରାଷ୍ଟ୍ରପତିଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଲା । ତାଙ୍କ ଦ୍ୱାରା ପ୍ରେରିତ ପ୍ରଶ୍ନାବଳୀର ଉତ୍ତର ଦେବା କ୍ରମରେ ସାମ୍ବିଧାନିକ ବେଞ୍ଚ ଅନୁଭବ କଲେ ଯେ ଦୁଇ ସଦସ୍ୟ ବିଶିଷ୍ଟ ବେଞ୍ଚ ଯାହା ରାୟ ଦେଇଛନ୍ତି ତାହା ଅସାମ୍ବିଧାନିକ ଯଥା, ଯଦି ବିଧେୟକଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ମଂଜୁରୀ ନ ମିଳେ ତେବେ ତାହା ସ୍ୱତଃ ସ୍ୱୀକୃତ ବୋଲି ଗ୍ରହଣ କରାଯିବ ।

ଅବଶ୍ୟ ସାମ୍ବିଧାନିକ ବେଞ୍ଚର ଏ ନିର୍ଣ୍ଣୟ ଉପରେ ବିତର୍କ ହେବ, କିନ୍ତୁ ଧ୍ୟାନଯୋଗ୍ୟ ବିଷୟ ହେଉଛି ସୁପ୍ରିମକୋର୍ଟର ଉପରୋକ୍ତ ନିର୍ଣ୍ଣୟ ଶୁଭ ସଂକେତ ନୁହେଁ, ଯାହା ସାମ୍ବିଧାନିକ ଭାବନା ବିରୁଦ୍ଧରେ ଯାଉଛି ଓ ଯାହା ଉପରେ ରାଷ୍ଟ୍ରପତିଙ୍କୁ ପ୍ରଶ୍ନ ପଚାରିବାକୁ ପଡୁଛି । ବ୍ୟବସ୍ଥାରେ ସ୍ପଷ୍ଟତା ଆସିବା ଆବଶ୍ୟକ । ଯେହେତୁ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ କହିଛନ୍ତି ରାଜ୍ୟପାଳ ନିଜ ମନ୍ତବ୍ୟ ସହିତ କୌଣସି ବିଧେୟକକୁ ବିଧାନସଭାକୁ ଫେରାଇ ଦେଇପାରନ୍ତି କି ପୁଣି ତାହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସୁରକ୍ଷିତ ରଖିପାରନ୍ତି, ତେଣୁ ସମ୍ଭବତଃ ଆଗାମୀ ଭବିଷ୍ୟତରେ ମଧ୍ୟ ବିଧେୟକ ବିଚାର ପାଇଁ ବିଳମ୍ବିତ ହୋଇରହିଲେ ଅଭିଯୋଗ ହୋଇପାରେ । ବିଳମ୍ବିତ ରହିବା ଅବସ୍ଥାରେ ସୁପ୍ରିମକୋର୍ଟ ସୀମିତ ହସ୍ତକ୍ଷେପ କରିବା କଥା ଅବଶ୍ୟ କହିଛନ୍ତି, କିନ୍ତୁ ତାହା ରାଜ୍ୟପାଳଙ୍କୁ ନିର୍ଣ୍ଣୟ ନେବା ଲାଗି ବାଧ କରିପାରିବ ନାହିଁ ବୋଲି ସ୍ପଷ୍ଟ କହିଛନ୍ତି । ଏ ସମସ୍ୟାର ସମାଧାନ ବାହାର କରାଯିବା ଦରକାର । ପ୍ରଶ୍ନ ହେଉଛି ଦେଶର ସଂଘୀୟ ବ୍ୟବସ୍ଥା ଲାଗି ଏହା ଗୁରୁତ୍ୱପୂର୍ଣ୍ଣ । ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାକୁ ଏ ଦିଗରେ ମନୋନିବେଶ କରିବାକୁ ହେବ । ରାଜନୈତିକ ଦଳମାନଙ୍କ ମଧ୍ୟରେ ସହମତି କାଏମ ହେବା ଦରକାର, ଯାହା ଫଳରେ ବ୍ୟବସ୍ଥାପିକା-କାର୍ଯ୍ୟପାଳିକାଙ୍କର ଏ ମାମଲା ନ୍ୟାୟପାଳିକାରେ ଯାଇ ଯେପରି ନପହଞ୍ଚେ ଯାହା ଉପରେ ତାକୁ ନିର୍ଣ୍ଣୟ ନେବାର ଅଧିକାର ନାହିଁ ।

ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚର ଏ ତାଜା ନିର୍ଣ୍ଣୟ ବେଶ୍ ସନ୍ତୁଳିତ ବୋଲି କୁହାଯାଇପାରିବ, ଯହିଁରେ ନ୍ୟାୟପାଳିକାର ସୀମାକୁ ନେଇ ବେଶ୍ ସମ୍ବେଦନଶୀଳତା ପ୍ରକଟ କରାଯାଇଛି । ସେ ନିର୍ଣ୍ଣୟରେ ଅତି ସ୍ପଷ୍ଟ ଭାବେ କୁହାଯାଇଛି ଯେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଲାଗି ବିଧେୟକ ସଂକ୍ରାନ୍ତରେ ନିର୍ଣ୍ଣୟ ନେବା ପାଇଁ ଅଦାଲତ ସମୟସୀମା ନିର୍ଦ୍ଧାରିତ କରିପାରିବ ନାହିଁ । ଯେତେବେଳେ ରାଜ୍ୟପାଳ କୌଣସି ବିଧେୟକ ଉପରେ ନିର୍ଣ୍ଣୟ ନେବାରେ ବିଳମ୍ବ ହେଉଛି ବୋଲି କାର୍ଯ୍ୟପାଳିକା ଅନୁଭବ କରେ, ତେବେ ତାହା କୌଣସି ସ୍ୱତନ୍ତ୍ର ମାମଲାରେ ନ୍ୟାୟିକ ସମୀକ୍ଷା ପାଇଁ ଅପେକ୍ଷା ରଖେ । ରାଜ୍ୟପାଳଙ୍କ ଲାଗି ସନ୍ଦେଶ ସ୍ପଷ୍ଟ ଯେ ତାଙ୍କୁ ନିର୍ବାଚିତ ସରକାରଙ୍କ ସହିତ ସହଯୋଗ ମନୋଭାବ ପୋଷଣ କରିବାକୁ ହେବ । କିନ୍ତୁ ଲକ୍ଷ୍ୟ କରିବାର କଥା ହେଉଛି ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟପାଳମାନଙ୍କର ମନୋଭାବ କେତେ ଓ କିପରି ପରିବର୍ତ୍ତନ ହେଉଛି ।

ଧ୍ୟାନଯୋଗ୍ୟ ବିଷୟ ହେଉଛି, ପୂରା ବିବାଦ ସାମ୍ବିଧାନିକ ଗତିରୋଧରୁ ସୃଷ୍ଟି ହୋଇଥିଲା । ବିରୋଧୀ ଶାସିତ ଏକାଧିକ ରାଜ୍ୟମାନଙ୍କରେ ନିର୍ବାଚିତ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ତକରାଳ ସ୍ଥିତି ଦେଖିବାକୁ ମିଳିଲା, ସେ ସବୁ ରାଜ୍ୟମାନଙ୍କରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଏପରି ଆବେଦନ ସବୁ ଆସିଲା ଯେ ରାଜ୍ୟପାଳ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକଗୁଡ଼ିକୁ ମଂଜୁରୀ ଦେଉନାହାନ୍ତି । ତାହାକୁ ଦେଖି ସୁପ୍ରିମକୋର୍ଟର ଏକ ଦୁଇଜଣିଆ ବେଞ୍ଚ ସମୟସୀମା ସ୍ଥିର କରିଦେଇଥିଲେ । ଏବେ ସାମ୍ବିଧାନିକ ବେଞ୍ଚ ତାହାକୁ ଭୁଲ୍ ବୋଲି ଘୋଷଣା କରିଛି । କିନ୍ତୁ ପ୍ରଶ୍ନ ହେଉଛି କ'ଣ ଏତିକିରେ ଗତିରୋଧ ସମାପ୍ତ ହୋଇଗଲା ? ଆଜି ନ ହେଲେ କାଲି, ଏପରି କିଛି ଉପାୟ ବାହାର କରିବାକୁ ହେବ, ଯାହା ଦ୍ୱାରା ସାପ ମରିବ କିନ୍ତୁ ଲାଠି ଭାଙ୍ଗିବ ନାହିଁ । ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା, ତିନିହେଁଙ୍କର ନିଜନିଜର ସାମ୍ବିଧାନିକ ସୀମା ପ୍ରତି ଧ୍ୟାନ ରଖିବାକୁ ହେବ । ଯେବେ କେହି ବି ସୀମା ଅତିକ୍ରମଣ କରନ୍ତି, ସମସ୍ୟା ଉପୁଜେ । ସୁପ୍ରିମକୋର୍ଟ ଅବଶ୍ୟ ସମ୍ବିଧାନର ବ୍ୟାଖ୍ୟା କରିବାକୁ ଅଧିକାରପ୍ରାପ୍ତ, କିନ୍ତୁ ତାହା କରିବା ନାମରେ ସମ୍ବିଧାନର ଅଣଦେଖା କରିବା ଅନୁଚିତ ।

ଯଦି ତାମିଲନାଡୁ ମାମଲାରେ ରାଜ୍ୟପାଳ ନିଜ କାର୍ଯ୍ୟ ସମୟ ଭିତରେ ନ କଲେ ଆମେ ଚୁପ୍ ହୋଇ ବସିପାରିବା ନାହିଁ ସତ, କିନ୍ତୁ ନ୍ୟାୟପାଳିକା ସମୟ ଭିତରେ ନିର୍ଣ୍ଣୟ ନେଇ ରାୟ ପ୍ରଦାନ ନ କଲେ କ'ଣ କରାଯାଇପାରିବ ? ଏ ପ୍ରଶ୍ନର ଉତ୍ତର କିଏ ଦେବ ? ❑❑

# ଖୁସିର ଦୁଃଖ

ମୋହନ ଚରଣ ବିଷି

ସାରା ବିଶ୍ୱରେ ଏଚଆଇଭି/ଏଡସ୍ ପାଇଁ ଅନେକ ସଚେତନ ସୃଷ୍ଟି କରିବା ଓ ଚିକିତ୍ସା ପାଇଁ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ଦେଇନଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ଆନ୍ତର୍ଜାତିକ ପୁଞ୍ଜି ବିନିଯୋଗର ଯୋଜନା ଅଳ୍ପ ଓ ମଧ୍ୟମ ବର୍ଗର ରାଷ୍ଟ୍ର ମାନଙ୍କରେ କମିବାରେ ଲାଗିଛି । ଏହିପରି ଯଦି ହୁଏ ତାହେଲେ ୬ ମିଲିୟନ ଏଚଆଇଭି ଆକ୍ରାନ୍ତ ମଧ୍ୟରୁ ୪ ମିଲିୟନଙ୍କର ମୃତ୍ୟୁ ୨୦୨୯ ମଧ୍ୟରେ ହୋଇପାରେ । ଚତୁର୍ଥ ଆନ୍ତର୍ଜାତିକ ଆର୍ଥିକ ଉନ୍ନତି କନଫରେନ୍ସରେ ଆଲୋଚନା ହୋଇଛି ଯେ ଏଚଆଇଭି ଆକ୍ରାନ୍ତ ବୃଦ୍ଧି ଘଟୁଥିବା ଦେଶରେ ଅଧିକରୁ ସହଯୋଗ କରିବା ପାଇଁ । ଏଚଆଇଭି ଆକ୍ରାନ୍ତ କୁ ସହଯୋଗ କରିବା ପାଇଁ ମିଳିତ ଜାତିସଂଘ ତରଫରୁ ମଧ୍ୟ ଅନୁରୋଧ କରାଯାଉଛି । ବିଶ୍ୱ ଏଡସ୍ ଦିବସ ୨୦୨୫ର ବିଷୟ ବସ୍ତୁ: 'ଏଡସ୍ ପ୍ରଭାବକୁ ରୂପାନ୍ତରିତ କରିବା, ବାଧାବିଘ୍ନକୁ ଅତିକ୍ରମ କରିବା' ।

ଏଡସ୍ ସହିତ ମୁକାବିଲା କରାଇବା ପାଇଁ ଯେ କୌଣସି ଆର୍ଥିକ ସଂସ୍କାର ଆଣିବା ପାଇଁ ମିଳିତ ଜାତିସଂଘ ପ୍ରତିଶ୍ରୁତି ବଦ୍ଧ ଅଟେ। ୨୦୧୦ ତୁଳନାରେ ୪୦% କମ୍ ଆକ୍ରାନ୍ତ ୨୦୨୪-୨୫ରେ ଦେଖାଯାଇଛି । ଲେସେଥୋ, ମାଲାୱି, ନେପାଳ,ଓ୍ୱାଗାଣ୍ଡା ଓ ଜିମ୍ବାୱେ ପରି କିଛି ଦେଶ ୯୦% ଆକ୍ରାନ୍ତଙ୍କ ସଂଖ୍ୟା କମାଇବାକୁ ୨୦୩୦ ସୁଦ୍ଧା ଲକ୍ଷ୍ୟ ରଖିଛନ୍ତି । ୱ୍ୱାତିନି ଓ କେନିୟା ପରି ରାଷ୍ଟ୍ର ୭୦% ଆକ୍ରାନ୍ତ କମାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ।

ଏଡ଼ସ୍ ଆକ୍ରାନ୍ତ ମଧ୍ୟରେ ଅଧିକାଂଶ ଅଛନ୍ତି ଯୁବପିଢ଼ି । ଯୌବନ ଯୁବପିଢ଼ିର ଇପସିତ ଇଚ୍ଛା । ଯୌବନ ଜୀବନର ଗତିକୁ ଗତିଷ୍ମାନ କରିଥାଏ । ଯୁବପିଢ଼ି ଯୌବନକୁ ଉପଭୋଗ ଓ ଉପଯୋଗ କରି ତୃପ୍ତ ହେଇଥାଏ । ଯୁବଶକ୍ତିର ବିନିଯୋଗ ବ୍ୟକ୍ତି ଓ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇଥାଏ । ପ୍ରେରଣା ଆଉ ପ୍ରୋତ୍ସାହନ ଯୁବଶକ୍ତିକୁ ବିକାଶମୁଖୀ କରାଇଥାଏ । ସୌର୍ଯ୍ୟ,ବୀର୍ଯ୍ୟରେ ଭରପୁର ଯୁବଶକ୍ତି ନିଜ ଉଦ୍ଦେଶ୍ୟ, ଲକ୍ଷ୍ୟ ସାଧିତ ହୋଇନପାରିଲେ ଉଭଟ ହେଇପାରେ । ଦୀଶା ଓ ଦ୍ରଷ୍ଟା ବିହୀନ ଯୁବପିଢ଼ି କକ୍ଷ ବିଚ୍ୟୁତ ହୋଇଥାଏ । ଜୀବନରେ ଆଳସ୍ୟ ଓ କ୍ଳେଶକୁ ଆଦରି ନେଇ ପରଭୋଜି ପରି ସମୟ ଅତିବାହିତ କରେ । ମାୟା ଓ ମୋହଗ୍ରସ୍ତ ହୋଇ କ୍ଷଣିକସୁଖ ସନ୍ଧାନରେ ଅପାର ଆନନ୍ଦ ପାଇଥାଏ । ଶେଷରେ ତାର ପରିମାଣ ମଧ୍ୟ ଭୋଗକରିବାକୁ ପଡିଥାଏ । ସଂଯମତାର ଅଭାବ ଯୋଗୁଁ ଯୁବପିଢି ଆଜି ଅସୁରକ୍ଷିତ । ଯୁବପିଢ଼ି ଠିକ୍ ସେପରି ଯୌନକ୍ଷୁଧାକୁ ଚରିତାର୍ଥ କରିବା ପାଇଁ ଅସୁରକ୍ଷିତ ଯୌନସଂପର୍କ ରଖୁଥିବାରୁ ଏଡ଼ସ୍ ଅର୍ଜନ କରେ ।ଶେଷରେ ପରିଣାମ ଭୋଗ କରିଥାଏ । ତେଣୁ ସଂଯମତାର ଉପାୟ ଅବଲମ୍ବନ କରି ସୁରକ୍ଷିତ ମାର୍ଗ ଚୟନ କରିବା । ସଂଯମତା ପାଇଁ ସଂସ୍କାର, ଶିକ୍ଷା, ଆତ୍ମତୃପ୍ତି, ଯୋଗ, ଆଧ୍ୟାତ୍ମିକତା ସହିତ ଯୋଡି ହେବା ଏକ ସର୍ଭେକ୍ଷଣରୁ ଜଣାପଡିଛି ୧୫ରୁ ୧୯ବର୍ଷ ମଧ୍ୟରେ ଅର୍ଦ୍ଧେକ ଏଡ଼ସ୍ ପୀଡିତ ଦକ୍ଷିଣ ଆଫ୍ରିକା, ନାଇଜେରିଆ, କେନିଆ, ଭାରତ, ମୋଜାମ୍ବିକ ଓ ତାଞ୍ଜାନିଆରେ ଦେଖିବାକୁ ମିଳିଥାଏ । ଏହିସବୁ ଦେଶମାନଙ୍କରେ ୨୦୧୬ରୁ ଯେଉଁ ହାରରେ ଏଡସ୍ ବୃଦ୍ଧି ପାଉଛି ୨୦୩୦ ମସିହାରେ ୭୪୦,୦୦୦ ହଜାରରେ ପହଞ୍ଚି ପାରେ । ଚିନ୍ତାର ବିଷୟ ଏହିଯେ ସାରା ପୃଥିବୀରେ ପ୍ରତି ସପ୍ତାହରେ ୭,୫୦୦ ଜଣ ଏଡସ୍ ପଜିଟିଭ କେବଳ ମହିଳା ମାନଙ୍କର ଚିହ୍ନଟ ହେଉଛି । ପୁରୁଷ ଅପେକ୍ଷା ମହିଳା ମାନଙ୍କ ଠାରେ ଦୁଇଗୁଣ ଦେଖିବାକୁ ମିଳିଥାଏ । ଆଫ୍ରିକାରେ ୧୫ ରୁ ୨୪ ବର୍ଷର ଝିଅ ଓ ମହିଳାମାନଙ୍କ ମଧ୍ୟରୁ ୭୭% ଭାଗ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ।

୨୦୨୪ ରିପୋର୍ଟ ଅନୁସାରେ ମୋଟ ୪୦.୮ ମିଲିୟନ ମଧ୍ୟରୁ ୨୦୨୪ ମସିହାରେ ଏଡ଼ସ ଅର୍ଜନ କରିଛନ୍ତି ୧.୩ ମିଲିୟନ ଓ ୬,୩୦,୦୦୦ ମୃତ୍ୟୁ ବରଣ କରିଛନ୍ତି । ୧୫ବର୍ଷରୁ ଉର୍ଦ୍ଧ୍ୱଙ୍କ ସଂଖ୍ୟା ହେଉଛି ୩୯.୪ ମିଲିୟନ ଓ ୨୦୨୪ରେ ଅର୍ଜନ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୧.୨ମିଲିୟନ ଓ ୫,୫୦,୦୦୦ ମୃତ୍ୟୁ ବରଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୨୧.୦ ମିଲିୟନ ଓ ପୁରୁଷ ୧୮.୫ ମିଲିୟନ । ୧୫ବର୍ଷରୁ କମଙ୍କ ସଂଖ୍ୟା ୧.୪ ମିଲିୟନ ।

୨୦୨୪ ମସିହାରେ ଭାରତରେ ମୋଟ ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ୨.୬ ମିଲିୟନ । ୬୪,୦୦୦ ନୂଆ ଆକ୍ରାନ୍ତ ଦେଖାଦେଇଥିବା ବେଳେ ୩୨,୦୦୦ ମୃତ୍ୟୁ ବରଣ କରିଛନ୍ତି । ୧୫ ବର୍ଷରୁ ଉର୍ଦ୍ଧ୍ୱ ୨.୫ ମିଲିୟନ, ୧୫ବର୍ଷରୁ ଉର୍ଦ୍ଧ୍ୱ ମହିଳା ୧.୧ମିଲିୟନ ଏବଂ ୧୪ବର୍ଷ ମଧ୍ୟରେ ୧୦୦,୦୦ ରହିଛନ୍ତି । ଭାରତର ବିଭିନ୍ନ ରାଜ୍ୟରେ ୨୦୨୪ ମସିହାରେ ଏଚଆଇଭି ସ୍ଥିତି ହେଲା ମିଜୋରାମରେ ସର୍ବାଧିକ ତାପରେ ପରେ ନାଗାଲାଣ୍ଡରେ ମଣିପୁର,ଆନ୍ଧ୍ର ପ୍ରଦେଶ, ମେଘାଳୟ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ଓଡ଼ିଶା ରହିଛି । ୨୦୨୫ ମସିହାରେ ୨.୫ମିଲିଅନ ଏଚ ଆଇ ଭି ଆକ୍ରାନ୍ତ ଚିହ୍ନଟ ହେବାର ଅନୁମାନ କରାଯାଏ । ଯାହା ସବିଶେଷ ତଥ୍ୟ ଆସିଲେ ଜଣାପଡ଼ିବ ।

ଅସୁରକ୍ଷିତ ଯୌନ କ୍ରିୟା ମାଧ୍ୟମରେ ସହଜରେ ଏଡସ୍ ବ୍ୟାପିଥାଏ । ଯୌବନର ଉଚ୍ଛାଳ ତରଙ୍ଗରେ ତରଳି ଯାଇ ଯୁବବର୍ଗ ନିଜକୁ ଆୟତ କରିନପାରି କ୍ଷଣିକ ଖୁସି ଜୀବନର ସବୁ କିଛି ମନେ କରିଥାନ୍ତି ।



ବିଶ୍ୱ ଏଡ୍ସ ଦିବସ ଅବସରରେ

ଏହି କ୍ଷଣିକ ଖୁସି ଅସରନ୍ତି ଦୁଃଖ ଦେଇଥାଏ । ପ୍ରଥମ ଯୌନକ୍ରିୟା ପାଇଁ ଚଞ୍ଚଳ ଇଚ୍ଛା ପ୍ରକାଶ କରିବା ଏଡ଼ସ୍ କୁ ଆମନ୍ତ୍ରିତ କରିବାର ବାଟ ଫିଟିଥାଏ । ଯୌନକ୍ରିୟା ବିଷୟରେ ଜାଣିବା ପାଇଁ ଅହେତୁକ ଇଚ୍ଛା ଓ ବିନା ସୁରକ୍ଷାରେ ସଂପର୍କ ସ୍ଥାପନକରିବା ଫଳରେ ଏଚଆଇଭି ବିସ୍ତାରିତ ହେଇଥାଏ । ଏକ ଚିକିତ୍ସା ସଂପର୍କିତ ସର୍ଭେରୁ ଜଣାପଡିଛି ଏଡସ୍ ଦ୍ୱାରା କବଳିତ ସର୍ବାଧିକ ଥିବା ଆଫ୍ରିକା ମହାଦେଶରେ ୧୫ରୁ ୨୪ବର୍ଷ ଭିତରେ ଥିବା ୬୦% ଯୁବବର୍ଗ ବିନା କଣ୍ଡୋମରେ ରତିକ୍ରିୟା କରିଥାନ୍ତି । ଏଣୁ ବିନା ଗର୍ଭନିରୋଧକ ବ୍ୟବହାର କରିବାର ପରିଣାମ ନିଶ୍ଚିତ ଭୟାନକ ପରିସ୍ଥିତି ସୃଷ୍ଟି କରିଥାଏ ।ଯୁବ ଯୌନ ବ୍ୟବସାୟୀ ମାନଙ୍କ ଦ୍ୱାରା ମଧ୍ୟ ଖୁବ ସହଜରେ ଏଚଆଇଭି ବ୍ୟାପିଥାଏ । ଟଙ୍କା କମାଇବାର ମୋହରେ ପଡି ଅନେକ ଯୌନ ବ୍ୟବସାୟ କାର୍ଯ୍ୟରେ ଲିପ୍ତ । କିନ୍ତୁ ଏହାର ପରିମାଣ ଏତେ ଭୟଙ୍କର ପଛରେ ଜଣାପଡିଥାଏ । ପୃଥିବୀର ଅନେକ ଅଞ୍ଚଳରେ ଏହିପରି ଯୌନ ବ୍ୟବସାୟୀ ମାନେ ରହିଛନ୍ତି ଯେଉଁ ମାନଙ୍କର ବୟସ ପ୍ରାୟ ୧୮ବର୍ଷ । ତୃତୀୟଲିଙ୍ଗ ମାନଙ୍କ ମାଧ୍ୟମରେ ମଧ୍ୟ ଏଚଆଇଭି ଶିଘ୍ର ବ୍ୟାପିଥାଏ । ପୃଥିବୀର ବଡ଼ ବଡ଼ ଦେଶରେ ୧୫ରୁ ୨୪ବର୍ଷ ଆୟୁ ମଧ୍ୟରେ ଥିବା ତୃତୀୟ ଲିଙ୍ଗ ମାନେ ଗୃହ୍ୟ ମୈଥୁନ ଦ୍ୱାରା ଏଚଆଇଭିକୁ ବାଣ୍ଟିଥାନ୍ତି ।

ଯୁବଗୋଷ୍ଠୀଙ୍କୁ ନିଯୁକ୍ତି, ଆତ୍ମସଂଜମ ଶିକ୍ଷାଦାନ ପଦ୍ଧତି ଅବଲମ୍ବନ କରିବାକୁ ହେବ । ଯୁବବର୍ଗକୁ ବ୍ୟାପକ ଭାବେ ଯୌନକ୍ରିୟା ସଂପର୍କରେ ଶିକ୍ଷା ଓ ସଚେତନତା ଆବଶ୍ୟକତା ରହିଛି । ବିଶେଷ ଭାବରେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ସହ ଅସୁରକ୍ଷିତ ଯୌନସଂପର୍କ ବିଷୟରେ ଆଲୋଚନା କରିବା ଦ୍ୱାରା ଓ ସେମାନେ ସଜାଗହେଲେ ଏଡ଼ସ୍ ଆକ୍ରାନ୍ତଙ୍କ ସଂଖ୍ୟା କମିପାରେ । ନଚେତ୍ ସାମାୟିକ ଦେହ ସୁଖ ଅନେକ ଦୁଃଖର କାରଣ ହେଇପାରେ । ଏଡସ୍ ଆକ୍ରାନ୍ତଙ୍କ ମଧ୍ୟରେ ଉତ୍ତମ ଶିକ୍ଷା ବ୍ୟବସ୍ଥା, ଏଡ଼ସ ନିରାକରଣ ଯୋଜନା, ଏଡ଼ସ ପରୀକ୍ଷଣ ଓ ଚିକିତ୍ସା ବ୍ୟବସ୍ଥାକୁ ଶତ ପ୍ରତିଶତ କରିବାକୁ ପଡ଼ିବ । ଭାରତରେ ଏଡସ୍ ନିରାକରଣ ପାଇଁ ଏନ୍ ଏ ସି ପି, ଆଇସି କ୍ୟାପେନ, ଟେଷ୍ଟ ଓ ଟ୍ରେଟ ଏବଂ ମିଶନ ସଂପର୍କ ପରି ଯୋଜନା ଚାଲିଛି । ଗିଗାଲି, ଓ୍ୱାଗାଣ୍ଡା ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଏଡସ୍ କନଫରେନ୍ସ ୯୫-୯୫-୯୫ ସୁତ୍ରରରେ ଆକ୍ରାନ୍ତ ଅନୁପାତ କମାଇବା ସହିତ ଶିକ୍ଷା,ସଚେତନତା, ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରାଯାଇଛି ଗରିବ ରାଷ୍ଟ୍ର ମାନଙ୍କୁ ଅର୍ଥନୈତିକ ସହଯୋଗକୁ ଆହୁରି ଅଧିକ ବୃଦ୍ଧି କରିବା ସହିତ ବିଭିନ୍ନ ପ୍ରକାରର ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି । ତେବେ ୨୦୩୦ ମସିହାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ।

ଗଡରାମାଳ, କୋକସରା, କଳାହାଣ୍ଡି
ମୋ- ୭୯୭୮୪୨୭୭୦୬

# ବଡ଼ମଣିଷ ନୁହେଁ, ଭଲମଣିଷ

ଶ୍ୟାମପ୍ରସାଦ ମିଶ୍ର

ରଞ୍ଜିତବାବୁ ସେଦିନ ଏକ ସୁନ୍ଦର ନୂଆଁ କାର୍ ଚଳାଇ ଘରେ ପହଞ୍ଚିଲେ ଯାହା କି ଥିଲା କମ୍ପାନୀ ପକ୍ଷରୁ ତାଙ୍କୁ ଦିପାବଳୀ ବୋନସ୍ । କାର୍ ର ଦାମ୍ ପାଞ୍ଚ ଲକ୍ଷ ଟଙ୍କା । ସେ ଏକଥା ଜାଣିଥିଲେ ମଧ୍ୟ ସର୍ ପ୍ରାଇଜ୍ ଦେବା ପାଇଁ କାହାରିକୁ ବି କହିନଥିଲେ । ତାଙ୍କ ତିନି ବର୍ଷର ଝିଅ ରଶ୍ମିତା ହଠାତ୍ ଧାଇଁ ଆସିଲା ଯେହେତୁ ସେ ତା' ବାପାଙ୍କୁ ପ୍ରାୟ ଛ' ମାସ ହେଲା କାର୍ ଟିଏ କିଣିବାକୁ ବାରମ୍ବାର ଅଳି କରିଛି । ଯେଉଁଦିନ ସେ ଶୁଣିଲା ତା' ବାପାଙ୍କ ପ୍ରମୋସନ୍ ହୋଇଯାଇଛି ଚିଫ୍ ମ୍ୟାନେଜର୍ ପୋଷ୍ଟ୍ କୁ ଏବଂ ତାଙ୍କର ବର୍ତ୍ତମାନ ମାସିକ ଦରମାରେ ପ୍ରତି ମାସରେ କାର୍ ଟିଏ କିଣିପାରିବେ । ତା' ବାପା ସମସ୍ତଙ୍କୁ ମିଠା ଖୁଆଇବାରେ ବ୍ୟସ୍ତ, ଏତିକି ବେଳେ ଟିକି ଝିଅଟି ତା କମ୍ପାସ୍ ବକ୍ସ୍ ର କମ୍ପାସ୍ ଟି ଆଣି କାର୍ ଟିରେ କ'ଣ କ'ଣ ଗାରେଇଦେଲା । ହଠାତ୍ ରଞ୍ଜିତ ଙ୍କ ନଜର ପଡ଼ିଲା ତା ଉପରେ, ସେ ରାଗରେ ନିଜ ଉପରେ ନିୟନ୍ତ୍ରଣ ହରାଇ ନିଜ ଝିଅର ହାତଟିକୁ ସେହି କମ୍ପାସ୍ ଟିରେ ଏତେ ଜୋରରେ ଆଘାତ କଲେ ଯେ ସେଥିରୁ ପିଚ୍ ପିଚ୍ ରକ୍ତ ବାହାରିଲା । ସମସ୍ତେ ତାକୁ ମେଡିକାଲ ନେଲେ ଓ ଡାକ୍ତର ବ୍ୟାଣ୍ଡେଜ୍ କରିଦେଲେ । ଏପଟେ ରଞ୍ଜିତ ବାବୁଙ୍କ ମା' ରଞ୍ଜନୀଦେବୀ ଆସି ଦେଖନ୍ତି, ସେଠାରେ ତାଙ୍କର କୁନି ନାତୁଣୀ ଲେଖିଥିଲା -'ଗଣ FATHER IS THE BEST FATHER ' । ସେ ଡାକିଆଣି ନିଜ ପୁଅକୁ ଏହା ଦେଖାଇଲେ ଏବଂ ପୁଅକୁ ପଚାରିଲେ, ତାଙ୍କ ପିଲାବେଳେ ତାଙ୍କ ବାପା ମନୋରଞ୍ଜନ ବାବୁ ନୂଆ କରି ଆଣିଥିବା ରେଡ଼ିଓଟିକୁ ସେ ସରାଗରେ ଧରି ନାଚିବା ବେଳେ ତାଙ୍କ ହାତରୁ ଖସିଗଲା ଓ ଦୁଇ ଫାଳ ହୋଇଗଲା, ତାହା ମନେ ଅଛି କି ? ସ୍ମୃତି ପଟରେ ରଞ୍ଜିତ ବାବୁଙ୍କ ନାଚି ଉଠିଲା ସମସ୍ତ ଘଟଣା, ସେଦିନ ତାକୁ ତା' ବାପା ରାଗିବା ପରିବର୍ତ୍ତେ କିପରି ସେ ଡରିକରି ଠିଆ ହୋଇଥିବା ବେଳେ ସ୍ନେହରେ କୋଳକୁ ଉଠେଇ ନେଲେ । ହଠାତ୍ ରଞ୍ଜିତ ହେଲେ ଚେତନା ଶୂନ୍ୟ, ଚେତା ଫେରିଲା ପରେ ସେ କାନ୍ଦିବାକୁ ଲାଗିଲେ ଛୋଟ ଛୁଆଟିଏ ଭଳି ଏବଂ ବାପାଙ୍କ କଥା ଭାବି ବୁଝିପାରିଲେ ଆଜିକା ଶିକ୍ଷା ବ୍ୟବସ୍ଥାର ଟଙ୍କା ମେସିନ୍ ତିଆରି କରିବାର ଫଳାଫଳ ।

ବନ୍ଧୁଗଣ, ଏ ହେଉଛି ଆଜିର ଯୁଗର ମଣିଷ । ତା' ଆଖିରେ ' ଅର୍ଥ ବା ସମ୍ପତ୍ତି ଆଗରେ ସମ୍ପର୍କର ମୂଲ୍ୟ କିଛି ନାହିଁ' । ପାଞ୍ଚ ଲକ୍ଷ ମାସିକ ଦରମା ପାଉଥିବା ବ୍ୟକ୍ତି ସେହି ଦାମ୍ ର ବସ୍ତୁରେ ଦାଗଟିଏ ପାଇଁ ନିଜର ସନ୍ତାନକୁ ବର୍ବରୋଚିତ ଆକ୍ରମଣ କରିପାରେ , କିନ୍ତୁ ତଳଦିନେ ଦି' ମାସର ଦରମାରେ କିଣାଯାଇଥିବା ବସ୍ତୁଟିର ସମ୍ପୂର୍ଣ୍ଣ କ୍ଷତି ଘଟିବା ପରେ ବି ବ୍ୟକ୍ତିଟି ସ୍ନେହ ବ୍ୟକ୍ତ କରିପାରୁଥିଲା । ଯେତେବେଳେ କି ସେ ସମୟରେ ଆଉ ଖଣ୍ଡେ ରେଡ଼ିଓ କିଣିବାକୁ ତାକୁ ପୁଣି ଦୁଇ ବର୍ଷ ଲାଗିବ ।

ରଞ୍ଜିତ ବାବୁ ଆଜିକାର ଯୁଗରେ ବହୁତ ପାଠ ପଢିଲେ , ବଡ ଚାକିରୀ କଲେ, ମାସିକ ଲକ୍ଷ ଲକ୍ଷ ଟଙ୍କା ଦରମା । କିନ୍ତୁ ପାଠପଢ଼ା ଭିତରେ ହରେଇ ପଡ଼ିଥିଲେ ଦୟା , କ୍ଷମା, ସ୍ନେହ, ପ୍ରୀତି, ସାଧୁତା ଆଦି ସମସ୍ତ ଦିବ୍ୟ ମାନବୀୟ ଗୁଣ । ମନୋରଞ୍ଜନ ବାବୁ ବେଶୀ ପାଠପଢି ନଥିଲେ ସତ କିନ୍ତୁ ସେ ଥିଲେ ସମସ୍ତ ଦିବ୍ୟ ମାନବୀୟ ଗୁଣାବଳୀର ଅଧିକାରୀ ।

ବନ୍ଧୁଗଣ, ଆଜିର ଶିଶୁ ବିଭିନ୍ନ ବିଷୟରେ ପାରଙ୍ଗମ କିନ୍ତୁ ତାକୁ ସମସ୍ତେ ପିଲାଟି ଦିନରୁ କହିଛନ୍ତି ଟପ୍ପର ହେବାକୁ, ଏଣୁ ସେ ନିଜକୁ ଭୁଲିଯାଇଛି ଯେ ସେ ଜଣେ ମଣିଷ, ତା'କୁ ବଡ କରିବାରେ ତା' ପରିବାର ଓ ସମାଜର ଅଛି ଅଶେଷ ଅବଦାନ । ଟପ୍ପର ହେବାର ନିଶାରେ ସେ ପାଲଟି ଯାଇଛି ପଥର, ସେ ଦେଖୁଛି ଆଜିର ସମାଜରେ ଟଙ୍କା ହିଁ ସବୁକିଛି । ଏଣୁ ସେ ପରିଣତ ହେଲା ଏକ ଟଙ୍କା ଗଛ ବା ଟଙ୍କା ମେସିନ୍ ରେ ।

ବନ୍ଧୁଗଣ , ଆସନ୍ତୁ ପୁଣି ଫେରିଯିବା ସେହି ପୁରୁଣା ବ୍ୟବସ୍ଥାକୁ । ପାଠ୍ୟପୁସ୍ତକସ୍ଥ ପାଠ୍ୟ ହେଉ ମାନବୀୟ ଗୁଣାବଳୀର ଆଧାର । ଆମ ସମୟରେ ବିଦ୍ୟାଳୟରେ ଖାଇବାକୁ ଦିଆଯାଉନଥିଲା, କିନ୍ତୁ ଆମେ ଆଉ ଜଣେ ଦୁଃଖୀରଙ୍କ ,ଭୋକିଲା ଦେଖିଲେ, ଅନୁଭବ କରିପାରୁଥିଲେ ଭୋକିଲା ଲୋକଟିର ଭୋକଜ୍ୱାଳା । ବର୍ତ୍ତମାନ ପିଲାଟିଏ ସମ୍ବେଦନଶୂନ୍ୟ ହୋଇ ଭାବୁଛି - ସେ ଲୋକଟି ତା ବିଦ୍ୟାଳୟକୁ ଆସିଲେ ତାକୁ ତ ଗଣ୍ଡେ ଖାଇବା ମିଳିଯା'ନ୍ତା । ଆଜିର ଶିଶୁ ମନରେ ସୃଷ୍ଟି ହେଉନାହିଁ ସେହି ମାନବୀୟ ସହାନୁଭୂତି । ଏଣୁ ଆସନ୍ତୁ, ଉଭୟ ପାଠ୍ୟକ୍ରମ ଓ ପରିବାର ସମସ୍ତେ ଗୋଟିଏ ବିଷୟରେ ଆମ ଆଗାମୀ ପୀଢ଼ିକୁ ଉଦ୍ ବୁଦ୍ଧ କରିବା - ' ଟଙ୍କା ମେସିନ୍ ନୁହେଁ ଦରଦୀ ହୃଦୟ 'ଅର୍ଥାତ୍ 'ବଡ଼ ମଣିଷ ନୁହେଁ, ଭଲ ମଣିଷ ' ।

ଭଂଜନଗର
ମୋ:୯୦୯୦୫୦୭୯୫୫

# 'ସୁଅ ମୁହଁରେ ପତର'ର ସ୍ରଷ୍ଟା

ଆଧୁନିକ କାଳର ବିଶିଷ୍ଟ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରେ ପ୍ରାଣବନ୍ଧୁ କର ଅନ୍ୟତମ । ସେ ଥିଲେ ଏକଧାରରେ କବି, ଗାଳ୍ପିକ ଓ ନାଟ୍ୟକାର । ଆଦ୍ୟ କୈଶୋରରେ ବିଦ୍ୟାଳୟରେ ପଢୁଥିବା ବେଳେ ତାଙ୍କ କବି ପ୍ରତିଭା ସହ ଶିକ୍ଷକମାନେ ପରିଚିତ ହୋଇଥିଲେ ଏବଂ ଅଧିକରୁ ଅଧିକ ଲେଖିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ । ପ୍ରାଣବନ୍ଧୁ ସ୍ନାତକ ଉତ୍ତୀର୍ଣ୍ଣ ହେବା ପରେ ସଚିବାଳୟର କିରାଣି ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ହେଲେ ସେଥିରେ ମନ ଲାଗି ନଥିଲା । ତାଙ୍କ ପିତା ଚିନ୍ତାମଣି କର ଥିଲେ ଶିକ୍ଷକ । ପରବର୍ତ୍ତୀ କାଳରେ ପିତାଙ୍କ ଭଳି ସେ ମଧ୍ୟ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ । ବିଭିନ୍ନ ସରକାରୀ ସ୍କୁଲରେ ସେ ଶିକ୍ଷକତା କରିବା ସହ ଘରୋଇ ଭାବେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରି ଶିକ୍ଷକରୁ ପାଲଟିଥିଲେ ଅଧ୍ୟାପକ । ଶିକ୍ଷା ବିଭାଗରେ ବିଭିନ୍ନ ପଦ ପଦବୀରେ ସେ କିଛି କିଛି କାଳ ଅବସ୍ଥାପିତ ହୋଇଥିବା ଜଣାଯାଏ । ରେଭେନ୍ସା ମହାବିଦ୍ୟାଳୟରେ ତାଙ୍କ ଚାକିରି ଜୀବନ ପରିସମାପ୍ତି ଘଟିଥିଲା ଏବଂ ସେ ଅବସର ନେଇଥିଲେ । ଜୀବନରେ ତାଙ୍କ ଲେଖନୀ ସର୍ବଦା ସକ୍ରିୟ ଥିଲା ଏବଂ ଅବସର ପରେ ମଧ୍ୟ ଅଟକି ନଥିଲା । ସେ ଶତାଧିକ କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକର ସ୍ରଷ୍ଟା । 'ସୁଅ ମୁହଁରେ ପତର', 'ନିଶୀଥର ପ୍ରେତାତ୍ମା', 'କ୍ଷଣ ଲଢ଼େଇ', 'ମଶା', 'ରାଣୀ', 'ପଦ୍ମା', 'ସେମାନେ ବି ତ ମଣିଷ', 'ଏ ପୃଥିବୀ ନୁହେଁ' ଆଦି ତାଙ୍କର କେତେକ ଶ୍ରେଷ୍ଠ ଗଳ୍ପ । ପ୍ରାଣବନ୍ଧୁ ନିଜର ନାଟ୍ୟ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମି, ସଂଗୀତ ନାଟକ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ତାଙ୍କର ବହୁଗଳ୍ପ ନାଟକ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ପଢ଼ାଯାଉଛି । ତାଙ୍କ ସାହିତ୍ୟ କୃତି ସଂପର୍କରେ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି, ସେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ, ଫକୀରମୋହନ ସେନାପତିଙ୍କ ମାମୁଁ, ପ୍ରାୟଶ୍ଚିତ ଓ ଛଅମାଣ ଆଠ ଗୁଣ୍ଠ, ହରେକୃଷ୍ଣ ମହତାବଙ୍କ ଟାଉଟର, ଫତୁରାନନ୍ଦଙ୍କ ନାକଟା ଚିତ୍ରକର, ଆଦିକୁ ନାଟ୍ୟ ରୂପ ଦେଇଥିଲେ । ୧୯୧୪ ଡିସେମ୍ବର ଆଜିର ଦିନରେ ବାଙ୍କୀ ଅନ୍ତର୍ଗତ ଡମପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ ସାହିତ୍ୟିକ ।

ଅଲେଖ ଚନ୍ଦ୍ର ସାମଲ
ବାଲିଚନ୍ଦ୍ରପୁର, ଯାଜପୁର

## ସଂପାଦକଙ୍କୁ ପତ୍ର

### ଯୁବପିଢ଼ି ଅପରାଧଠାରୁ ଦୂରେଇ ରହୁ

ମହାଶୟ,

ସମାଜରେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପୃଥିବୀର ପ୍ରତିଟି ଦେଶରେ ନିଜସ୍ୱ 'ଆଇନ' ବ୍ୟବସ୍ଥା ଅଛି । ଦେଶର ସମ୍ବିଧାନରେ ଏହା ପଞ୍ଜିକୃତ ଥାଏ । କିଛି ଦେଶରେ ଲିଖିତ ସମ୍ବିଧାନ ଥିବାବେଳେ କିଛି ଦେଶର ଅଲିଖିତ ସମ୍ବିଧାନ ଅଛି । ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ମଧ୍ୟ ଲୋକପ୍ରତିନିଧିଙ୍କ ଦ୍ୱାରା ସମ୍ଭବ । ସ୍କୁଲରେ ପଢ଼ାଯାଉଥିବା 'ସାମାଜିକ ବିଜ୍ଞାନ' ବିଷୟରେ ଛାତ୍ର ଛାତ୍ରୀଙ୍କୁ କିଛି ଧାରଣା ଦିଆଯାଇଥାଏ, କିନ୍ତୁ 'ଆଇନ' ବିଷୟ ଯଦି ଅଷ୍ଟମ ଶ୍ରେଣୀର ସିଲବସରୁ ଆରମ୍ଭ କରାଯାଇ ପାରନ୍ତା ତେବେ ଆମ ପିଲାମାନେ ଆଇନ ବିଷୟରେ ସଚେତନ ହେବା ସହିତ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇପରନ୍ତେ । ଭାରତୀୟ ଦଣ୍ଡ ସଂହିତାର ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିବା କିଛି ଧାରା ଜାଣିବା ଦ୍ୱାରା କିଶୋର ଓ କୋମଳମତି ବାଳକ ବାଳିକାଙ୍କ ଜୀବନରେ ଆଇନ ପ୍ରତି ସମ୍ମାନ ଆସିବା ସହିତ କିଛିମାତ୍ରାରେ ଅପରାଧ ବି କମିଯିବ । ଅଶିକ୍ଷିତ ବାଳ ଅପରାଧୀଙ୍କୁ ସରକାରୀ ସ୍ତରରେ ଶିକ୍ଷା ଦେବା ସହିତ ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇନ ପାଠ୍ୟକ୍ରମ ଆମ ଶିକ୍ଷିତ ସମାଜକୁ ଅପରାଧ ଠାରୁ ନିଶ୍ଚିତ ଦୁରେଇ ରଖିବ । କୋମଳମତି ଛାତ୍ର ଛାତ୍ରୀ ମାନେ ଆଇନ ଓ ଦଣ୍ଡ ବ୍ୟବସ୍ଥା ବିଷୟରେ ଜାଣିବା ଭବିଷ୍ୟତ ପାଇଁ ଶୁଭଙ୍କର । ଆଇନର ପରିଧି ଭିତରେ ରହି ନିଜକୁ ସୁରକ୍ଷିତ ରଖିବା ସହିତ ସମାଜର ସୁରକ୍ଷାକୁ ବି ନଜର ଦେବା ଆମ ମାନଙ୍କ କର୍ତ୍ତବ୍ୟ, ପିଲାଟି ପ୍ରଥମେ ନିଜ ଘରୁ, ତାହା ପରେ ବିଦ୍ୟାଳୟ । ପରେ ସମାଜରୁ ନିଜ ଦେଶର ଆଇନ କାନୁନ ବିଷୟରେ ଜାଣିଥାଏ । ଅଧା ବା କିଂଚିତ ଜ୍ଞାନ ତା'କୁ ଆଇନ ବିଷୟରେ ସଚେତନ କରିବାରେ ଏତେଟା ସହାୟକ ହୁଏ ନାହିଁ ଓ ସ୍କୁଲ ଶିକ୍ଷାରେ ସ୍ୱତନ୍ତ୍ର ଭାବେ ଆଇନ ବିଷୟକୁ ଯଦି ସାମିଲ କରାଯାଇ ପାରନ୍ତା ।

ଶିବଶଙ୍କର ସାହୁ, କଟକ





# ଧାନକିଣା ବ୍ୟବସ୍ଥାରେ ଅଚଳାବସ୍ଥା : ଚାଷୀ ହତାଶ

ସମ୍ବଲପୁର: ନଭେମ୍ବର ୧୭ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ(ଡିଏଲ୍ପିସି) ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ନଭେମ୍ବର ୨୮ ତାରିଖରୁ ସମ୍ବଲପୁରରେ ଧାନ ସଂଗ୍ରହ ପକ୍ରିୟା ଆରମ୍ଭ ହେବାର ଥିଲା । ସେହି ଅନୁସାରେ ଜିଲାର ସମସ୍ତ ମଣ୍ଡିରେ ଧାନ ସଂଗ୍ରହ ପାଇଁ ସମସ୍ତ ପ୍ରସ୍ତୁତି ମଧ ଶେଷ ହୋଇଥିଲା । ତେବେ ଚାଷୀମାନେ ଟୋକନକୁ ଅପେକ୍ଷା କରି ରହିଥିବା ବେଳେ ଧାନ ସଂଗ୍ରହରେ ସାମିଲ କରିବାକୁ ମିଲରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷରକୁ ଅପେକ୍ଷା କରିଥିଲା ଜିଲା ପ୍ରଶାସନ । ମାତ୍ର ରାଜ୍ୟସ୍ତରରେ ମିଲ ମାଲିକ ସଂଘ ୭ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇ ଥିବାରୁ ଶୁକ୍ରବାର ଠାରୁ ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମିଲର୍ସଙ୍କ ଚୁକ୍ତିପତ୍ର ସ୍ୱାକ୍ଷର ନ ହେବାରୁ ଏବେ ଉକ୍ତ ସନ୍ଦେହ ବାସ୍ତବ ରୂପ ନେଇଛି । ଅପରପକ୍ଷରେ ଚଳିତ ୨୦୨୫-୨୬ ଖରିଫ୍ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଜିଲାର ୬୫, ୧୪୩ ଜଣ ଚାଷୀଙ୍କ ମଧ୍ୟରୁ ୪୯, ୩୩୩ ଜଣ ଚାଷୀଙ୍କ ପାଇଁ ଗୁରୁବାର ବିଳମ୍ବିତ ରାତି ଶେଷ ମୁହୂର୍ତ୍ତରେ ପ୍ରଥମ ପର୍ଯ୍ୟାୟ ଟୋକନ ଜାରି କରାଯାଇଛି । ସେହିପରି ଜିଲାରେ ସମୁଦାୟ ୧୨୭ ଟି ଧାନ କ୍ରୟ କେନ୍ଦ୍ର(ପିପିସି)ରେ ମଧ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇସାରିଛି । ଧାନ ସଂଗ୍ରହ ପାଇଁ ଶୁକ୍ରବାର ସକାଳ ୮ଟା ପୂର୍ବରୁ ଚାଷୀମାନେ ବିଭିନ୍ନ ଯାନ ବାହନରେ ଧାନ ବୋଝେଇ କରି ବରେଇପାଲି ଆରଏମସି ମଣ୍ଡିରେ ପହଞ୍ଚିଥିଲେ ।ଆରଏମସି ଓ ପିଏସିଏସ୍ କର୍ମଚାରୀ ମଧ ପ୍ରସ୍ତୁତ ହୋଇ ରହିଥିଲେ । ମାତ୍ର ଏଠାରେ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇ ପାରି ନଥିଲା । ବହୁ ବିଳମ୍ବରେ ସେଠାରେ ମିଲରଙ୍କ ପ୍ରତିନିଧି ପହଞ୍ଚିବା ପରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲା

**ସମ୍ବଲପୁର ଜିଲ୍ଲା**

ସମବାୟ ସମିତି ସମୂହ ଉପ ନିବନ୍ଧକ ଲକ୍ଷ୍ମୀଧର ରାଉତ, ଆରଏମସି ସମ୍ପାଦକ ସରୋଜ ମେହେରଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଚାଷୀ ନେତା, ମିଲର୍ସ ପ୍ରତିନିଧିଙ୍କ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ମାତ୍ର ନିଖିଳ ଓଡ଼ିଶା ମିଲର୍ସ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର ବା ରାଜ୍ୟ ସଂଘରୁ ଧାନ ସଂଗ୍ରହ ପାଇଁ ସବୁଜ ସଙ୍କେତ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇ ପାରିବେ ନାହିଁ ବୋଲି ରୋକଠୋକ କହି ବୈଠକରୁ ଉଠି ଚାଲି ଯାଇଥିଲେ । ଯାହାଫଳରେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ହୋଇନପାରି ଅଚଳାବସ୍ଥା ଜାରି ରହିଛି । ଫଳରେ ଚାଷୀମାନେ ସାଙ୍ଗରେ ଆଣିଥିବା ଧାନକୁ ମଣ୍ଡିରେ ଗଦା କରି ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି । ପରେ ଉପ ଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ସେଠାରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଛନ୍ତି । ସେ ଚାଷୀମାନଙ୍କୁ କହିଲେ ଯେ, ଜିଲ୍ଲାପାଳ ଗୋଟିଏ ଦିନ ଅପେକ୍ଷା କରିବାକୁ ନିବେଦନ କରିଛନ୍ତି । ସନ୍ଧ୍ୟାରେ ମିଲର୍ସଙ୍କ ସହ ଆଲୋଚନା କରି ଧାନ ସଂଗ୍ରହ ପାଇଁ ବାଟ ଫିଟାଇବା ଉଦ୍ୟମ କରିବେ ଓ ଶନିବାର ଠାରୁ ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ । ଉପ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଶୁଣିବା ପରେ ଏଥିରେ ଚାଷୀମାନେ ସହମତି ପ୍ରକାଶ କରିଛନ୍ତି । ଏହାକୁ ନେଇ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନର ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି ଯେ, ଡିଏଲ୍ପିସି ବୈଠକରେ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ସମୟରେ ଚାଷୀମାନେ ଧାନ ନେଇ ମଣ୍ଡିକୁ ଆସିଛନ୍ତି । ମାତ୍ର ଏଠାକୁ ଆସି ମିଲର୍ସ ଆନ୍ଦୋଳନକୁ ଓହ୍ଲାଇ ଚୁକ୍ତିପତ୍ର ସ୍ୱାକ୍ଷର କରୁ ନ ଥିବା ଜାଣିବାକୁ ପାଇଲୁ । ଜିଲାପାଳଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଆମେମାନେ ଗୋଟିଏ ଦିନ ଅପେକ୍ଷା କରୁଛୁ । ମାତ୍ର ଶନିବାର ସକାଳୁ ଧାନ କ୍ରୟ ଆରମ୍ଭ ନ ହେଲେ ପୂର୍ବାହ୍ନ ୧୧ଟାରୁ ରେମେଡ୍ ଛକ ଠାରେ ରାସ୍ତାରୋକ କରି ଅର୍ଥନୈତିକ ଅବରୋଧ କରିବେ ବୋଲି ଚାଷୀ ନେତା ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି ।



# ବିପର୍ଯ୍ୟସ୍ତ ଅବସ୍ଥାରେ 'ମ୍ୟାଙ୍ଗୋ ହବ୍'

ଢେଙ୍କାନାଳ: ଢେଙ୍କାନାଳରେ ଜିଲ୍ଲାରୁ ଉତ୍ପାଦିତ ଫଳ ଓ ପନିପରିବାର ବଜାର ସୃଷ୍ଟି ସହିତ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସହର ଉପକଣ୍ଠ ଗୋବିନ୍ଦପୁରଠାରେ ୧୧ କୋଟି ଟଙ୍କା ବ୍ୟୟରେ 'ମ୍ୟାଙ୍ଗୋ ହବ୍' ନିର୍ମାଣ ହୋଇଥିଲା। ୩ ବର୍ଷ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଗତ ୯ ବର୍ଷ ଧରି ଏହି କେନ୍ଦ୍ରରେ ତାଲା ପଡ଼ିଛି। ଚଳିତ ବର୍ଷ ଏହାକୁ



କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ଜରିଆରେ ଏକ କମ୍ପାନି ସହ ଚୁକ୍ତି କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମେ' ଶେଷ ସପ୍ତାହରୁ ପାଚିଲା ଆମ୍ବ ବାହାରିବାକୁ ଥିବା ବେଳେ ଅଦ୍ୟାବଧି ସଂପୃକ୍ତ ହବ୍ ପରିସରର ଗଛଲତା ସଫା ହୋଇନାହିଁ କିମ୍ବା କାର୍ଯ୍ୟକ୍ଷମ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଚଳିତ ବର୍ଷ ଆମ୍ବଚାଷୀମାନେ ଉପକୃତ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଢେଙ୍କାନାଳ ଜିଲ୍ଲା ସମେତ ଅନୁଗୁଳ, କାମାକ୍ଷାନଗର, ଗଜପତି, ବୌଦ୍ଧ, ସୋନପୁର, କଟକ, ଯାଜପୁର ଓ ଦେବଗଡ଼ ଅଂଚଳରେ କ୍ଷୁଦ୍ର ଓ ନାମମାତ୍ର ଆମ୍ବଚାଷୀଙ୍କୁ ସୁବିଧାରେ ବଜାର ଉପଲବ୍ଧ ଲାଗି ମ୍ୟାଙ୍ଗୋ ହବ୍ ନିର୍ମାଣ ହୋଇଥିଲା। ୨୦୧୩ ଜୁନ୍ ୨୭ରେ ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ରାଷ୍ଟ୍ରୀୟ ଉଦ୍ୟାନ କୃଷି ମିସନ୍ ପକ୍ଷରୁ ୮ କୋଟି ଟଙ୍କା, ଉଦ୍ୟାନ ଉନ୍ନୟନ ସମିତିରୁ ୨ କୋଟି ଟଙ୍କା ଏବଂ ସ୍ଥାନୀୟ ଆମ୍ବଚାଷୀଙ୍କଠାରୁ ୧ କୋଟି ଟଙ୍କା, ଏହିଭଳି ମୋଟ୍ ୧୧ କୋଟି ଟଙ୍କା ବ୍ୟୟରେ ୪ ଏକର ୯ ଡେସିମିଲ୍ ଜମି ଉପରେ ଏହା ନିର୍ମିତ ହୋଇଥିଲା। ଏହାର ନାମ ରଖାଯାଇଥିଲା ଢେଙ୍କାନାଳ ଫ୍ରୁଟ୍ସ ଆଣ୍ଡ ଭେଜିଟେବୁଲ୍ସ ମାର୍କେଟିଂ କମ୍ପାନି ଲିମିଟେଡ୍। ପିପିପି ମୋଡ୍ ?ରେ ଏହି ପ୍ରକଳ୍ପ ୩ ବର୍ଷ ଚାଲିବା ପରେ ୨୦୧୬ରେ ସରକାର ହାତକୁ ନେଇଥିଲେ। ତେବେ ପରିଚାଳନାଗତ ତ୍ରୁଟି ଯୋଗୁଁ ଏହା ବନ୍ଦ ହୋଇଯାଇଥିଲା। ଭିତରେ ଥିବା ଶୀତଳୀକରଣ ଯନ୍ତ୍ର ଓ ଅନ୍ୟାନ୍ୟ ଉପକରଣ ବର୍ତ୍ତମାନ ଅଛି କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ମ୍ୟାଙ୍ଗୋ ହବ୍ କାର୍ଯ୍ୟକ୍ଷମ ନଥାଇ ଗତବର୍ଷ ମେ ଓ ଜୁନ ମାସରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୃଷକ ଉତ୍ପାଦକ ସଂଗଠନ ସହଯୋଗରେ ୧୨୨.୬ କୁଇଂଟାଲ ଆମ୍ରପଲ୍ଲୀ, ଦଶେରୀ ଓ ମଲ୍ଲିକା କିସମର ଆମ୍ବକୁ ଦୁବାଇ, ଇଟାଲୀ ଓ ସାଉଦିଆରବକୁ ପଠାଯାଇଥିଲା। ଦେଶ ଭିତରେ ଲକ୍ଷ୍ନୌ, ଦିଲ୍ଲୀ, ବିହାର, ମୁମ୍ବାଇ ଆଦି ସ୍ଥାନକୁ ମଧ ୩୨୧ କୁଇଂଟାଲ ଆମ୍ବ ପଠାଯାଇ ପାରିଥିଲା। ମ୍ୟାଙ୍ଗୋ ହବ୍ର ରକ୍ଷଣାବେକ୍ଷଣା ଓ ପରିଚାଳନା ଲାଗି ଗତ ମାର୍ଚ୍ଚ ୨୪ ତାରିଖରେ ଭୁବନେଶ୍ୱରର କୋଲ୍ଡ ଚେନ୍ ସଲ୍ୟୁସନ୍ କଂପାନିକୁ ୧୫ ବର୍ଷ ଲାଗି ଦାୟିତ୍ୱ ଦିଆଯାଇଛି। ତେବେ ଅଦ୍ୟାବଧି ଏହାର କାର୍ଯ୍ୟ ଆରମ୍ଭ ହୋଇନି। ଏ ସଂପର୍କରେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶିକା ଗୀତାଶ୍ରୀ ପାତ୍ରୀ କହିଛନ୍ତି, କୃଷି ଓ କୃଷକ ସଶକ୍ତୀରଣ ବିଭାଗ ପକ୍ଷରୁ ଭୁବନେଶ୍ୱରର କୋଲ୍ଡ ଚେନ୍ ସଲ୍ୟୁସନ୍ କଂପାନି ସହିତ ଚୁକ୍ତି ହୋଇଛି। ମ୍ୟାଙ୍ଗୋ ହବ୍ ସଂପୃକ୍ତ ସଂସ୍ଥାକୁ ହସ୍ତାନ୍ତର କରି ଦିଆଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

# ଖଣି ଅଞ୍ଚଳରେ ଦୂଷିତ ପାଣି, ଲୋକେ ଡହଳବିକଳ

ସମ୍ବଲପୁର: ଲାଲ ପାଣି ପିଉଛନ୍ତି, ମଇଳା ପାଣିରେ ଗାଧୋଉଛନ୍ତି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ର ଖିଣ୍ଡା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ବ୍ଲକ୍ର ଜରାବଗା ଏବଂ ବ୍ରଜରାଜନଗରର କୁଦୋପାଲି, ଲଜକୁରା ପ୍ରଭୃତି ଅଂଚଳର ଖଣିସଂଲଗ୍ନ ଗାଁଗୁଡ଼ିକର ଇଏ ହେଉଛି ନିଛକ ଚିତ୍ର। ହୁଏତ ସ୍ଥାନ ବଦଳିପାରେ, ଭୌଗୋଳିକ ସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ଖଣି ପାଖ ଗାଁରେ ଜଳଯୋଗାଣ ବ୍ୟବସ୍ଥା ଠିକ୍ ଏମିତି। ଯେଉଁଠି ଯେତେ ବେଶି ଖଣି, ସେହି ଅଂଚଳବାସୀ ସେତେ ତୃଷାର୍ତ୍ତ। ଏଥିପାଇଁ ଖଣିମାନଙ୍କ ପକ୍ଷରୁ ନିକଟସ୍ଥ ଗାଁଗୁଡ଼ିକରେ ପାଣି ଗାଡ଼ି ବ୍ୟବସ୍ଥା କରାଯାଉଛି। ମାତ୍ର ଏହା ଅଂଚଳବାସୀଙ୍କ ଆବଶ୍ୟକତା ପୂରଣ କରି ପାରୁନାହିଁ। ଝାରସୁଗୁଡ଼ା ଜିଲ୍ଲା କୁଦୋପାଲି ପଂଚାୟତ ଅନ୍ତର୍ଗତ ଗୌନ୍ତିଆପଡ଼ା। ସ୍ୱଚ୍ଛଳ ଜନବସତି ଅଂଚଳ। ସେଠାରେ ରହୁଥିବା ପୂର୍ବତନ ଖଣି କର୍ମଚାରୀ ଭୁବନେଶ୍ୱର କୁଅଁର ପିଇବା ପାଣି ଲାଗି ବ୍ୟବହାର କରୁଥିବା ଫିଲ୍ଟରକୁ ଏହି ପ୍ରତିନିଧିଙ୍କୁ ଦେଖାଇଥିଲେ। ଯେଉଁଠି ଜମି ରହିଥିଲା ମୋଟା ବହଳର ଲାଲ ଆସ୍ତରଣ। ପାଖରେ ଗୋଟିଏ ପାତ୍ରରେ ରଖାଯାଇଥିବା ପାଣି ମଧ ଲାଲ। ତାଙ୍କ ଘର ନଳକୂଅରୁ ହିଁ ଏଭଳି ପାଣି ଆସୁଛି। କେବଳ ତାଙ୍କ ନଳକୂଅ ନୁହେଁ, ସ୍ଥାନୀୟ ଅଂଚଳରେ କାର୍ଯ୍ୟକ୍ଷମ ଥିବା ନଳକୂଅଗୁଡ଼ିକରୁ ଲାଲ୍ ପାଣି ବାହାରୁଛି। ଏହି ଗାଁରୁ ମାତ୍ର କିଛି ମିଟର ବ୍ୟବଧାନରେ ଥିବା କୋଇଲା ଖଣି ବର୍ତ୍ତମାନ ଦୂରକୁ ଚାଲି ଯାଇଛି। କିନ୍ତୁ ସାଇଡିଂ ଏବେ ବି ରହିଛି। ଭୁବନେଶ୍ୱର କହନ୍ତି, ସେ ରହୁଥିବା କୁଦୋପାଲିରେ ଗତବର୍ଷ ପଂଚାୟତ ପକ୍ଷରୁ ଜଳଯୋଗାଣ ବ୍ୟବସ୍ଥା ହୋଇଛି। କିନ୍ତୁ ତାଙ୍କ ପଡ଼ାକୁ ସପ୍ଲାଏ ପାଣି ପହଂଚି ନାହିଁ। ଯେଉଁଠି ବି ପଂଚାୟତ ପାଣି ଆସୁଛି ତାହା ମାତ୍ର ୧୦ରୁ ୧୫ ମିନିଟ୍ ପାଇଁ। ଯାହା ପଡ଼ାବାସୀଙ୍କ ଆବଶ୍ୟକତା ପୂରଣ କରିପାରୁ ନାହିଁ। ସମସ୍ତେ ନଳକୂଅର ଲାଲ ପାଣିକୁ ଫୁଟାଇ ପିଇବାକୁ ବାଧ ହେଉଛନ୍ତି। ଅଧିକାଂଶ ପଡ଼ାବାସୀ ଗାଁ ପୋଖରୀରେ ଗାଧୋଉଛନ୍ତି। ଯାହା ଅତି ଅପରିଷ୍କାର। ଏଠାରେ ଭୂତଳ ଜଳସ୍ତର ମଧ ବହୁ ତଳକୁ ଖସି ଯାଇଛି। ଆଉ ଏକ କୋଇଲା ଖଣି ପାଖ ଗାଁ ବେଲପାହାଡ଼ ବ୍ଲକ୍ ଜରାବଗାର ଗଉଡ଼ପଡ଼ାରେ କୂଅ, ପୋଖରୀ, ନଳକୂଅ ସବୁ ଶୁଖି ଯାଇଛି। ଏଠାରେ ଲୋକମାନେ କମ୍ପାନି ପକ୍ଷରୁ ଦିଆଯାଇଥିବା ପାଣିଗାଡ଼ି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଗୋଟିଏ ପୋଖରୀ ଅତିଶୟ ପ୍ରଦୂଷିତ ହୋଇଥିବାରୁ ଖଣି ପକ୍ଷରୁ ଆଉ ଏକ କୃତ୍ରିମ ପୋଖରୀ ଖୋଳାଯାଇଛି। କିରପିସା ଗାଁରେ ବି ନଳକୂଅରୁ ଲାଲ ପାଣି ବାହାରୁଛି। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ୍ର ପୂର୍ବତନ ବ୍ଲକ୍ ଅଧକ୍ଷ ସୁଧାରାଣୀ ରାଉତିଆଙ୍କ କହିବା ଅନୁସାରେ, ସେ ରହୁଥିବା ସିଆରମାଲ ଗାଁରେ ଧୂଳି ଏତେ ଅଧିକ ଯେ ସେଠାରେ ପାଣି, ପବନ ଆଉ କିଛି ବାକି ନାହିଁ। ସବୁ ପ୍ରଦୂଷିତ। ନଳକୂଅ ଓ କୂଅରୁ କେବଳ ଲାଲ ପାଣି ବାହାରୁଛି। ପୋଖରୀ ମଧ ଭୀଷଣ ପ୍ରଦୂଷିତ। ନିକଟରେ ଗାଁ ପୋଖରୀ ସଫା କଲାବେଳକୁ କେବଳ କୋଇଲା ଗୁଣ୍ଡ ବାହାରିଲା। ସେଥିରେ ପୁଣି ଏହି ବ୍ଲକ୍ର ଅଧିକାଂଶ ପଂଚାୟତରେ ଆଜି ପର୍ଯ୍ୟନ୍ତ ଜଳଯୋଗାଣ ବ୍ୟବସ୍ଥା ନାହିଁ। ପ୍ରଦୂଷିତ ପାଣି ବ୍ୟବହାର ଯୋଗୁଁ ଗାଁ ଲୋକେ ଚର୍ମ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହେଉଛନ୍ତି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ର ଖିଣ୍ଡା ଓ ତଲାବିରାରେ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣି ବି ଲାଲ୍। ଏଠାରେ ପାଣିରେ ମାତ୍ରାଧିକ ଲୌହ ଥିବା ନେଇ ପରୀକ୍ଷଣରେ ଜଣାପଡ଼ିଥିଲା। ଗାଁରେ କୂଅ ଶୁଖି ଗଲାଣି, ପୋଖରୀ ଅପରିଷ୍କାର। ଏହି ଗାଁଗୁଡ଼ିକୁ ୪(୧) ଅନୁସାରେ ନୋଟିଫିକେସନ୍ ହୋଇଥିବାରୁ ପୋଖରୀ ସଫା ହେଉ ନାହିଁ। ଯାହାଫଳରେ ସ୍ଥିତି ଜଟିଳ ହୋଇଛି। କେବଳ ପାଣି ସଂଗ୍ରହ ପାଇଁ ମହିଳାମାନଙ୍କର ଦିନକୁ ୪ରୁ ୫ ଘଂଟା ସମୟ ଯାଉଛି। ଖଣି ପକ୍ଷରୁ ପାଣି ଗାଡ଼ି ପଠାଯାଉଥିଲେ ମଧ ତାହା ନିୟମିତ ନୁହେଁ। ପାଣି ପାଇଁ ଗ୍ରାମବାସୀଙ୍କୁ ଖଣିର ଠିକା କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡୁଛି।



# ଜରାଜୀର୍ଣ୍ଣ ଅବସ୍ଥାରେ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର

ପାରଳାଖେମୁଣ୍ଡି: ସକାଳ ପାଇଲେ ସଭିଙ୍କୁ ଦୁଗ୍ଧର ଅବଶ୍ୟକ ପଡେ । ତେଣୁ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଗୁରୁତ୍ୱ ଦେଇ ସାରା ରାଜ୍ୟରେ କାର୍ଯ୍ୟକ୍ଷମ କରିଛନ୍ତି ଓମଫେଡ କେନ୍ଦ୍ର । ଓମଫେଡ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କ ଠାରୁ ଉଚିତ ମୂଲ୍ୟରେ ଦୁଗ୍ଧ ସଂଗ୍ରହ କରି ସୁଲଭ ମୂଲ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି । ଏକଦା ଲୋକଙ୍କର ଏକ ନିର୍ଭରଶୀଳ ସଂସ୍ଥା ଭାବେ ଗଢି ଉଠିଥିଲା । ଗଜପତି ଜିଲ୍ଲାରେ ମଧ ପାରଳାଖେମୁଣ୍ଡି ସହରରେ ୧୯୯୩ ମସିହାରେ ଏକ ସ୍ୱତନ୍ତ୍ର ପରିସରରେ ପ୍ରତିଷ୍ଠା ହୋଇଥିଲା ଏହି ଓମଫେଡଅନୁଷ୍ଠାନ । ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କ ଠାରୁ ଦୈନିକ ୫ ହଜାର ଲିଟରରୁ ଉର୍ଦ୍ଧ୍ୱଦୁଗ୍ଧ ସଂଗୃହିତ ହୋଇ ଆସୁଥିଲା, ଦୁଗ୍ଧ ସଂଗ୍ରହ ଠାରୁ ପ୍ରକ୍ରିୟାକରଣ କରିବା ପାଇଁ ୨୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଏଠାରେ ନିୟୋଜିତ ହେଉଥିଲେ । ବର୍ତ୍ତମାନ ତାହା ଦୁଇଜଣ କର୍ମଚାରୀରେ ସୀମିତ ରହିଛି । ବଜାରରେ ମଧ ଓମଫେଡ ଦୁଗ୍ଧର ଯଥେଷ୍ଟ ଚାହିଦା ଓ ଲୋକଙ୍କ ଭରଷା ଯୁକ୍ତ ରହିଥିଲା । ଅନୁରୂପରେ ଗୋପାଳନ ନେଇ ପ୍ରୋତ୍ସାହିତ ହେଉଥିଲେ ଚାଷୀ । ପରବର୍ତ୍ତୀ ସମୟରେ ଘରୋଇ ସଂସ୍ଥାକୁ ପ୍ରୋତ୍ସାହିତ କରାଯିବା ଫଳରେ ସରକାରୀସ୍ତରରେ ଅବହେଳାର ଶିକାର ହେବାରେ ଲାଗିଲା ଏହି ସଂସ୍ଥା । ପ୍ରକିୟା କରଣ କେନ୍ଦ୍ର ଓ କାର୍ଯ୍ୟାଳୟ କୋଠା ନଷ୍ଟ ହୋଇଯାଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି କେତେବେଳ ଯେ କଣ ହେବ ତାହା କହିବା ମୁସ୍କିଲ। ସେହିଭଳି ଆସବାବପତ୍ର ସବୁ ଧିରେ ଧିରେ କଳଙ୍କି ଲାଗି ନଷ୍ଟ ହେଲାଣି, ଜରାଜୀର୍ଣ୍ଣ ଅବସ୍ଥାରେ କୋଠା ରହିଥିବା ବେଳେ ସମ୍ପୂର୍ଣ୍ଣ ଅଞ୍ଚଳ ଏବେ ଜଙ୍ଗଲ ଭଳି ପରିବେଶ ସୃଷ୍ଟି ହୋଇଛି । ତଥାପି ସେଠାରେ ପ୍ରକୀୟାକରଣ ଓ ଶୀତଳୀକରଣ କାର୍ଯ୍ୟ ଚାଲୁ ରହିଛି । ଅପରପକ୍ଷରେ ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରିଲା ନାହିଁ । ଯାହା ଫଳରେ ଗତ କିଛି ବର୍ଷମଧରେ ଅନୁଷ୍ଠାନର ଅଧୋଗତି ଘଟି ଦେବାଳିଆ ସ୍ଥିତିକୁ ଗତି କଲାଣି । ପ୍ରୋତ୍ସାହନ ଅଭାବରୁ ଦୁଗ୍ଧ ସଂଗ୍ରହ ୫ହଜାର ଲିଟରରୁ କମି ୫ ଶହ ଲିଟରରେ ପହଞ୍ଚିଛି । ଆନ୍ଧ୍ର ରୁଗାଡ଼ି ଆସି ଚାଷୀଙ୍କ ଠାରୁ ଅଧିକା ଦାମ ଦେଇ କ୍ଷୀର ସଂଗ୍ରହ କରି ନେଉଥିବା ବେଳେଓମଫେଡ ଜଳକା ହୋଇ ଚାହିଁ ରହୁଛି । ଆନ୍ଧ୍ର କମ୍ପାନୀ ଲିଟର ପିଛା ୬୦ ଟଙ୍କା ଦେଉଥିବା ବେଳେ ଓମଫେଡ ମାତ୍ର ୩୫ ଟଙ୍କା ଦାମ ଦେଉଥିବା ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଇନପାରି ଓମଫେଡ ଠାରୁ ମୁହଁ ଫେରାଉଛନ୍ତୁ ଚାଷୀ । ବଜାରରେ ଆନ୍ଧ୍ର ଉତ୍ପାଦିତ କ୍ଷୀରର ଦାମ ଲିଟର ପିଛା ୬୦ ଟଙ୍କା ଥିବା ବେଳେ ଓମଫେଡର ଦାମ ଲିଟର ପିଛା ୫୬ ଟଙ୍କା ରହିଛି ଯାହାଚାଷୀଙ୍କ ଠାରୁ କମ ଦାମରେ କ୍ଷୀର ନେଇ ଅଧିକ ଦାମରେ ବିକ୍ରି କରୁଛି ଓମଫେଡ, କିନ୍ତୁ ଆନ୍ଧ୍ର କମ୍ପାନୀ ଅଧିକା ଦାମରେ କ୍ଷୀର କିଣି ମଧ ବଜାରରେ ସମାନ ଦରରେ ବିକ୍ରିକରୁଛି । ତେଣୁ ଜିଲ୍ଲାରେ ଘରୋଇ ଦୁଗ୍ଧ ଉତ୍ପାଦନ କମ୍ପାନୀ ନଥିଲେ ମଧ ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ହୋଇଥିବାରୁ ଆନ୍ଧ୍ରରୁ ବିଶାଖା ଡାଇରି ଓ ହେରିଟେଜ ଭଳି କିଛି ଘରୋଇ କମ୍ପାନୀ ଜିଲ୍ଲାରେ ତାଙ୍କର କାୟା ବିସ୍ତାର କରି ପାରିଛନ୍ତି ।

ଅବହେଳାର ଶିକାର ହେଉଛି ଓମଫେଡ

ଅପରପକ୍ଷରେ ସରକାରୀ ସଂସ୍ଥାର ବିକାଶ ତଥା ବହୁଳ ଭାବରେ ପ୍ରଚାର ପ୍ରସାର ଦିଗରେ ବିଭାଗ ଗୁରୁତ୍ୱ ଦେଉନଥିବାରୁ ଅବହେଳାର ଶିକାର ହେଉଛି ଓମଫେଡ । ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର ଅନୁଦାନ ଦେଉ ନଥିବାରୁ, ରୁଗ୍ଣ ହେଲାଣି ଏହି କେନ୍ଦ୍ରର କୋଠାବାଡ଼ି, ଛାତରୁ ପାଣି ଝରି କଂକ୍ରିଟ ଝଡୁଛି, ଏଠି କାମ କରିବା ସୁରକ୍ଷିତ ନୁହେଁ, ଶୀତଳ ଭଣ୍ଡାର ଅବସ୍ଥାକହିଲେ ନସରେ, କର୍ମଚାରୀ ନିଯୁକ୍ତି ହେଉନାହିଁ, ମାତ୍ର ଦୁଇ ଜଣ ମିଲ୍କ ମେନ ଦ୍ୱାରାପରିଚାଳିତ ହେଉଛି । ଗତ ୫ ମାସ ହେଲା କର୍ମଚାରୀ ଦରମା ପାଇ ପାରିନାହାନ୍ତି ।ବ୍ରହ୍ମପୁର ଓମଫେଡ ଅଧିନରେ ଏହି କେନ୍ଦ୍ର ପରିଚାଳନା ହେଉଥିବା ବେଳେ ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବା ଅଭିଯୋଗ ହୋଇଛି, ଏହାର ପୁନରୁଦ୍ଧାର ହେଲେ ଚାଷୀ ଓ ସାଧାରଣଜନତା ଉପକୃତ ହେବେ ବୋଲି କହିଛନ୍ତି ବୁଦ୍ଧିଜୀବୀ ଓ ଚାଷୀନେତା। ଅନ୍ୟ ପକ୍ଷରେସରକାରଙ୍କ ପକ୍ଷରୁ କୌଣସି ସହାୟତା ଆସିନଥିବା ଅନୁଦାନ ଅଭାବରୁ ମରାମତି କିମ୍ବା ଉଦ୍ଧାର ହୋଇ ପାରିନଥିବା ଗତ ୨୦୦୬ ମସିହା ଠାରୁ କୌଣସି ଅନୁଦାନ ଆସିନାହିଁ ଗତ ତିତିଲି ମହା ବାତ୍ୟରେ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଥିଲା ସେଥିରେ ବି କିଛି ଅନୁଦାନ ମିଳିଲାନି, ବାରମ୍ବାର ଏ ସମ୍ପର୍କରେ ଅବଗତ କରାଯାଇଛି କୌଣସି ସୁଫଳ ମିଳିନଥିବା ବ୍ରହ୍ମପୁର ଓମଫେଡର ସାଧାରଣ ପରିଚାଳକ କୁମୁଦ ଚନ୍ଦ୍ର ପାତ୍ରୀ ।



# ହ୍ୟୁମାନ ସାଗରଙ୍କୁ ଝୁରୁଛି ଜନ୍ମମାଟି



## ଏକତାରା କଳାକେନ୍ଦ୍ର ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଟିଟିଲାଗଡ(ପିପିଏସ୍) : ପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ହ୍ୟୁମାନ ସାଗର ଆଉ ନାହାନ୍ତି। ଏହାକୁ ଟିଟିଲାଗଡ଼ ଅଞ୍ଚଳବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। ହ୍ୟୁମାନ ସାଗରଙ୍କ ଅକାଳ ପରଲୋକ ନେଇ ସବୁଠି ଶୋକର ଛାୟା ଖେଳିଯାଇଛି। ସେ ଓଡ଼ିଶା ଫିଲ୍ମ ଜଗତ ସହ ଷ୍ଟେଜ୍ ଶୋ' ମାଧ୍ୟମରେ ସମଗ୍ର ଓଡ଼ିଶାରେ ସନାମଧନ୍ୟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଭାବରେ ଆସନ ଦଖଲ କରିଥିଲେ । ହ୍ୟୁମାନଙ୍କ ଅକାଳ ବିୟୋଗ ନେଇ ତାଙ୍କ ଜନ୍ମମାଟି ସମେତ ବଲାଙ୍ଗିର ଜିଲାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଗତ ସନ୍ଧ୍ୟାରେ ଏକତାରା କଳାକେନ୍ଦ୍ର, ଟିଟିଲାଗଡ଼ ପକ୍ଷରୁ ସଭାପତି ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହ୍ୟୁମେନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ସହ ତାଙ୍କ ଅମର ଆତ୍ମାଙ୍କ ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଅନେକ କଳାକାର ଯୋଗଦେଇ ହ୍ୟୁମେନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଟିଟିଲାଗଡ଼ର ବିଶିଷ୍ଟ କଳାକାର ରଞ୍ଜନ ପଟ୍ଟନାୟକ ଓଡିଶା ସଙ୍ଗୀତ କଳା ଏକାଡେମୀ ପୁରସ୍କାର ପାଇଥିବା ନେଇ ଦୁଃଖଦ ହୃଦୟରେ କଳାକାର ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ, କଳାକାର ରାଜେଶ ପ୍ରଧାନ, ଅରୁଣ ସୁନା, ଯୁଗଲ କିଶୋର ସାହୁ, ଗଗନ ବାଗ, ନିରାକାର ସାହୁ, ପ୍ରେମ ସିହ୍ନାଙ୍କ ସମେତ ନିରୋଜ ପଟ୍ଟନାୟକ, କିଶୋର ବଏ, ଉମାକାନ୍ତ ପୁଟେଲ, ଗଙ୍ଗାଧର ଛତ୍ରିଆ, ମୋହନ ତାଣ୍ଡି, ଆଦିତ୍ୟ ଷଡ଼ଙ୍ଗୀ, ରମେଶ ନାୟକ, ଏସ ସାରନ, ଶୁଚିସ୍ମିତା ଷଡ଼ଙ୍ଗୀ, ସତ୍ୟନାରାୟଣ ଭୋଇ, ଚକ୍ରଧର ମହାନନ୍ଦ, ନିର୍ଝରଣୀ ମହାନନ୍ଦ, ବିରୁନ ସୁନା, ସଞ୍ଜୀବ ବିଶ୍ୱାଲ, କିଶୋରୀ ମହାନନ୍ଦ, ଆନନ୍ଦ ଶର୍ମା, ଜ୍ୟୋତି ବିଶି, ସାଇମନ ଜାଲ, ରାଜୀବ ବେହେରା, ଆନନ୍ଦ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ଚୟନକାରୀଙ୍କୁ ଲାଭ ବଣ୍ଟନ କାର୍ଯ୍ୟକ୍ରମ

କେନ୍ଦୁଝର: ସଂସ୍କୃତି ଭବନରେ କେନ୍ଦୁପତ୍ର ଚୟନକାରୀଙ୍କୁ ମୃତ୍ୟୁ ଦାବି ଲାଭ ବଣ୍ଟନ କାର୍ଯ୍ୟକ୍ରମ ଏବଂ ଗଜସାଥୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତା'ସହିତ, ନୂତନ ଭାବେ ନିଯୁକ୍ତ ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନଙ୍କ ପାଇଁ ଏକ ସମ୍ମାନ ସମାରୋହ ମଧ୍ୟ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ମୃତ୍ୟୁ ଦାବି ରାଶି ଭାବେ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା କରି ୨୫ ଜଣ ଲାଭାନ୍ୱିତଙ୍କୁ ଦିଆଗଲା। ୪୫ ଜଣ ନୂତନ ଫରେଷ୍ଟ ଗାର୍ଡ ଏବଂ ୫ ଜଣ ଫରେଷ୍ଟରଙ୍କୁ ଗୋଟିଏ ଗୋଲାପ ଦେଇ ସ୍ୱାଗତ କରାଗଲା। ସମ୍ମାନନୀୟ ସାଂସଦ ଅନନ୍ତ ନାୟକ ହାତୀ ଆଶ୍ରୟସ୍ଥଳୀର ସୁଧାରଣରେ ଜୋର ଦେଇ କହିଲେ ଯେ, ଏହା ହାତୀମାନଙ୍କର ଫସଲ ନଷ୍ଟକରିବା ପାଇଁ ଥିବା ପୁଷ୍ ଫ୍ୟାକ୍ଟରକୁ କମାଇବ। ସେ ଏହାମଧ୍ୟ କହିଲେ ଯେ ମଣିଷ–ହାତୀ ସଂଘର୍ଷ ନିବାରଣ ପାଇଁ ସମସ୍ତ ଗ୍ରାମବାସୀ ଏବଂ ଜନପ୍ରତିନିଧିମାନେ ଏକତ୍ରିତ ହୋଇ ଅରଣ୍ୟ ବିଭାଗକୁ ସହଯୋଗ କରିବା ଆବଶ୍ୟକ। ନୂତନ ଫରେଷ୍ଟ କର୍ମଚାରୀ ନିଯୁକ୍ତି ହୋଇଥିବା ବାବଦରେ ସେ ସନ୍ତୋଷ ବ୍ୟକ୍ତ କରି କହିଲେ ଯେ, ଏହା ଅରଣ୍ୟ ବିଭାଗର କ୍ଷମତାକୁ ବୃଦ୍ଧି କରିବ ଏବଂ ଆଗାମୀ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ସହାୟକ ହେବ। ସେ ଦଳିତ ଓ ଆଦିବାସୀ ଲୋକମାନଙ୍କ ସହ ସହଯୋଗରେ କାମ କରିବାକୁ ଉଲ୍ଲେଖ କରି କହିଲେ ଯେ, ଅନାବଶ୍ୟକ ନିର୍ଦ୍ଦେଶ ଦେବା ପେକେ ସେମାନଙ୍କ ସହ ମିଶି କାମ କଲେ ଭଲ ଫଳ ମିଳିବ। ସେ ଅରଣ୍ୟ ଆଇନ ଏବଂ ଯୁକ୍ତ ଅରଣ୍ୟ ପରିଚାଳନା ନିୟମାବଳୀ ବିଷୟରେ ବିଶେଷକରି ଆଦିବାସୀ ମହଲ୍ଲା ଓ ଗ୍ରାମବାସୀଙ୍କୁ ଶିକ୍ଷିତ କରିବାର ଆବଶ୍ୟକତା ଉପରେ ଜୋର ଦେଲେ, ଯାହା ଅରଣ୍ୟ ସୁରକ୍ଷା ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିପାରିବ। ମହାରାଷ୍ଟ୍ରର ନନ୍ଦୁରବାର ଏବଂ ଚନ୍ଦ୍ରପୁର ଅଂଚଳର ଉଦାହରଣ ଦେଇ ସେ କହିଲେ ଯେ, ଅରଣ୍ୟ ସମ୍ପଦର ଲାଭ ଅଂଶୀଦାରିତା କିପରି ଆଦିବାସୀ ଲୋକମାନଙ୍କୁ ସଶକ୍ତ କରେ। ସେ କେଉଁଝର ରେଞ୍ଜର ଗଜ ସାଥୀମାନଙ୍କୁ ଟର୍ଚ୍ଚ, ଜୁତା ଓ ୟୁନିଫର୍ମ ବଂଟନ କଲେ ଏବଂ ଘର ନଷ୍ଟ ହୋଇଥିବା ପୀଡ଼ିତମାନଙ୍କୁ ଧାନ ଡ୍ରମ ବଂଟନ କଲେ। ମାନବ ମୃତ୍ୟୁ ପ୍ରତିପୂରଣ ଭାବେ ଶ୍ରୀମତୀ ମାଳତୀ ମୁଣ୍ଡାଙ୍କୁ ୧୦,୦୦,୦୦୦ ବଂଟନ କରାଗଲା। କେଉଁଝର ଜିଲ୍ଲାରେ ଅରଣ୍ୟ ବିଭାଗ ଦ୍ୱାରା ଗ୍ରହୀତ ବିଭିନ୍ନ ପଦକ୍ଷେପ ପାଇଁ ସେ ସମ୍ମୁଖ ସରଣୀର ଅରଣ୍ୟ କର୍ମଚାରୀମାନଙ୍କୁ ଏବଂ ଅରଣ୍ୟ ବିଭାଗକୁ ପ୍ରଶଂସା କଲେ।

# ଚାରା ବଣ୍ଟନ କାର୍ଯ୍ୟକ୍ରମ

ସୁନ୍ଦରଗଡ଼ : ସେଲ୍ ଆର୍‌ଏସ୍‌ପିର ସିଏସ୍‌ଆର୍ ଅଧିନରେ ବାଗ୍‌ଡେଗା ପଞ୍ଚାୟତରେ ୧୫୦ ଚାରା ବଣ୍ଟନ କରାଯାଇଛି। ଏହା ସ୍ଥାୟୀ ବିକାଶର ଅଂଶସ୍ୱରୂପ ତଥା ଭାରତ ସରକାରଙ୍କ ସ୍ୱଚ୍ଛତା ୫.୦ ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛ ତଥା ସବୁଜ ଭାରତ ମିଶନ ଅନୁଯାୟୀ ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗ ଦ୍ୱାରା ନୂଆଗାଁ ବ୍ଲକ୍‌ର ବାଗ୍‌ଡେଗା ହାଇସ୍କୁଲରେ ଏହି ଚାରା ବିତରଣ କରାଯାଇଛି। ଏଥିରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ସିଏସ୍‌ଆର୍ ବିଭାଗର ଡିଜିଏମ୍ ରାଜୀବ ଏସ୍. ବାରା, ଏଜିଏମ୍ ବି.ଜେନା, ବାଗ୍‌ଡେଗା ହାଇସ୍କୁଲର ପ୍ରଧାନଶିକ୍ଷକ କିନୁ ସିଂହ, ବାଗ୍‌ଡେଗା ଗ୍ରାମ ପଞ୍ଚାୟତର ସରପଞ୍ଚ ମହେଶ୍ୱର ଓରାମ, ସେଓ୍ୱକର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସିଏସ୍‌ଆର୍ ଅଧିକାରୀ ଓ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୁଶ୍ରୀ ମିତ୍ର କହିଲେ ଯେ ପରିବେଶଗତ ସ୍ଥାୟିତ୍ୱ ଓ ପୁଷ୍ଟିକର ସୁରକ୍ଷାକୁ ଏହା ପ୍ରୋତ୍ସାହିତ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସ୍ୱଚ୍ଛତା ୫.୦ ପଦକ୍ଷେପ ଅଧିନରେ ଚାରାଗୁଡିକର ଯତ୍ନ ନେବା ସହ ଏକ ସବୁଜ ତଥା ସ୍ୱଚ୍ଛ ସମାଜ ଗଠନରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ। ବିତରଣ କରାଯାଇଥିବା ଚାରା ମଧ୍ୟରେ ଆମ୍ବ, ପିଜୁଳି, ଡାଳିମ୍ବ, ପଣସ, ଅମୃତଭଣ୍ଡା, ଅଁଳା ଓ ଲେମ୍ବୁ ଆଦି ପ୍ରଜାତିର ୧୫୦ ଚାରା ୧୦୦ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗଷ୍ଠୀର ୩୦ ଜଣ ସଦସ୍ୟ ଓ ସେ ଅଞ୍ଚଳର ଅନ୍ୟ କେତେକ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହା ସ୍କୁଲ କର୍ତ୍ତୃପକ୍ଷ, ସେବକ ଓ ଆର୍‌ଏସ୍‌ପି ସିଏସ୍‌ଆର୍ ଦଳର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ୧ ମିନିଟ୍ ୫୨ ସେକେଣ୍ଡରେ ୧ଶହ ପ୍ରଶ୍ନର ଉତ୍ତର

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଆଦର୍ଶ

ସମ୍ବଲପୁର: ସମ୍ବଲପୁରର ଦାନୀପାଲି ବାସିନ୍ଦା ରେଳବାଇ ଅଧିକାରୀ ଦିନେଶ ସିଂହ ଏବଂ ଆରତୀ ସିଂହ ଙ୍କ ପୁତ୍ର ଆଦର୍ଶ ସିଂହ ମାତ୍ର ୪ ବର୍ଷ ୨୬ ଦିନ ବୟସରେ ଏକ ଅନନ୍ୟ ରେକର୍ଡ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ନିଜକୁ ସାମିଲ କରିଛନ୍ତି। ଆଦର୍ଶ, କେବଳ ୧ ମିନିଟ୍ ୫୨ ସେକେଣ୍ଡରେ ୧ଶହ ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର ଦେଇ 'ସବୁଠାରୁ କମ୍ ବୟସର ଏବଂ ସବୁଠାରୁ ଦ୍ରୁତ ଉତ୍ତର ଦେଉଥିବା ବିଦ୍ୟାର୍ଥୀ ' ଭାବରେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଦର୍ଶ ବହୁତ ସହଜ ଓ ଦ୍ରୁତ ଗତିରେ ସମସ୍ତ ମହାଦେଶ, ମହାସାଗର, ଗ୍ରହ, ସପ୍ତାହର ଦିନ, ଇଂରାଜୀ ଏବଂ ହିନ୍ଦୀ ବର୍ଷର ମାସ, ବିଭିନ୍ନ ଦେଶର ମୁଦ୍ରା, ପଶୁମାନଙ୍କର ଶାବକମାନଙ୍କ ନାମ, ଆମ ଦେଶର ଜାତୀୟ ପ୍ରତୀକ, ବୈଜ୍ଞାନିକ ଆବିଷ୍କାର, ଭାରତୀୟ ରାଜ୍ୟର ରାଜଧାନୀ ଏବଂ ବିଶ୍ୱର ୩୦ଟି ଦେଶର ନାମ କହିପାରନ୍ତି। ସେ ସମ୍ବଲପୁରର ଶ୍ରୀ ଶିରିଡ଼ି ସାଇ ପବ୍ଲିକ ସ୍କୁଲ୍, ଶାନ୍ତିନଗରରେ ନର୍ସରୀ ଶ୍ରେଣୀରେ ପଢୁଛନ୍ତି। ପାଠପଢ଼ା ସହିତ ସେ ପାଠ୍ୟକ୍ରମ ବାହାର କାର୍ଯ୍ୟକଳାପରେ ମଧ୍ୟ ବହୁତ ସକ୍ରିୟ। ଏହା ବ୍ୟତୀତ ଆଦର୍ଶଙ୍କ ଦୁଇ ବଡ଼ ଭଉଣୀ ଅକ୍ଷିତା ସିଂହ ଓ ଅନବିକା ସିଂହ ମଧ୍ୟ ରେକର୍ଡ ସ୍ଥାପନ କରି ପରିବାରର ଗୌରବ ବଢ଼ାଇଛନ୍ତି। ସେମାନେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ୯ମ ଶ୍ରେଣୀର ଅକ୍ଷିତା ୨୦୨୨ ମସିହାରେ ଓଡ଼ିଶୀ ନୃତ୍ୟରେ ୦୧ ମିନିଟ୍‌ରେ ସମସ୍ତ ଚୌକା ଓ ପଲ୍ଲବୀ ପ୍ରଦର୍ଶନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ନାମ ଲେଖାଇଥିଲେ। ସେହି ଭଳି ପଂଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନବିକା ମଧ୍ୟ ୨୦୨୨ ମସିହାରେ ମାତ୍ର ୦୧ ମିନିଟ୍ ୩୬ ସେକେଣ୍ଡରେ ଦ୍ରୁତତମ ହନୁମାନ ଚାଳିଶା ପାଠ କରି ରେକର୍ଡ କରିଥିଲେ।

# ପଶ୍ଚିମ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, (ହି.ସ.) - ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ପଂଚାୟତ ଆଠଗାଁ ରେ ପଶ୍ଚିମ ଓଡିଶା ଯାତ୍ରା ମଂଚ ପକ୍ଷରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିଲା । ଏହି ବୈଠକ ରେ ପ୍ରମୋଦ କୁମାର ମିଶ୍ର ସଭାପରିଚାଳନା କରିଥିବା ବେଳେ ଓଡିଶା ଯାତ୍ରା ସୁରକ୍ଷା ମଂଚ ରାଜ୍ୟ କମିଟି ର ଉପସଭାପତି ନୃସିଂହ ସୁନ୍ଦରରାୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ସମ୍ପାଦକ ବୈକୁଣ୍ଠନାଥ ପାକଲ, ଉପସମ୍ପାଦକ ପ୍ରମୋଦ କୁମାର ମିଶ୍ର ରାଜ୍ୟ କମିଟି ସଦଶ୍ୟ ବାନାମ୍ବର ହାଟୁଆ, କମିଟି ସଦଶ୍ୟ ସରୋଜ ସାଇଁ ରଞ୍ଜିତ କୁମାର ବେହେରା ପ୍ରମୁଖ ଯୋଗଦେଇ ନୂତନ କମିଟି ଗଠନ କରିବା ସହ କିପରି ପଶ୍ଚିମ ଓଡ଼ିଶାରେ ଯାତ୍ରା ଭଲଭାବେ ଆୟୋଜନ କରିବେ ଏବଂ ଆୟୋଜିତ ଯାତ୍ରା କମିଟି କେମିତି କ୍ଷତି ନ ସହିବ ତା ସହ ଯାତ୍ରା ମାଲିକ ବେଳେ ବେଳେ ଠିକ ବ୍ୟବହାର କରୁଥିବାବେଳେ କିଛି ମ୍ୟନେଜର ଙ୍କ ବ୍ୟବହାର ଯାତ୍ରା କମିଟି କୁ ସାହାଉ ନ ଥିବା ଅଭିଯୋଗ କରୁଛନ୍ତି। ପଶ୍ଚିମ ଓଡ଼ିଶାର ଯାତ୍ରା ସୁରକ୍ଷା ମଂଚ ଏପଟେ ଯାତ୍ରା ରେ ଅଶ୍ଳୀଳ ନାଚ ଏବଂ ସଠିକ ସମୟରେ ଯାତ୍ରା ଆରମ୍ଭ କରିବା କୁ ଏବଂ ବିଶେଷ କରି ଯାତ୍ରା ଟିକଟ ଅଧିକ ଦାମ ରେ ବିକ୍ରି କରିବା କୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ଯେ ଯାହା ଫଳରେ ଅଞ୍ଚଳବାସୀ ଗରିବ ଶ୍ରେଣୀର ଥିବାବେଳେ ଯାତ୍ରା ପ୍ରେକ୍ଷାଳୟ ରେ ପହଂଚି ପାରୁନାହାନ୍ତି ଯାତ୍ରା ପ୍ରେମୀ ସେଇଥି ପାଇଁ ଯାତ୍ରା କମିଟି କ୍ଷତି ରେ ପଡୁଛି ବୋଲି ପ୍ରକାଶ କରିଛି। ଓଡିଶା ଯାତ୍ରା ସୁରକ୍ଷା ମଂଚ ବିଭିନ୍ନ ଆଲୋଚନା ପରେ ପଶ୍ଚିମ ଓଡିଶା ଯାତ୍ରା ସୁରକ୍ଷାମଂଚ ନୂତନ ଭାବେ କମିଟି ଗଠନ କରାଗଲା । ସଭାପତି ଭାବେ ସନ୍ତୋଷ କୁମାର ପ୍ରଧାନ, ବଣାଇ ଗଡ଼ ସୁନ୍ଦରଗଡ଼, ଉପସଭାପତି ଭାବେ ହରିବନ୍ଧୁ ପ୍ରଧାନ ସୋନପୁର, ସମ୍ପାଦକ ମାନସରଞ୍ଜନ ମହାକୁଳ କୁସୁମୀ ସମ୍ବଲପୁର, କେସିୟର ଉପେନ୍ଦ୍ର ପଟେଲ ସହ କେସିୟର ସତ୍ୟାନନ୍ଦ ସାହୁ, କାର୍ଯ୍ୟକ୍ରମର ଶେଷରେ ମାନସ ରଞ୍ଜନ ମହାକୁଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ସହଯୋଗରେ ଆଠଗାଁ ସ୍ଥାନୀୟ ଯାତ୍ରା କମିଟିର ବିଜୟୀ କୁମାର ପଟେଲ, ନୀଳାଦ୍ରି ନାଏକ, ପ୍ରତାପ ନାଏକ,ଅମୃତ ପଟେଲ, ମାନସ ରଞ୍ଜନ ମହାକୁଳ,ଲକ୍ଷ୍ମଣ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି

ଜୟପୁର, (ହି.ସ.)- ଜୟପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ଫାମ୍ପୁଣୀ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୨୫ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଅନ୍ତା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫାମ୍ପୁଣୀ କ୍ଲଷ୍ଟର ର ୧୮ ଟି ବିଦ୍ୟାଳୟରୁ ପାଖାପାଖି ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଫାମ୍ପୁଣୀ କ୍ଲଷ୍ଟରର ଆଂଚଳିକ ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳନା କରାଯାଇଥିଲା। ଏହି ଅବସରରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ. ଗୋପାଳ, ପୂର୍ବତନ ଆଂଚଳିକ ସଂଯୋଜକ ସର୍ବେଶ୍ୱର ପଟ୍ଟନାୟକ, ଅନ୍ତା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅମ୍ବିକା ସାହୁ, ଅନ୍ତା ପଂଚାୟତ ସରପଂଚ ବାବୁଲା ଦିଶାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପିତାମ୍ବର ହରିଜନ, ସଦସ୍ୟ ବାଲି ହରିଜନ, ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ମିଶ୍ର, ଜ୍ୟୋତିରାଣୀ ପଣ୍ଡା,ହରିହର ପଟ୍ଟନାୟକ ଯୋଗଦେଇଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ଯେଉଁ ଛାତ୍ରଛାତ୍ରୀମାନେ କ୍ଲଷ୍ଟର ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆସନ୍ତା ଅକ୍ଟୋବର ୨୫ ତାରିଖ ଦିନ ବ୍ଲକ ସ୍ତରରେ ଭାଗ ନେବେ ବୋଲି ମୁଖ୍ୟ ଅତିଥି ଜଣାଇ ଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ନାୟକ, ଶିକ୍ଷକ ଅଜିତ ଶତପଥୀ, ଅଭିପ୍ସା ପାତ୍ର, କାହ୍ନୁଚରଣ ତ୍ରିପାଠୀ, ଭାଗ୍ୟଲତା ସାହୁ, ସୁସ୍ମିତା ପାଢ଼ୀ ଗୋବିନ୍ଦ ନାୟକ, ମନୋରଞ୍ଜନ ପଲାଇଙ୍କ ସମେତ ଫମ୍ପୁଣୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ନୂତନ ସୂଚନା ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ବଲାଙ୍ଗିର(ପିପିଏସ୍) : ବଲାଙ୍ଗିରରେ ନୂତନ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ସୁଶ୍ରୀ ଲକ୍ଷ୍ମୀ ଶାକିଆ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ କୋରାପୁଟ ଜିଲ୍ଲାର ମୂଳ ବାସିନ୍ଦା। ତାଙ୍କର ଶିକ୍ଷା ଦୀକ୍ଷା ସେଠାରେ ହୋଇଥିବା ବେଳେ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେଲା ପରେ ଓଡିଶା ସୂଚନା ସେବା (ଓଆଇଏସ ୨) ପାଇଲା ପରେ ବଲାଙ୍ଗିରରେ ତାଙ୍କର ପ୍ରଥମ ନିଯୁକ୍ତି। ବଲାଙ୍ଗିର ସୂଚନା ଓ ଲୋକ ସମ୍ପର୍କ ଦାୟିତ୍ୱରେ ଟିଟିଲାଗଡ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପୂର୍ବରୁ ଥିବା ସରୋଜ କୁମାର ସାହୁଙ୍କ ଭୁବନେଶ୍ୱର ବଦଳି ପରେ ଦାୟିତ୍ୱରେ ଥିଲେ। ଜିଲ୍ଲାରେ ତିନୋଟି ଉପଖଣ୍ଡ ମଧ୍ୟରୁ ପାଟଣାଗଡ ଅତିରିକ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡ଼ିଛି।

# ଅସହାୟକୁ ସହାୟତା

କେନ୍ଦୁଝର: ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର । ଚମ୍ପୁଆ ବ୍ଲକ୍ ସୁନାପଶି ପଂଚାୟତ ଅନ୍ତର୍ଗତ ବାଙ୍କ ଗ୍ରାମର ଲଳିତ ଲୋହାର ଗ୍ୟାସରେ ରୋଷେଇ କରୁଥିବା ସମୟରେ ଅତ୍ୟଧିକ ଗ୍ୟାସ ଛାଡିବା ଫଳରେ ହାତ, ଗୋଡ଼, ମୁହଁ, ପିଠି ଆଦି ପୋଡି ଯାଇଥିଲା। ତାଙ୍କୁ ଉଦ୍ଧାର କରି ପଡୋଶୀ ସୁରେଶ ଚନ୍ଦ୍ର ଲୋହାର ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଛଅ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଲଳିତଙ୍କର ପରିବାରରେ ନିଜର କେହି ନ ଥିବାବେଳେ ପଡୋଶୀ ସୁରେଶଙ୍କ ମଧ୍ୟ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଲଳିତଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ଅସମର୍ଥ ହୋଇପଡିଥିଲେ । ୧ଫଳରେ ଲଳିତଙ୍କର ଶୁଦ୍ଧିକ୍ରିୟା ପାଇଁ ସୁରେଶ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଅନୁରାଧ ରକ୍ଷା କରି ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ସହିତ ସଦସ୍ୟ ଶରତ ଖୋଲାର ତାଙ୍କ ବାସଭବନରେ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି । ଭରସା ପରିବାରର ଏତାଦୃଶ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ସତ୍ୟନାରାୟଣ ବିଦ୍ୟାପୀଠର ଭାରପ୍ରାପ୍ତ ସହକାରୀ ଶିକ୍ଷୟତ୍ରୀ ଦୀପ୍ତିଶୋଭା ବେହେରାଙ୍କୁ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ନିମନ୍ତ୍ରିତ ହୋଇ ମୁଖ୍ୟ ଅତିଥିଭାବେ ବରିଷ୍ଠ ବ୍ୟକ୍ତି, ସମାଜସେବୀ ତଥା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର କୁଳମଣି ମଣ୍ଡଳ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ସାହୁ, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ତଥା କରଞ୍ଜିଆ ଅଟୋନୋମସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥୀ ପୃଷ୍ଟି, ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜୟ କୁମାର ସାହୁ, ସରପଂଚ ଖଇର ନାୟକ, ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର ମହାନ୍ତ,ସମାଜସେବୀ ପୀତବାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟତ୍ରୀ ସୂର୍ଣ୍ଣଲତା ସାହୁ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଦୀପାଞ୍ଜଳି ସେଠି ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଲମ୍ବୋଦର ନାୟକ। ପ୍ରଥମେ ଅତିଥିମାନେ ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ ଓ ପରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ବିଦାୟୀ ଶିକ୍ଷୟତ୍ରୀଙ୍କ ସମୟାନୁବର୍ତ୍ତିତା, ନିଷ୍ଠାପରତା, ଶିକ୍ଷାଦାନ, ବିଦ୍ୟାଳୟ ପ୍ରତି ଓ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଭଲପାଇବା ଉପରେ ଅଭିଭାଷଣ ଦେଇଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ମଧୁସ୍ମିତା ମହାପାତ୍ର, ବନଲତା ଚାନ୍ଦ, ରଞ୍ଜିତା ମୁର୍ମୁ, ଦୀନବନ୍ଧୁ ପଣ୍ଡା, ପ୍ରଶାନ୍ତ ମହାନ୍ତି, କମଳାକାନ୍ତ ମହାନ୍ତ, ମଦନ ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶଶାଙ୍ଗ-ଟୁଣୁଟୁଣା ରାସ୍ତା ଶୋଚନୀୟ

ଚମ୍ପୁଆ, (ହି.ସ.) - ଚମ୍ପୁଆ ସାତକୁଟୁଣିଆ ରୁ ପାଟଣା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି । ତେବେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅପରିଣାମଦର୍ଶିତା ଯୋଗୁ ଶଶାଙ୍ଗ ଗ୍ରାମରୁ ଟୁଣୁଟୁଣା ଅରଡେଇ ପୋଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି । ଠିକା ସଂସ୍ଥା ରାସ୍ତା ଉପରେ ମାଟି ପକାଇ ଛାଡି ଦେଇଥିବା ବେଳେ ଲଗାଣ ବର୍ଷା ଯୋଗୁଁ ରାସ୍ତାଟି ଖାଲଖମା ସହିତ ମାଟି କାଦୁଅରେ ଭର୍ତ୍ତି ହୋଇଛି । ଫଳରେ ଯାତାୟାତ କରିବା ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାଦୁଅ ଯୋଗୁ ବାଇକ୍ ରେ ଯିବା ଆସିବା କରିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇ ପଡ଼ିଛି । ଶୋଚନୀୟ ରାସ୍ତା ଅବସ୍ଥା ଯୋଗୁଁ ଅନେକ ସମୟରେ ବଡ଼ ଗାଡି ଗୁଡ଼ିକୁ ସାମାନ୍ୟ କେଇ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ଅଧଘଂଟା ରୁ ଉର୍ଦ୍ଧ୍ୱ ସମୟ ଲାଗୁଛି । ଦୈନନ୍ଦିନ ଅଫିସ , ବ୍ଲକ , କୋର୍ଟ କଚେରୀ , ବ୍ୟାଙ୍କ ତଥା ବ୍ୟବସାୟିକ କାର୍ଯ୍ୟ ପାଇଁ ଏହି ରାସ୍ତା ଟି ଉପରେ ଚମ୍ପୁଆ ବ୍ଲକର ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ପଂଚାୟତ ବାସୀ ନିର୍ଭର କରୁଥିବା ବେଳେ ଏହି ରାସ୍ତା ଟି ଅଂଚଳ ବାସୀ ଙ୍କ ଲାଇଫ ଲାଇନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାକୁ ନେଇ ଚମ୍ପୁଆ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡି ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ସମସ୍ୟା କୁ ସ୍ୱୀକାର କରିଛନ୍ତି। ଅତିଶୀଘ୍ର ଠିକା ସଂସ୍ଥା କୁ କହି ରାସ୍ତା ଉପରେ ମେଟାଲ ଗୁଣ୍ଡ ପକାଇ ଯାତାୟତ ଯୋଗ୍ୟ କରିବା ନେଇ ସୂଚନା ଦେଇଛନ୍ତି ।

# କାଳିମେଳାରେ ତାଲିମ୍ ଶିବିର

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଳିମେଳା ବନାଂଚଳ ସଭାକକ୍ଷ ଠାରେ କାଳିମେଳା ଓ ମୋଟୁ ବନାଂଚଳର ବନ ସୁରକ୍ଷା ସମିତି ସଭ୍ୟଙ୍କୁ ଜିଆଖତ ଚାଷ ଓ ଏହାର ଲାଭକୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱରରୁ ଆସିଥିବା ଗ୍ରାମୀଣ ଉତ୍ପାଦନ ବ୍ୟବସାୟିକ ସଂସ୍ଥାର ନିର୍ଦ୍ଦେଶକ ପ୍ରଫୁଲ୍ଲ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କିଭଳି ମାତ୍ର ୪ ହଜାର ଟଙ୍କା ଜିଆଖତରେ ବିନିଯୋଗ କରି ବାର୍ଷିକ ୪୦ ହଜାର ଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଏହାସହ ଆବର୍ଜନା ଓ ଗୋବରରୁ ଜିଆଖତ ପ୍ରସ୍ତୁତି ପ୍ରଣାଳୀ ବାବଦରେ କହିବା ଏବଂ ଜିଆଖତ ଗୁଡିକ କିପରି ଜମିର ଉର୍ବରତା ବଢ଼ିବାରେ ସହାୟକ ହୋଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟପକ୍ଷରେ ରାସାୟନିକ ସାର ବ୍ୟବହାରକୁ ପରିଣାମ ଓ ଏହାଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ରୋଗ ଓ ସଂକ୍ରମଣ ବାବଦରେ ବୁଝାଇଥିଲେ । ଶେଷରେ ଜିଆଖତ ଅମଳ ପରେ ସେଗୁଡ଼ିକ ଏଜେନ୍ସି ମାଧ୍ୟମରେ ବିକ୍ରି କରିବା ପାଇଁ ସୁବିଧା ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏବଂ ଏହି ପ୍ରଶିକ୍ଷଣରେ ଯୋଗଦେଇଥିବା ୪୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କୁ ଜିଆଖତ ପ୍ରସ୍ତୁତି ପାଇଁ ଆବଶ୍ୟକ କିଟବ୍ୟାଗ ବଂଟନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୁ କାଳିମେଳା ବନପାଳ ମୃତ୍ୟୁଞ୍ଜୟ ସେଠି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଳିମେଳା ଓ ମୋଟୁ ବନାଂଚଳର ବହୁ ବନପାଳ ଓ ବନରକ୍ଷୀ ଉପସ୍ଥିତ ରହିଥିବା ବେଳେ ସହଯୋଗୀ ଏନଜିଓ ସୃଷ୍ଟି ର କର୍ମକର୍ତା ଟିମ ଲିଡ଼ର ବି. ଶ୍ରୀନିବାସ ପାତ୍ର, ମୋଟୁ ଟିମ ଲିଡ଼ର ଅଭିମନ୍ୟୁ ନାୟକ, ଡିଇଓ ସୁବ୍ରତ ସ୍ୱାଇଁ, ଏନ. ରବି କୁମାର ଓ ପଲାସ ବିଶ୍ୱାସ ଉପସ୍ଥିତ ରହିଥିଲେ ।

# ଜନସମ୍ପର୍କ ମେଳା ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର

କେନ୍ଦୁଝର, (ହି.ସ.) : କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ପଂଚାୟତ ଅଧିନରେ ଥିବା କାଶିଆ ଗ୍ରାମରେ ବଡ଼ବିଲ ପୋଲିସ୍ ପକ୍ଷରୁ ଜନ ସମ୍ପର୍କ ମେଳା ଓ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର କାଶିଆ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ବଡ଼ବିଲ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ଼ାକ୍ତର ଷୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ମିଳିତ ଭାବେ ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ପିଙ୍ଗୁଆ କହିଥିଲେ କି ଆଜିର କାର୍ଯ୍ୟକ୍ରମ ର ମୁଖ୍ୟଉଦ୍ଦେଶ୍ୟ ପୋଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ଓ ପୋଲିସ୍ ଓ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଯାହାକୁ ନେଇ ଆଜିର ଏହି କାର୍ଯ୍ୟକ୍ରମ କରାଯାଇଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ତାଙ୍କ ଅଭିଭାଷଣରେ କହିଥିଲେ। ଏହି କର୍ମଶାଳାରେ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ମାନେ ଯୋଗଦେଇଥିଲେ ସେଥିରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ କମ୍ବଳ ,ଜଳଖିଆ ଓ ପାନୀୟ ଜଳ ବଂଟନ କରଯାଇଥିଲା। ଏବଂ ସ୍କୁଲର ପିଲା ମାନଙ୍କୁ ଖାତା ବହି ଓ ପେନ୍ସିଲ୍ କଲମ ପ୍ରଦାନ୍ କରଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅୟୋଜନ କରାଯାଇଥିବା ବେଳେ ଏସ ଆଇ ବରଦା ପ୍ରସନ୍ନ ସାହୁ, ଶ୍ରୀ ରାଉଳ, ଶ୍ରୀ ପଟେଲ, ଶ୍ରୀମତୀ କାରିଏଲି, ଅମିତ୍ ମହାରଣା ଓ ବଡ଼ବିଲ ଥାନାର ସମସ୍ତ ପୋଲିସ୍ କର୍ମୀଙ୍କ ସହଯୋଗରେ ଅୟୋଜନ କରାଯାଇଥିଲା ଯେଉଁଥିରେ ବଡ଼ବିଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ଼ାକ୍ତର ଷୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀ ଟିମ୍ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ବଂଟନ କରିଥିଲେ ଏବଂ ଅତିଥି ଭାବେ ବଡ଼ବିଲ ପୌରାଧିକାରି ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ।

# ନିଶାମୁକ୍ତ ଭାରତ ଗଠନ ପାଇଁ ଯୁବ ମାରାଥନ୍

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ରୟାଲ ପଡିଆ ଠାରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନଙ୍କୁ ନେଇ ସେବା ପକ୍ଷ ପାଳନ ଉପଲକ୍ଷେ ନିଶା ମୁକ୍ତ ଭାରତ ଗଠନ ପାଇଁ ଏକ ମାରାଥନ ବା ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୁବର୍ଣ୍ଣପୁର, ଚିତରଞ୍ଜନ ମିଶ୍ର, ଜିଲ୍ଲା, ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର,ଯମୁନା ପ୍ରଧାନ, ସହକାରୀ ଜିଲ୍ଲାପାଳ, ନିଜାରତ ଶାଖା, ସୁବର୍ଣ୍ଣପୁର, ସତ୍ୟବ୍ରତ ସାହୁ, ସହକାରୀ ଜିଲ୍ଲାପାଳ, ଜରୁରୀ ଶାଖା, ସୁବର୍ଣ୍ଣପୁର, ସଂଗ୍ରାମ କେଶରୀ ଜେନା, ସହକାରୀ ଜିଲ୍ଲାପାଳ, ନ୍ୟାୟିକ ଶାଖା, ସୁବର୍ଣ୍ଣପୁର ଜ୍ୟୋତିର୍ମୟୀ ମଲ୍ଲିକ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ, ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ଖେଳ ଶିକ୍ଷକ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁବ ମାରାଥନ ବା ଗଣଦୌଡକୁ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯୁବ ମାରାଥନ ବା ଯୁବ ଗଣ ଦୌଡ ସୋନପୁର ସହରସ୍ଥିତ ରୟାଲ ପଡ଼ିଆରୁ ଆରମ୍ଭ ହୋଇ ବ୍ଲକ ଛକ, ଆମ୍ବେଦକର ଛକ, ନଳିନୀ ଛକ ଦେଇ ସୋନପୁର ଗାନ୍ଧୀ ଷ୍ଟାଡିୟମ୍ ପ୍ରାଙ୍ଗଣ ବା ପଡିଆ ଠାରେ ପହଂଚି ଥିଲା। ସେଠାରେ ଗଣଦୌଡରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପିଇବା ପାଣି ଓ ଜଳଖିଆ ପ୍ରଦାନ କରାଯିବ ପରେ ଏହି ମାରାଥନ ବା ଗଣଦୌଡକୁ ସମାପ୍ତ ଘୋଷଣା କରାଯାଇଥିଲା।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର



ବଲାଙ୍ଗିର(ପିପିଏସ୍) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଜିଲ୍ଲାର ଏକ ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର କଦମପଡା ବଲାଙ୍ଗିର ରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟପ୍ରଦେଶର ରିବା ଜିଲ୍ଲାରେ ତ୍ରୟିବାର୍ଷିକ ସମ୍ମିଳନୀ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ସର୍ବ ଭାରତୀୟ ସାହିତ୍ୟିକମାନେ ଆତ୍ମବୋଧରୁ ବିଶ୍ୱବୋଧ ଉପରେ ଆଲୋଚନା କରିଥିଲେ। ସହି କ୍ରମରେ ସରସ୍ୱତୀ ଶିଶୁ ମନ୍ଦିର ବଲାଙ୍ଗିର ଠାରେ ଏହି ଆଲୋଚନାଚକ୍ର ମଧ୍ୟ ହୋଇଥିଲା । ସଭାପତି ଡ. ଭବାନୀ ଶଙ୍କର ପଟେଲ, ରାଜ୍ୟର କାର୍ଯ୍ୟକାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ସଚିବ ରାମଚନ୍ଦ୍ର ପଟେଲ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଧାନ ଗୁରୁଜୀ ସନାତନ ମିଶ୍ର, ସମ୍ପାଦକ ତରଣିସେନ ପଟେଲ (ଶିଶୁ ମନ୍ଦିର) ଆଲୋଚନା ଚକ୍ରରେ ଭାଗ ନେଇଥିଲେ । ଏହି ସମାବେଶକୁ ଗୁରୁମା ଭାରତୀ ସାହୁ ସଂଯୋଜନା କରିଥିଲେ । ଅତିଥି ଶ୍ରୋତା ଦିଲିପ କୁମାର ଶତପଥି ଓ ସନ୍ତୋଷ କୁମାର ନାୟକ ସହଯୋଗ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଯୋଗ ଦେଇ ସଭାର ଗାରିମାକୁ ବଢାଇଥିଲେ । ତରଣୀସେନ ପଟେଲ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

page 8 1.12.2025.pmd 1 30/11/2025, 4:17 PM

## ସିଦ୍ଧରମୈୟା-ଶିବକୁମାରଙ୍କ ବୈଠକ ନେଇ ବିଜେପିର କଟାକ୍ଷ



ବେଙ୍ଗାଲୁରୁ: କର୍ଣ୍ଣାଟକରେ କଂଗ୍ରେସ ସଙ୍କଟ ଉପରେ ବିଜେପି ପ୍ରତିକ୍ରିୟା ପ୍ରକାଶ କରିଛି। ଶନିବାର କର୍ଣ୍ଣାଟକ ରାଜନୀତିରେ 'ବ୍ରେକ୍ଫାଷ୍ଟ କୂଟନୀତି' ଦେଖାଯାଇଥିଲା। ବିଜେପି ଏହାକୁ ଏକ ନାଟକ ବୋଲି କହିଛି। ବିଜେପି ମୁଖପାତ୍ର ଶହଜାଦ ପୁନାୱାଲା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତକୁ ନେଇ କଡ଼ା ସମାଲୋଚନା କରିଛନ୍ତି।ସେ ଏହି ସାକ୍ଷାତକୁ 'ବ୍ରେକ୍ଅପ୍ ପରେ ମେକ୍ଅପ୍' ଚାଲିଥିବା କହିଛନ୍ତି। ପୁନାୱାଲା ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ଦୁଇ ନେତା ଯେଉଁଭଳି ଏକତା ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ସେମାନଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ସହାୟକ ଅଭିନେତା ଭାବେ ଓସ୍କାର ପୁରସ୍କାର ଦିଆଯିବା ଉଚିତ୍।ଶହଜାଦ ପୁନାୱାଲା କହିଛନ୍ତି, ଏହା କେବଳ ଆଭ୍ୟନ୍ତରୀଣ କଳହକୁ ଦମନ ଏବଂ ଲୁଚାଇବା ପାଇଁ ଏକ ପ୍ରୟାସ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ମନ୍ତବ୍ୟକୁ ନେଇ ସେ କହିଛନ୍ତି ଯେ, ଯେତେବେଳେ ଦଳରେ ସବୁକିଛି ଠିକ୍ ଥିଲା, ସେତେବେଳେ ଏତେ ସମସ୍ୟାର ସମାଧାନ କାହିଁକି ହେଉଛି ? ପରମେଶ୍ୱର ଏବଂ ବୀରପ୍ପା ମୋଇଲିଙ୍କ ମନ୍ତବ୍ୟ କଂଗ୍ରେସ ଭିତରେ ଥିବା ବିଶୃଙ୍ଖଳାକୁ ପ୍ରକାଶ କରିଛି। ବିଜେପି ମୁଖପାତ୍ର ସବୁଠାରୁ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି ଯେ, ନେତାଙ୍କ ଏହି ଜଳଖିଆ ଟେବୁଲରେ କର୍ଣ୍ଣାଟକର ମେନୁ ମଧ୍ୟ ନଥିଲା। କେବଳ ଚେୟାର ଏବଂ କ୍ଷମତା ବଞ୍ଚାଇବା ପରିବେଷଣ କରାଯାଉଥିଲା।

## ବଢ଼ିଲା ଏସ୍ଆଇଆର୍ ପ୍ରକ୍ରିୟା ଅବଧି

ନୂଆଦିଲ୍ଲୀ: ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ବଡ ସୂଚନା ମିଳିଛି। ଚଳିତ ଏସ୍ଆଇଆର୍ ପ୍ରକ୍ରିୟା ତାରିଖ ସଂଶୋଧ ବୃଦ୍ଧି ହୋଇଛି। ବର୍ତ୍ତମାନ୍ ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଏସ୍ଆଇଆର୍ ଫର୍ମ ପୂରଣ କରିପାରିବେ। ବର୍ତ୍ତମାନ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ କରାଯାଉଛି। ବୁଥ୍-ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ଯାଇ ନାଗରିକମାନଙ୍କ ଏସ୍ଆଇଆର୍ ଫର୍ମ ପୂରଣ କରୁଛନ୍ତି। ପୂର୍ବରୁ ଫର୍ମ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୪ ଥିଲା। କିନ୍ତୁ ଏବେ ଏହାକୁ ଡିସେମ୍ବର ୧୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଚୂଡ଼ାନ୍ତ ତାଲିକା ଫେବୃଆରୀ ୧୪, ୨୦୨୬ରେ ପ୍ରକାଶିତ ହେବ। ଦାବି ଏବଂ ଆପତ୍ତିର ତାରିଖ ୧୬ ଡିସେମ୍ବର ୨୦୨୫ରୁ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରଖାଯାଇଛି। ଅନେକ ଲୋକଙ୍କ ନାମ ଭୋଟର ତାଲିକାରେ ଅନେକ ଥର ଦେଖାଯାଏ। ଏସ୍ଆଇଆର୍ ଦ୍ୱାରା ସେମାନଙ୍କୁ ମଧ୍ୟ ସଫା କରାଯିବ । ଏସ୍ଆଇଆର୍ ମାଧ୍ୟମରେ ଭୋଟର ତାଲିକା ଶୁଦ୍ଧିକରଣ କରାଯାଉଛି। ଏହି ପ୍ରକ୍ରିୟା ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଥିଲା। ଯେଉଁଠାରେ ପ୍ରାୟ ୪୭ଲକ୍ଷ ନକଲି ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଦେଖି ଭୟ କରୁଛି ପାକିସ୍ତାନ

ଇସଲାମାବାଦ : ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ହତ୍ୟା ସମ୍ପର୍କରେ ସୋସିଆଲ ମିଡିଆରେ ବିଭିନ୍ନ ଦାବି କରାଯାଉଛି। ଏହି ସମୟରେ, ତାଙ୍କ ଦଳର ଜଣେ ସଦସ୍ୟ ଦାବି କରିଛନ୍ତି ଯେ ଇମ୍ରାନ ଖାନ ଏବେ ବି ଜୀବିତ ଏବଂ ବର୍ତ୍ତମାନ ଆଦିଆଲା ଜେଲରେ ଅଛନ୍ତି। ସରକାର ମଧ୍ୟ ଇମ୍ରାନ ଖାନଙ୍କ ହତ୍ୟାକୁ ଅସ୍ୱୀକାର କରିଛନ୍ତି। ଏହି ସପ୍ତାହର ଆରମ୍ଭରେ, କ୍ରିକେଟରରୁ ରାଜନେତା ହୋଇଥିବା ଇମ୍ରାନ ଖାନଙ୍କୁ ରାୱଲପିଣ୍ଡି ଜେଲ ଭିତରେ ହତ୍ୟା କରାଯାଇଥିବା ଦାବି ସାମ୍ନାକୁ ଆସିଥିଲା। ଏହି ସମୟରେ, ଇମ୍ରାନ ଖାନଙ୍କ ମୃତ୍ୟୁ ଗୁଜବକୁ ଖଣ୍ଡନ କରି, ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ) ସେନେଟର ଖୁରମ ଜିଶାନ କହିଛନ୍ତି ଯେ ଇମ୍ରାନ ଖାନ ଜୀବିତ ଏବଂ ବର୍ତ୍ତମାନ ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି। ଖୁରମ ଜିଶାନ ଅଭିଯୋଗ କରିଛନ୍ତି ଯେ ଇମ୍ରାନ ଖାନଙ୍କୁ ହଇରାଣ କରାଯାଉଛି ଏବଂ ଦେଶ ଛାଡିବାକୁ ବାଧ୍ୟ କରାଯାଉଛି। ଜିଶାନ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ପାକିସ୍ତାନ ଛାଡିବାକୁ ଚାପ ପକାଇବା ପାଇଁ ଏକ ରଣନୀତି ଭାବରେ ଅଲଗା କରାଯାଉଛି। ଏଏନଆଇ ସହିତ କଥାବାର୍ତ୍ତା ସମୟରେ, ଇମ୍ରାନ ଖାନଙ୍କ ଦଳ, ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ସଦସ୍ୟ ଖୁରମ ଜିଶାନ କହିଛନ୍ତି ଯେ ଦେଶର ସରକାର ଇମ୍ରାନ ଖାନଙ୍କ ଲୋକପ୍ରିୟତାରେ ଭୟଭୀତ, ଯାହା କାରଣରୁ ସେମାନେ ତାଙ୍କର କୌଣସି ଫଟୋ କିମ୍ବା ଭିଡିଓ ପ୍ରକାଶ କରିବାକୁ ଅନୁମତି ଦେଇନାହାଁନ୍ତି। ପାକିସ୍ତାନର ଶାସକ ସରକାର ବିପଦରେ ପଡ଼ିଥିବା ପରି ମନେ ହେଉଛି, କାରଣ ତାଙ୍କର ଗୋଟିଏ ଫଟୋ ମଧ୍ୟ ଜନସମର୍ଥନକୁ ବୃଦ୍ଧି କରିପାରିବ ବୋଲି ସେ ଆଶଙ୍କା କରୁଛନ୍ତି। ଉଲ୍ଲେଖନୀୟ ଯେ ଏହି ସପ୍ତାହ ଆରମ୍ଭରେ ଆଫଗାନିସ୍ତାନର ଅନେକ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଦାବି କରିଥିଲେ ଯେ ଇମ୍ରାନ ଖାନଙ୍କୁ ରାୱଲପିଣ୍ଡି ଜେଲ ଭିତରେ ହତ୍ୟା କରାଯାଇଛି। ଇମ୍ରାନ ଖାନଙ୍କ ବିଷୟରେ ଏହି ଗୁଜବ ଏପରି ସମୟରେ ପ୍ରକାଶ ପାଇଥିଲା ଯେତେବେଳେ ପାକିସ୍ତାନ କର୍ତ୍ତୃପକ୍ଷ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାସେ ଧରି ଖାନଙ୍କୁ ତାଙ୍କ ପରିବାରକୁ ଭେଟିବାକୁ ଅନୁମତି ଦେଇନାହାଁନ୍ତି।

# ବେପରୁଆ ସ୍ଲିପର ବସ୍ ହଟାଇବାକୁ କଡ଼ା ନିର୍ଦ୍ଦେଶ



ନୂଆଦିଲ୍ଲୀ: ନିରାପତ୍ତାକୁ ଧ୍ୟାନ ନଦେଇ ବେପରୁଆ ଭାବରେ ଚାଲୁଛି ସ୍ଲିପର ବସ। ଏଭଳି ସ୍ଲିପର ବସକୁ ହଟାଇବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମାନବାଧିକାର କମିଶନ। ବିଭିନ୍ନ ସମୟରେ ରାସ୍ତାରେ ଗଡୁଥିବା ଚଳନ୍ତା ବସଗୁଡିକରେ ଯେଉଁଭଳି ନିଆଁ ଲାଗୁଛି ତାକୁ ନେଇ କମିଶନ ଉଦବେଗ ପ୍ରକାଶ କରିବା ସହିତ ଏହାକୁ ଅପରାଧିକ ଅବହେଳା ବୋଲି କହିଛନ୍ତି। ବିଭିନ୍ନ ସମୟରେ ମାନୁଫାକଚରିଂ ଜନିତ ତ୍ରୁଟି ସହିତ ନିୟମିତ ଯାଂଚ ଓ ସାର୍ଟିଫିକେସନରେ ସମସ୍ୟା ରହୁଛି। ତେଣୁ ଯାଂଚ କରି ଏଭଳି ବସଗୁଡିକୁ ରାସ୍ତାରୁ ହଟାଇବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖିଛନ୍ତି କମିଶନ। ନିକଟରେ ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ଏଭଳି କିଛି ଘଟଣା ସାମନାକୁ ଆସିଥିଲା। ଯାହାକୁ ନେଇ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନେକ ବସ ନିର୍ମାତା ବେଆଇନ ଭାବରେ ବସର ଡିଜାଇନ କରୁଛନ୍ତି। ଡ୍ରାଇଭର କ୍ୟାବିନକୁ ପୁରା ସିଲ କରିବା ଯୋଗୁଁ ଜରୁରୀ ସ୍ଥିତିରେ ଡ୍ରାଇଭର ସହ ଯୋଗାଯୋଗ ହୋଇପାରି ନଥାଏ। ଏପରିକି ନିଆଁ ଲାଗିବା ମାତ୍ରେ ଆଗୁଆ ପଦକ୍ଷେପ ସହ ପ୍ରତିହତ କରାଯାଇପାରୁ ନାହିଁ। ସମ୍ବିଧାନର ଧାରା ୨୧ ଅନୁସାରେ ବଞ୍ଚିବାର ଅଧିକାରକୁ ଏହା କ୍ଷୁର୍ଣ୍ଣ କରୁଥିବା କମିଶନ କହିଛନ୍ତି।

ଏଥିସହ ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟକୁ କଡା ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବସ ରେଜିଷ୍ଟ୍ରେଶନ ସମୟରେ ଏଆଇଏସ:୦୫୨, ଏଆଇଏସ:୧୧୯ ନର୍ମ ପାଳନ ହେଉଛି କି ନାହିଁ ତାର ଧରପଗଡ କରାଯିବ। ଏଥିସହ ନବୀକରଣ, ଯାଂଚ ସମେତ ଯେଉଁଭଳି ମାନୁଫାକଚରିଂକୁ ବାଇପାସ କରାଯାଉଛି ତାକୁ ରୋକିବା ପାଇଁ କୁହାଯାଇଛି। ଅସୁରକ୍ଷିତ ସ୍ଲିପର କୋଚକୁ ହଟାଇବା, ପ୍ରତି ବସରେ ଅଗ୍ନି ନିରାପତ୍ତା ସିଷ୍ଟମ ଏଫଡିଏସଏସ ଲଗାଇବା, ନିୟମ ଉଲଂଘନ କରି ହୋଇଥିବା ଡିଜାଇନକୁ ହଟାଇବା, ବସ ବଡି ବିଲଡର ଅଧି ସ୍ୱୀକୃତିକୁ ଯାଂଚ କରିବାକୁ କୁହାଯାଇଛି।ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ବିଜୟନଗରମରୁ ଜୟପୁର ଯାଉଥିବା ଏକ ଓଏସଆରଟିସି ବସରେ ସଟ ସର୍କଟରେ ନିଆଁ ଲାଗିଥିଲା। ଅକ୍ଟୋବର ୨୪ରେ ଆନ୍ଧ୍ର ପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାରେ ସ୍ଲିପର କୋଚରେ ନିଆଁ ଲାଗିଥିଲା। ଏକ ବାଇକ ସହ ଧକ୍କା ହେବା ପରେ ବସଟି ପୁରା ଜଳି ଯାଇଥିଲା। ଏଥିରେ ବସର ୧୯ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।

## ଚାଇନା ପାଇଁ କାଳ ପାଲଟିବ ତାଇୱାନର ଟି-ଡୋମ



ବେଜିଂ : ତାଇୱାନର ରାଷ୍ଟ୍ରପତି ଲାଇ ଚିଙ୍ଗ-ତେ ସମ୍ପ୍ରତି ଦେଶର ସବୁଠାରୁ ମହତ୍ୱାକାଂକ୍ଷୀ ପ୍ରତିରକ୍ଷା ପ୍ରକଳ୍ପ 'ତାଇୱାନ ଡୋମ' ଘୋଷଣା କରିଛନ୍ତି। ଏହାକୁ ଇସ୍ରାଏଲର ପ୍ରସିଦ୍ଧ ଲୁହା ଡୋମ ବା ଆଇରନ ଡୋମ ସହିତ ତୁଳନା କରାଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ତାଇୱାନର ଟି-ଡୋମ ଲୁହା ଡୋମ ଅପେକ୍ଷା ଆହୁରି ଶକ୍ତିଶାଳୀ ହେବ, କାରଣ ଏହା ଏକକାଳୀନ ଚାଇନାର ପିପୁଲ୍ସ ଲିବରେସନ ଆର୍ମି (ଚଖଇ) ଠାରୁ ଯୁଦ୍ଧ ବିମାନ, ବାଲିଷ୍ଟିକ କ୍ଷେପଣାସ୍ତ୍ର, କ୍ରୁଜ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସମେତ ବିପଦର ମୁକାବିଲା କରିବ। ପ୍ରକୃତରେ, ତାଇୱାନ ସରକାର ଆଗାମୀ କିଛି ବର୍ଷ ମଧ୍ୟରେ ଏହାର ପ୍ରତିରକ୍ଷା ବଜେଟରେ ଅତିରିକ୍ତ ୪୦ ବିଲିୟନ ଡଲାର ଯୋଡିବାକୁ ପ୍ରସ୍ତାବ ଦେଇଛି, ଯେଉଁଥିରେ ଟି-ଡୋମର ବିକାଶକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ତାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ-ତେ ଚାଇନାରୁ 'ବଢୁଥିବା' ବିପଦର ମୁକାବିଲା କରିବା ପାଇଁ ଟି-ଡୋମର ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ-ତେ ଅକ୍ଟୋବର ୧୦ରେ ଟି-ଡୋମ ଘୋଷଣା କରିଥିଲେ। ଚାଇନାର ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ ଦ୍ୱାରା ସମ୍ଭାବ୍ୟ ଆକ୍ରମଣରୁ ଗଣତାନ୍ତ୍ରିକ ଦ୍ୱୀପକୁ ରକ୍ଷା କରିବା ପାଇଁ ଟି-ଡୋମ ଡିଜାଇନ କରାଯିବ। ଟି-ଡୋମକୁ ଇସ୍ରାଏଲର ଆଇରନ ଡୋମ ସହିତ ତୁଳନା କରାଯାଉଛି, କିନ୍ତୁ ଏଥିରେ ପାର୍ଥକ୍ୟ ଅଛି। ତାଇପେଇ-ଭିତ୍ତିକ ସୁରକ୍ଷା ବିଶ୍ଳେଷକ ଜେ. ମାଇକେଲ କୋଲ ବ୍ୟାଖ୍ୟା କରିଛନ୍ତି ଯେ ଆଇରନ ଡୋମ ମୁଖ୍ୟତଃ କ୍ଷୁଦ୍ର ଦୂରଗାମୀ ଅସ୍ତ୍ରଶସ୍ତ୍ର ପାଇଁ ଡିଜାଇନ କରାଯାଇଛି, ଯେତେବେଳେ ଟି-ଡୋମ 'ଅନେକ ବ୍ୟାପକ ବିପଦ'ର ସମ୍ମୁଖୀନ ହେବ। ଏହା ଉଲ୍ଲେଖନୀୟ ଯେ ଚାଇନା ତାଇୱାନକୁ ତାଇୱାନକୁ ତା'ର ଅଞ୍ଚଳର ଏକ ଅଂଶ ବୋଲି ଦାବି କରୁଛି ଏବଂ ବଳପୂର୍ବକ ଏହାକୁ ମିଶାଇବାକୁ ଧମକ ଦେଇଛି। ଚାଇନାର ଧମକର ଜବାବରେ, ତାଇୱାନ ବିପଦପୂର୍ଣ୍ଣ ଟି-ଡୋମ ବିକଶିତ କରୁଛି। ଚାଇନା ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ ଦ୍ୱାରା ସମ୍ଭାବ୍ୟ ଆକ୍ରମଣରୁ ଗଣତାନ୍ତ୍ରିକ ଦ୍ୱୀପକୁ ସୁରକ୍ଷା ଦେବା ପାଇଁ ଟି-ଡୋମ ଡିଜାଇନ କରାଯିବ। ତଥାପି, ସମ୍ପୂର୍ଣ୍ଣ ସିଷ୍ଟମ ୨୦୨୭ ପୂର୍ବରୁ କାର୍ଯ୍ୟକ୍ଷମ ହେବା ପ୍ରାୟ ଅସମ୍ଭବ ବୋଲି ବିବେଚନା କରାଯାଉଛି।

## କଫ୍ ସିରପ୍ ଚୋରା ଚାଲାଣ ମାମଲାରେ ମାଷ୍ଟର ମାଇଣ୍ଡର ବାପା ଗିରଫ



ଲକ୍ଷ୍ନୌ : ଉତ୍ତର ପ୍ରଦେଶର ସୋନଭଦ୍ର ପୁଲିସକୁ ବଡ଼ ସଫଳତା। କୋଡିନ କଫ୍ ସିରପ୍ ଚୋରା ଚାଲାଣ ମାମଲାରେ ଦ୍ୱିତୀୟ ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ, ମାଷ୍ଟରମାଇଣ୍ଡ ଶୁଭମ୍ ଜାୟସୱାଲଙ୍କ ବାପା ତଥା ଝାଡ଼ଖଣ୍ଡର ଶୈଳୀ ଟ୍ରେଡର୍ସର ମାଲିକ ଭୋଳା ପ୍ରସାଦ ଗିରଫ। ପୁଲିସ ତାଙ୍କୁ କୋଲକାତା ଏୟାରପୋର୍ଟରୁ ଧରିଛି, ଯେଉଁଠି ସେ ଥାଇଲାଣ୍ଡ ଫେରାର ହେବାକୁ ଚେଷ୍ଟା କରୁଥିଲେ। ତାଙ୍କର ଗିରଫଦାରୀକୁ ଏହି ପୂରା କେସ୍ର ଏବେସୁଦ୍ଧା ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ମଧ୍ୟରୁ ଗୋଟିଏ ମନେକରାଯାଉଛି। ପୁଲିସ ଯାଞ୍ଚରେ ସାମ୍ନାକୁ ଆସିଛି ଯେ, ଶୁଭମ ଜାୟସୱାଲ କୋଡିନ ସିରପ୍ର ସପ୍ଲାଇ ଶୈଳୀ ଟ୍ରେଡର୍ସ, ଯାହାକି ଭୋଳା ପ୍ରସାଦଙ୍କ ନାମରେ ରେଜିଷ୍ଟର୍ଡ, ଏହା ମାଧ୍ୟମରେ କରୁଥିଲେ। ପୁଲିସ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେଇ ସୋନଭଦ୍ର ଆଣିବାକୁ ପ୍ରକ୍ରିୟା ପୂରା କରିସାରିଛି। ରବର୍ଟସଗଞ୍ଜ ଥାନାର ଆନୁଷ୍ଠାନିକତା ପରେ ତାଙ୍କୁ ଜେଲ୍ ପଠାଯିବ। ଏହା ପୂର୍ବରୁ ପୁଲିସ ଅମିତ ସିଂହ ଟାଟାଙ୍କୁ ଗିରଫ କରି ସାରିଛି। ଭୋଳା ପ୍ରସାଦଙ୍କର ଗିରଫକୁ କେସ୍ର ବଡ଼ ସଫଳତା ମନେକରାଯାଉଛି। ସୂଚନା ମୁତାବିକ , ଶୁଭମ୍ ଜାୟସୱାଲ ଓ ଅମିତ ସିଂହ ଓରଫ ଟାଟାର ଗ୍ୟାଙ୍ଗ ଝାଡ଼ଖଣ୍ଡରୁ ନେଇ ବିହାର ,ପଶ୍ଚିମବଙ୍ଗ ଓ ବାଂଲାଦେଶ ପର୍ଯ୍ୟନ୍ତ କୋଡିନ କଫ୍ ସିରପ୍ର ସପ୍ଲାଇର ପୂରା ନେଟୱର୍କ ପରିଚାଳନା କରୁଥିଲେ। ଏହି ରାକେଟ୍କୁ ନେଇ ବାରଣାସୀ କୋତବାଲୀରେ ଏଫଆଇଆର ରୁଜୁ ହୋଇଛି ,ଯେଉଁଥିରେ ମାଷ୍ଟରମାଇଣ୍ଡ ଶୁଭମ, ତାଙ୍କର ବାପା ଭୋଳା ପ୍ରସାଦଙ୍କ ସହ ମୋଟ ୨୮ ଜଣ ଲୋକଙ୍କୁ ଅଭିଯୁକ୍ତ କରାଯାଇଛି।

## ପୁଟିନଙ୍କୁ ଅଲଟିମେଟମ ଦେଲା ଫ୍ରାନ୍ସ



ପ୍ୟାରିସ୍ : ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଉଭୟ ସାକ୍ଷାତ କରିବେ। ଫ୍ରାନ୍ସ ରାଷ୍ଟ୍ରପତି ଭବନ ଘୋଷଣା କରିଛି ଯେ ଏହି ସାକ୍ଷାତ ସମୟରେ ଦୁଇ ନେତା ଶାନ୍ତି ପ୍ରତିଷ୍ଠା ଉପରେ ଧ୍ୟାନ ଦେବେ। ଜେଲେନସ୍କି ଫ୍ରାନ୍ସ ଯାତ୍ରା କରୁଥିବା ସମୟରେ, ଏକ ୟୁକ୍ରେନୀୟ ପ୍ରତିନିଧିମଣ୍ଡଳ ମଧ୍ୟ ୱାଶିଂଟନରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଜେଲେନସ୍କି ସମ୍ପ୍ରତି ତାଙ୍କ ପ୍ରମୁଖ ସହଯୋଗୀ ଆଣ୍ଡ୍ରି ୟର୍ମାକଙ୍କୁ ବହିଷ୍କାର କରିବା ପରଠାରୁ, ୟୁକ୍ରେନର ପରିସ୍ଥିତି ଖରାପ ହୋଇଛି। ଆଭ୍ୟନ୍ତରୀଣ ୟୁକ୍ରେନ ରାଜନୀତି ଅଶାନ୍ତ ହୋଇପଡ଼ିଛି। ଫ୍ରାନ୍ସ ବୈଦେଶିକ ମନ୍ତ୍ରୀ ଜିନ-ନୋଏଲ ବାରୋଟଙ୍କ ଅନୁଯାୟୀ, 'ଆମେ ଶାନ୍ତି ଆଲୋଚନା ପାଇଁ ପ୍ୟାରିସରେ ରାଷ୍ଟ୍ରପତି ଜେଲେନ୍ସକିଙ୍କୁ ସ୍ୱାଗତ କରିବୁ।' ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ବିଷୟରେ କହିବାକୁ ଯାଇ ଜିନ କହିଛନ୍ତି, 'ଯଦି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନକୁ ଦଖଲ କରି ଏକ ସୋଭିଏତ ସାମ୍ରାଜ୍ୟ ପୁନଃସ୍ଥାପନ କରିବାର ତାଙ୍କର ଉଦ୍ଦେଶ୍ୟ ପରିତ୍ୟାଗ କରନ୍ତି, ତେବେ ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ।' ଜିନ ବାରୋଟ କୁହନ୍ତି, 'ପୁଟିନଙ୍କ ଯୁଦ୍ଧବିରତି ଗ୍ରହଣ କରିବାକୁ ପଡିବ। ଯଦି ଏହା ନହୁଏ, ତେବେ ରୁଷିଆକୁ ନୂତନ କଟକଣା ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ଏହା ରୁଷିଆର ଅର୍ଥନୀତିକୁ ଦୁର୍ବଳ କରିବ, ଏବଂ ୟୁରୋପ ମଧ୍ୟ ୟୁକ୍ରେନକୁ ପୂର୍ଣ୍ଣ ସମର୍ଥନ କରିବ।'ଉଲ୍ଲେଖଯୋଗ୍ୟ ଯେ ଗତ ୧୫ ଦିନ ମଧ୍ୟରେ ଏହା ଜେଲେନ୍ସକିଙ୍କ ଦ୍ୱିତୀୟ ଫ୍ରାନ୍ସ ଗସ୍ତ। ପୂର୍ବରୁ, ଜେଲେନ୍ସକି ନଭେମ୍ବର ୧୭ରେ ଫ୍ରାନ୍ସରେ ପହଞ୍ଚିଥିଲେ। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ସମୟରେ, ସେ ଆଗାମୀ ୧୦ ବର୍ଷ ମଧ୍ୟରେ ୧୦୦ଟି ରାଫେଲ ଯୁଦ୍ଧବିମାନ, ଡ୍ରୋନ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ।

## କାଲିଫର୍ନିଆରେ ଆଖିବୁଜା ଗୁଳିକାଣ୍ଡ : ୪ମୃତ

ଆମେରିକାର କାଲିଫର୍ନିଆରେ ଏକ ଭୟଙ୍କର ଗୁଳିକାଣ୍ଡ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଜଣେ ବ୍ୟକ୍ତି ଭିଡ଼ ଭିତରେ ଆଖିବୁଜା ଗୁଳିକାଣ୍ଡ କରିଥିଲେ, ଯେଉଁଥିରେ ଅନେକ ଲୋକ ଆହତ ହୋଇଛନ୍ତି । ପୁଲିସ ଘଟଣାସ୍ଥଳକୁ ଘେରାବନ୍ଦୀ କରି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଖୋଜାଖୋଜି ଆରମ୍ଭ କରିଛି । ସୂଚନା ଅନୁସାରେ ଆମେରିକାର କାଲିଫର୍ନିଆର ଷ୍ଟକଟନ୍ରେ ଆଖିବୁଜା ଗୁଳିକାଣ୍ଡ ଘଟିଛି, ଫଳରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ଗୁଳିକାଣ୍ଡରେ ଆହତଙ୍କୁ ଚିକିତ୍ସାଳୟ ଭର୍ତ୍ତି କରାଯାଇଛି, ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଘଟଣା ପରେ ସମଗ୍ର ଷ୍ଟକଟନ୍ ସହରକୁ ବନ୍ଦ କରାଯାଇଛି ଏବଂ ଆକ୍ରମଣକାରୀଙ୍କୁ ଖୋଜାଖୋଜି ଆରମ୍ଭ କରାଯାଇଛି । ପ୍ରଶାସନିକ ସୂଚନା ଅନୁସାରେ , ଘଟଣାଟି ବିଳମ୍ବିତ ରାତିରେ ଘଟିଛି । କିନ୍ତୁ ଗୁଳିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଗୁଳିକାଣ୍ଡ ପରେ ସନ୍ଦିଗ୍ଧ ବ୍ୟକ୍ତି ଫେରାର ହୋଇ ଯାଇଛି ଏବଂ ତାକୁ ଖୋଜିବା ପାଇଁ ସମଗ୍ର ସହରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି । ସୂଚନା ଅନୁସାରେ ସନ୍ଧ୍ୟା ୬ଟା ପୂର୍ବରୁ ଥର୍ଣ୍ଟନ୍ ରୋଡ୍ ନିକଟସ୍ଥ ୧୯୦୦ ବ୍ଲକ୍ ଲୁସିଲ୍ ଆଭେନ୍ୟୁରେ ଏକ ବ୍ୟାଙ୍କ୍ୱେଟ୍ ହଲ୍ରେ ଗୁଳିକାଣ୍ଡ ହୋଇଥିଲା । ଲୋକମାନେ ଏକ ଜନ୍ମଦିନ ପାଳନ ପାଇଁ ଏକତ୍ରିତ ହୋଇଥିବା ସମୟରେ ଗୁଳିକାଣ୍ଡ ଘଟିଥିଲା । ଗୁଳିକାଣ୍ଡରେ ଆହତଙ୍କ ମଧ୍ୟରେ ନାବାଳକ ଏବଂ ବୃଦ୍ଧ ଥିବା ଜଣ ପଡିଛି ।

# କେତେଜଣ ଭାରତୀୟ ଲୋକ ନିଜ ଭାଷା ଜାଣନ୍ତି ନାହିଁ



ନୂଆଦିଲ୍ଲୀ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ରବିବାର ଭାରତୀୟ ଭାଷା ଏବଂ ମାତୃଭାଷାର ହ୍ରାସ ପାଉଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି। ଭାଗବତ କହିଛନ୍ତି ଯେ ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ କେତେଜଣ ଭାରତୀୟ ନିଜ ଭାଷା ଜାଣନ୍ତି ନାହିଁ। ନାଗପୁରରେ ମରାଠୀ ଭାଷାରେ ଲିଖିତ ସନ୍ଥ ଜ୍ଞାନେଶ୍ୱରଙ୍କ ପୁସ୍ତକ 'ଶ୍ରୀ ଜ୍ଞାନେଶ୍ୱରୀ'ର ଇଂରାଜୀ ସଂସ୍କରଣର ଉନ୍ମୋଚନ ଅବସରରେ ଭାଗବତ ସମାଜକୁ ଭାଷାଗତ ଐତିହ୍ୟର କ୍ରମଶଃ ଅବକ୍ଷୟ ଉପରେ ଆତ୍ମନିରୀକ୍ଷଣ କରିବାକୁ ଅନୁରୋଧ କରିଥିଲେ। ସେ କହିଛନ୍ତି, 'ଏକ ସମୟ ଥିଲା ଯେତେବେଳେ ସମସ୍ତ ଯୋଗାଯୋଗ, କାରବାର ଏବଂ ଦୈନନ୍ଦିନ କାର୍ଯ୍ୟ ସଂସ୍କୃତରେ କରାଯାଉଥିଲା। ବର୍ତ୍ତମାନ, କେତେଜଣ ଆମେରିକୀୟ ପ୍ରଫେସର ଆମକୁ ସଂସ୍କୃତ ପଢ଼ାଉଛନ୍ତି, ଯେତେବେଳେ ପ୍ରକୃତରେ, ଆମେ ବିଶ୍ୱକୁ ଏହା ଶିକ୍ଷା ଦେବା ଉଚିତ। ଆଜି, ଅନେକ ପିଲା କିଛି ମୌଳିକ ଏବଂ ସରଳ ଶବ୍ଦ ମଧ୍ୟ ଜାଣନ୍ତି ନାହିଁ ଏବଂ ପ୍ରାୟତଃ ଘରେ ସେମାନଙ୍କ ମାତୃଭାଷା ଏବଂ ଇଂରାଜୀର ମିଶ୍ରଣ କହିଥାନ୍ତି।' ଆରଏସଏସ ମୁଖ୍ୟ କହିଛନ୍ତି, 'ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ କେତେଜଣ ଭାରତୀୟ ନିଜସ୍ୱ ଭାରତୀୟ ଭାଷା ଜାଣନ୍ତି ନାହିଁ।' ସେ କହିଛନ୍ତି ଯେ ଇଂରାଜୀ-ମଧ୍ୟମ ଶିକ୍ଷା ଏଥିପାଇଁ ଦାୟୀ ନୁହେଁ, ବରଂ ଘରେ ଭାରତୀୟ ଭାଷା କହିବାକୁ ଅନିଚ୍ଛା ପରିସ୍ଥିତିକୁ ଆହୁରି ଖରାପ କରୁଛି। ସେ କହିଥିଲେ, 'ଯଦି ଆମେ ଘରେ ଆମର ନିଜ ଭାଷାକୁ ଠିକ ଭାବରେ କହିଥାଉ, ତେବେ ଜିନିଷଗୁଡ଼ିକ ଭଲ ହୁଅନ୍ତା। କିନ୍ତୁ ଆମେ କରୁନାହୁଁ।' ଭାଗବତ କହିଥିଲେ ଯେ ବର୍ତ୍ତମାନ ସନ୍ଥମାନେ ମଧ୍ୟ ଇଂରାଜୀରେ କଥା ହୁଅନ୍ତି, ଯାହା ବୁଝିବା ସମ୍ଭବ, କିନ୍ତୁ ଏହା ଏବେ ବି ପରିବର୍ତ୍ତନଶୀଳ ଭାଷାଗତ ପସନ୍ଦକୁ ସୂଚିତ କରେ। ସନ୍ଥ ଜ୍ଞାନେଶ୍ୱରଙ୍କ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ସନ୍ଥ ସମାଜର ଭଲ ବୁଝାମଣା ପାଇଁ ମରାଠୀରେ ଭଗବଦ ଗୀତାର ଜ୍ଞାନ ଉପସ୍ଥାପନ କରିଥିଲେ। ସେ କହିଥିଲେ, 'ବର୍ତ୍ତମାନ ସମସ୍ୟା ହେଉଛି ଯେ ଇଂରାଜୀ ଭାଷାରେ ଆମ ଭାଷାରେ ପ୍ରକାଶିତ ଧାରଣା କିମ୍ବା ଧାରଣାର ସାର ଏବଂ ଗଭୀରତାକୁ ପ୍ରକାଶ କରିବା ପାଇଁ ପର୍ଯ୍ୟାପ୍ତ ଶବ୍ଦ ନାହିଁ। ଜ୍ଞାନେଶ୍ୱରଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ଶବ୍ଦ ପାଇଁ ପ୍ରାୟତଃ ଅନେକ ଇଂରାଜୀ ଶବ୍ଦ ଆବଶ୍ୟକ ହୁଏ, କିନ୍ତୁ ଏହା ଉଦ୍ଦିଷ୍ଟ ଅର୍ଥକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରେ ନାହିଁ।' ଏକ ଉଦାହରଣ ଦେଇ, ସେ ଭାରତୀୟ ପରମ୍ପରାରେ ଉଲ୍ଲେଖ କରାଯାଇଥିବା କଳ୍ପବୃକ୍ଷ (ଇଚ୍ଛାପୂର୍ଣ୍ଣ ଚିନ୍ତାଧାରା) ବିଷୟରେ ଉଲ୍ଲେଖ କରିଥିଲେ। ସାଂସ୍କୃତିକ ଭାବରେ ସମୃଦ୍ଧ ଧାରଣାଗୁଡ଼ିକୁ ବିଦେଶୀ ଭାଷାରେ ଅନୁବାଦ କରିବାର ସୀମା ଉପରେ ଗୁରୁତ୍ୱାରୋପ କରି, ଭାଗବତ ପଚାରିଥିଲେ, 'ଆପଣ କଳ୍ପବୃକ୍ଷକୁ ଇଂରାଜୀରେ କିପରି ଅନୁବାଦ କରିବେ?' ସେ କହିଥିଲେ ଯେ ଏପରି ଉଦାହରଣଗୁଡ଼ିକ ଭାରତୀୟ ଭାଷାଗୁଡ଼ିକୁ କାହିଁକି ସଂରକ୍ଷିତ ଏବଂ ସୁଦୃଢ଼ କରାଯିବା ଆବଶ୍ୟକ ତାହା ଉପରେ ଗୁରୁତ୍ୱ ଦିଏ।

## ଆଫଗାନ ତାଲିବାନକୁ ଧମକ ଦେଲା ପାକିସ୍ତାନୀ ସେନା

ଇସଲାମାବାଦ: ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଏହି ସମୟରେ, ପାକିସ୍ତାନୀ ସେନା ଆଫଗାନିସ୍ତାନକୁ ଖୋଲା ଧମକ ଦେଇଛି। କାବୁଲର ତାଲିବାନ ସରକାର ଉପରେ ପାକିସ୍ତାନରେ ଉଗ୍ରବାଦୀ ଆକ୍ରମଣକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଛି। ପାକିସ୍ତାନୀ ସେନା ମୁଖପାତ୍ର ଲେଫ୍ଟନାଣ୍ଟ ଜେନେରାଲ ଅହମଦ ସରିଫ ଚୌଧୁରୀ କହିଛନ୍ତି, ବାଣିଜ୍ୟ ଏବଂ ସୀମାପାର ଉଗ୍ରବାଦ ଏକାଠି ଚାଲିପାରିବ ନାହିଁ।ପାକିସ୍ତାନ ଅକ୍ଟୋବର ୧୨ ତାରିଖରେ ଆଫଗାନିସ୍ତାନ ସହିତ ସମସ୍ତ ସୀମା କ୍ରସିଂ ବନ୍ଦ କରିଦେଇଥିଲା। ଦୁଇ ଦେଶ ମଧ୍ୟରେ ଭୟଙ୍କର ସଂଘର୍ଷ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଯେଉଁଥିରେ ଉଭୟ ପାର୍ଶ୍ୱର ବହୁ ସୈନିକଙ୍କ ମୃତ୍ୟୁ ହୋଇଥିବା ଦାବି କରାଯାଇଥିଲା। ଶନିବାର ଦିନ ପାକିସ୍ତାନୀ ସେନା ଦ୍ୱାରା ଜାରି ଏକ ବ୍ରିଫିଂରେ, ଏହାର ଗଣମାଧ୍ୟମ ଶାଖା, ଓଝଚଜର ମୁଖ୍ୟ ଚୌଧରୀ ସାମ୍ବାଦିକମାନଙ୍କୁ କହିଛି, ଯଦି ଆମେ ବାଣିଜ୍ୟ ଉପରେ ପ୍ରତିବନ୍ଧକ ଲଗାଇଛୁ, ତେବେ ଏହା ଏଥିପାଇଁ ନୁହେଁ ଯେ, ଆମର ବାଣିଜ୍ୟ ସହିତ ଏକ ସମସ୍ୟା ଅଛି। ଆମର ଚିନ୍ତା ହେଉଛି ଆମର ସୁରକ୍ଷା। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମର ଜୀବନ ଅଧିକ ଗୁରୁତ୍ୱପୂର୍ଣ୍ଣ। ରକ୍ତ ଏବଂ ବ୍ୟବସାୟ ଏକାଠି ଚାଲିପାରିବ ନାହିଁ।

## କନ୍ନଡ଼ ଅଭିନେତା ଉମେଶଙ୍କ ପରଲୋକ

ଚେନ୍ନାଇ : ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରି ନିଜର ଛାପ ଛାଡିଥିବା ପ୍ରବୀଣ କନ୍ନଡ ଅଭିନେତା ଉମେଶଙ୍କ ରବିବାର, ନଭେମ୍ବର ୩୦, ୨୦୨୫ରେ ଦେହାନ୍ତ ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ଏବଂ ସେ ଷ୍ଟେଜ ୪ ଯକୃତ କର୍କଟ ରୋଗ ସହିତ ଲଢୁଥିଲେ ବୋଲି ଜଣାପଡ଼ିଛି। ଉମେଶଙ୍କ ଜନ୍ମ ଏପ୍ରିଲ ୨୪, ୧୯୪୫ରେ ମୈଇସୁରରେ ହୋଇଥିଲା। ସେ ଚାରି ବର୍ଷ ବୟସରେ 'ଲୁଞ୍ଜାବଥର' ପ୍ରସିଦ୍ଧ ମାଷ୍ଟର କେ. ହିରଣ୍ୟୟଙ୍କ ଥିଏଟର ଗ୍ରୁପରେ ପ୍ଲେ କରି ତାଙ୍କର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ। ପରେ, ସେ ଗୁବ୍ବି ବୀରାନ୍ନାଙ୍କ ଥିଏଟର ଗ୍ରୁପରେ ଯୋଗ ଦେଇଥିଲେ। ଉମେଶ ୧୯୬୦ ମସିହାରେ 'ମକ୍କଳ ରାଜ୍ୟ' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରି ଚଳଚ୍ଚିତ୍ର ଜଗତରେ ଏକ ବଡ଼ ବ୍ରେକ ପାଇଥିଲେ। ଡେବ୍ୟୁ ପରେ, ତାଙ୍କ ଫିଲ୍ମ କ୍ୟାରିଅର ସଂଘର୍ଷରେ ସ୍ଥଗିତ ହୋଇଗଲା। ତାଙ୍କୁ ଥିଏଟରକୁ ଫେରିବାକୁ ବାଧ୍ୟ କରାଯାଇଥିଲା। ତଥାପି, ତାଙ୍କୁ ୧୯୭୭ ମସିହାରେ 'କଥା ସଙ୍ଗମ' ସହିତ ତାଙ୍କର ପରବର୍ତ୍ତୀ ବ୍ରେକ ମିଳିଥିଲା।

cmyk cmyk cmyk

## ତରିକୁନ୍ଦ ହାଇସ୍କୁଲ ୧୯୭୯ ବ୍ୟାଚ ବନ୍ଧୁମିଳନ



ରଘୁନାଥପୁର, (ପିପିଏସ): ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲ ୧୯୭୯ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଗୋପୀନାଥପୁର ମା ଭଗବତୀ ପୀଠରେ ଅନୁଷ୍ଠିତ ହୋଇଯାଇଛି ।ପୁରାତନ ଛାତ୍ର ଶ୍ରୀମନ୍ତ ଆଚାର୍ଯ୍ୟ ଉତ୍ସବକୁ ସଞ୍ଚାଳନ ଓ ବିମୋଦ କୁମାର ଜେନା ପରିଚାଳନା କରିଥିଲେ ।ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ନିଜର ଅନୁଭୂତି ରଖିଥିଲେ ।ସହପାଠୀ ସରୋଜ ତ୍ରିପାଠୀ ନିଜ ଅନୁଭୁତି ରଖିବା ସହ ବନ୍ଧୁମିଳନ ହୃଦୟ ଯୋଡେ ଓ ସମ୍ପର୍କ ବଢାଏ ବୋଲି ପ୍ରକାଶ କରିଥିଲେ ।ବିଭୂତି ଭୂଷଣ ମକଦମ ସ୍ୱର୍ଗତ ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ଆଦର୍ଶ ଓ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋଚନା କରିବା ସହ ସମାଜରେ ଅବହେଳିତ ଓ ନିଷ୍ପେସିତ ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ବକ୍ତବ୍ୟରେ କହିଥିଲେ ।ଏହି ଅବସରରେ ସମ୍ମାନୀତ ଅତିଥି ପ୍ରାକ୍ତନ ଶିକ୍ଷକ ନୃସିଂହ ଚରଣ ପ୍ରଧାନ ଓ ନନ୍ଦକିଶୋର ଓତା ଙ୍କ ଦ୍ୱାରା ପତ୍ରିକା ଶ୍ରୁତି ୧୯୭୯ ଉନ୍ମୋଚନ କରାଯାଇଥିଲା ।ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ଉଦ୍ୟମ ହେବା ଆବଶ୍ୟକ ବୋଲି ଆହ୍ୱାନ କରିଥିଲେ ।ସାଦେଇପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାରଣା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ ।ଏଥିରେ ବଟକୃଷ୍ଣ ସାହୁ,କୈଳାସ ଚନ୍ଦ୍ର ମଲ୍ଲିକ,ବସନ୍ତ ମିଶ୍ର,ମେନକା ମହାପାତ୍ର,ଦେବେନ୍ଦ୍ର ଦ୍ୱିବେଦୀ,ସମୀର ମହାପାତ୍ର,ହୃଷୀକେଶ ବେହେରା,ମନୋରଞ୍ଜନ ମହାନ୍ତି,ସୁଜନ ମୁଦୁଲି,ପ୍ରଶାନ୍ତ ଦାସ,ବିଜୟ ସ୍ୱାଇଁ, ବିଷ୍ଣୁ ନାୟକ,ପ୍ରଦୀପ୍ତ ଜେନା,ଦୀପ୍ତି ବାରିକ,ନରେନ୍ଦ୍ର ନନ୍ଦୀ,ବାବାଜୀ ସ୍ୱାଇଁ,ପ୍ରଶାନ୍ତ ସ୍ୱାଇଁ,ସୁବାଷ ମହାରଣା ଓ ଅନାମ ସାହୁ ପ୍ରମୁଖ ନିଜର ଅନୁଭୂତି ପ୍ରଦାନ କରିଥିଲେ ।ଶେଷରେ ଶ୍ରୀବସ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପ୍ରଥମ ଅସ୍ମିତା ଖେଳ ଇଣ୍ଡିଆ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ




କେନ୍ଦ୍ରାପଡା,(ପିପିଏସ୍): କେନ୍ଦ୍ରାପଡା ଜିଲ୍ଲା କ୍ରିଡା ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଖେଳ ଇଣ୍ଡିଆ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ଅଟୋନମସ୍ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ବାଳିକା ବିଭାଗ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରାପଡାର ଜିଲ୍ଲାପାଳ ରଘୁରାମ ଆୟାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍ଘାଟନ କରିଥିବା ବେଳେ ଜାତୀୟ ଫୁଟବଲ ଖେଳାଳି ଆଲୋଚନା ସେନାପତି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ୧୪ ବର୍ଷରୁ କମ୍ ପ୍ରତିଯୋଗିତା ୬୦ ମିଟର ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଜାଭିଲିନ ଥ୍ରୋ, ୧୬ ବର୍ଷରୁ କମ୍ ୬୦ ମିଟର ଦୌଡ, ୬୦୦ ମିଟର ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ୍‌ଫୁଟ୍, ଜାଭିଲିନ ଥ୍ରୋ ଓ ଡିସକସ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା । ୨୫୦ଜଣ ବାଳିକା ଖେଳାଳୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ଅୟଦ ଅକମଲ ଅଲ୍ଲୀ, କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ । ଯେଉଁ ପିଲାମାନେ ଭଲ ପ୍ରଦର୍ଶନ କରିବେ ତାଙ୍କ ଭିତରୁ ଭଲ ପଦର୍ଶନ କରିଥିବା ଖେଳାଳୀମାନଙ୍କୁ ସରକାରୀ ହଷ୍ଟେଲରେ ସ୍ଥାନ ପାଇଁ ପାରନ୍ତି ବୋଲି ପ୍ରକାଶ କରିଛନ୍ତି । କ୍ରୀଡା ସଂପାଦକ ଜ୍ୟୋତ୍ରିମୟ ଦାସ ଧନ୍ୟବାଦ ଦେଇଥିଲେ । କୃତକାର୍ଯ୍ୟ ହୋଇଥିବା ଖେଳାଳୀ ମାନଙ୍କୁ ପ୍ରମାଣ ପତ୍ର ସହ ପଦକ ପୁରସ୍କୃତ କରାଯାଇଥିଲା । ଅଫିସିଆଲ୍ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ମନୋଜ ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରମିନ୍, ମାମୁନି ଦାସ, ସ୍ୱାସିତା, ଜ୍ୟୋତି ପଙ୍କଜ ଦାସ ଖେଳ ପରିଚାଳନା କରିଥିଲେ । ଉକ୍ତ କ୍ରୀଡା ଦିବସରେ ଓଡିଶା କୋଚ୍ ଦୀପିକା ମହାପାତ୍ର, ଅତୁଲ କୁମାର ଓଡିଶା କ୍ରୀଡା ବିଭାଗ ତରଫରୁ ଯୋଗଦେଇଥିଲେ ।

## ମାଧବାନନ୍ଦ ନିଯୁ ବିକାଶ ସମିତି ଗଠିତ



ଚାରିଛକ, ( ପି ପି ଏସ) ପ୍ରାଚୀ ଉପତ୍ୟକା ର ଦୂର୍ଗା ମାଧବ ମନ୍ଦିର ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ଘର ବୋଲି ଲୋକକଥା ରହିଛି । ଏହି ମନ୍ଦିର ର ଦୈନନ୍ଦିନ ପୂଜା ନୀତି ରେ ଶୃଙ୍ଖଳା ଆଣିବାକୁ ଓ ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ଭୌମ୍ୟ ଏକାଦେସୀ ଯାତ୍ରା ଏବଂ ପୋଢୁଆ ଭାର ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ରେ ଅନୁଷ୍ଠିତ ହେବ ସେ ଦିଗକୁ ବିଚାର କରି ମନ୍ଦିର ର ହେଡେଟାରୀ ଟ୍ରଷ୍ଟି ପ୍ରଶାନ୍ତ ଦେବ ଗୋସ୍ୱାମୀ ଙ୍କ ପୌରହିତ୍ୟ ରେ ମାଧବ ପ୍ରେମୀ ଓ ଶ୍ରୀ ଜଗନ୍ନାଥ ପ୍ରେମୀ /ଭକ୍ତ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ ଭାବେ 'ମାଧବାନନ୍ଦ ଜିୟୁ ବିକାଶ ସମିତି ' ନାମ ରେ ଏକ ସଙ୍ଗଠନ ଗଠନ କରାଯାଇଛି ବୋଲି ମାଧବାନନ୍ଦ ଟ୍ରଷ୍ଟି ର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର କହିଛନ୍ତି । ଏହି ସଭାରେ ସୌମ୍ୟକାନ୍ତ ପ୍ରଧାନ ଙ୍କ ପ୍ରସ୍ତାବ ରେ ନୂତନ ସ୍ଥାୟୀ ସଭାପତି ଭାବେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟନାୟକ ଙ୍କ ନାମ ଘୋଷଣା ହୋଇଥିବାବେଳେ ରତ୍ନାକର ବାରିକ ଙ୍କ ପ୍ରସ୍ତାବ ରେ ସତ୍ୟ ନାରାୟଣ ସେନାପତି ଙ୍କୁ ସ୍ଥାୟୀ ସାଧାରଣ ସମ୍ପାଦକ ଭାବେ ଘୋଷଣା କରାଯାଇଛି । ନୂତନ ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିର୍ଦ୍ଦେଶ ରେ ନୂତନ ଉପ ସଭାପତି ଭାବେ ମିନାକ୍ଷୀ ପୃଷ୍ଟି ,ଯୁଗ୍ମ ସମ୍ପାଦକ ଭାବେ ସୌମ୍ୟକାନ୍ତ ପ୍ରଧାନ, ସହ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପୁଷ୍ପାଳକ , କୋଷାଧକ୍ଷ ଭାବେ ଯୋଗେନ୍ଦ୍ର ଜେନା ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ।ନାମ ପ୍ରକାଶ କରିଥିଲେ । ଏହି ବୈଠକ ରେ ନିମାପଡା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ବେଣୁଧର ସେଠୀ , ପୂର୍ବତନ ଟ୍ରଷ୍ଟି ସରୋଜ କୁମାର ବେହେରା ,ସଦସ୍ୟ ଅନନ୍ତ ଚରଣ ପାତ୍ର ଙ୍କ ସହିତ ଗୋପ , ନିମାପଡା ,ଚାରିଛକ ଅଞ୍ଚଳରୁ ଶତାଧିକ ଜଗନ୍ନାଥ ପ୍ରେମୀ ଓ ମାଧବାନନ୍ଦ ଙ୍କ ଭକ୍ତ ଯୋଗ ଦେଇଥିଲେ ।

# 'ଆଜିର ଛାତ୍ରଛାତ୍ରୀ ବିଜ୍ଞାନ ମନସ୍କ ହେଲେ ଦେଶର ଅଭିବୃଦ୍ଧି ନିଶ୍ଚିତ'



ଧାମନଗର (ପି ପି ଏସ) ଧାମନଗର ବ୍ଲକ ସୋହଡା ପଞ୍ଚାୟତ ଷେଣ୍ଡପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି ।ଏହି ପ୍ରଦର୍ଶନୀରେ ମୋଟ ୧୬୦ଟି ବୈଜ୍ଞାନିକ ପ୍ରୋଜେକ୍ଟ ପର୍ଦଶିତ ହୋଇଥିଲା । ପରିବେଶ ସୁରକ୍ଷା, ବିପଦ ପ୍ରବନ୍ଧିତ, ପାଣି ସଂରକ୍ଷଣ, ନବୀକରଣ ଶକ୍ତି ଓ ପ୍ରଯୁକ୍ତି ନବୀନତା ଭଳି ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ନିଜର ମଡେଲ ପ୍ରସ୍ତୁତ କରିଥିଲେ । ବିଜ୍ଞାନ ମେଳାରେ ୭ଟି ଥିମକୁ ନେଇ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଛି । ପ୍ରତି ଥିମରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି । ତେବେ ଏନର୍ଜି ଥିମକୁ ନେଇ ହୋଇଥିବା ପ୍ରକଳ୍ପ ଭିତରୁ ୭ଟି ମଧ୍ୟ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ବିଇଓ ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି । ଏହାଛଡ଼ା ସମସ୍ତ ପ୍ରକଳ୍ପ ମଧ୍ୟରୁ ୩ଟିକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କାର ପାଇଛି ।ଧାମନଗର ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ ହୋତାଙ୍କ ସଂଯୋଜନାରେ ଆୟୋଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ନୂତନ ପିଢ଼ୀମାନଙ୍କ ମନରେ ବିଜ୍ଞାନମୂଳକ ଚେତନା, ଭାବନା ଓ ସୃଜନଶୀଳ ଚିନ୍ତାଧାରା ଗଢ଼ିଉଠିଲେ ଦେଶର ବିକାଶ ସମ୍ଭବ ବୋଲି କହିଥିଲେ ।ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ବିଡିଓ ବନବିହାରୀ ଦିଣ୍ଡା, ଜିଲ୍ଲାପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋଜ ମଲ୍ଲିକ ଓ ଅନ୍ୟ ଅଧିକାରୀ ମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରୟାସର ବୈଜ୍ଞାନିକ ଭାବନା ଓ ପରୀକ୍ଷଣମୂଳକ ଶିକ୍ଷା ଆଜିର ପିଢ଼ୀଙ୍କ ଭବିଷ୍ୟତକୁ ଦୃଢ଼ କରେ ବୋଲି କହିଥିଲେ ।ପ୍ରଶ୍ନ କରିବା, ଯାଞ୍ଚ କରିବା ଓ ନବମାର୍ଗ ଖୋଜିବା ଅଭ୍ୟାସ ଶିଶୁମାନଙ୍କୁ ନୂତନ ଦିଗକୁ ନେଇଯାଏ ବୋଲି ଅତିଥି ମାନେ ବକ୍ତବ୍ୟରେ କହିଥିଲେ । ବିଜ୍ଞାନ ପ୍ରାଧ୍ୟାପକ ଅଭୟ ଜେନା, ସରପଞ୍ଚ ଲୋପାମୁଦ୍ରା ନାୟକ, ସମିତି ସଭ୍ୟା ଗୀତାଞ୍ଜଳି ପତି, ଏବିଓ ଭୀମସେନ ହୋ, ପ୍ରଧାନ ଶିକ୍ଷୟତ୍ରୀ କଲ୍ୟାଣୀ ଦାଶ,ଶିକ୍ଷକ ସୁରେନ୍ଦ୍ର ସେଠୀ, ରୁପକ୍ ମିଶ୍ର, ପ୍ରଶାନ୍ତ ପରିଡା, ଅଶ୍ୱନୀ ଜେନା, ସିଆରସି ଦେବବ୍ରତ ନାୟକ, ସମୀର ଗୋସ୍ୱାମୀ, ମନୋଜ ସିଂ, ମନ୍ମଥ ରାଉତ ଓ ଏସଏମସି ସଭାପତି ପରେଶ ମିଶ୍ର ପ୍ରଦର୍ଶନୀକୁ ସଫଳ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରଦର୍ଶନୀ ଦେଖିବାକୁ ପହଞ୍ଚିଥିଲେ ।

## ବିଜେପି ପକ୍ଷରୁ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ଓ ମନ୍ କୀ ବାତ୍ କାର୍ଯ୍ୟକ୍ରମ



ଖଣ୍ଡପଡ଼ା(ପିପିଏସ)ଜସ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ମନକି-ବାତ କାର୍ଯ୍ୟକ୍ରମ କଣ୍ଟିଲୋ କଂସା ପିତ୍ତଳ ସୁବିଧା କେନ୍ଦ୍ରରେ ରବିବାର ଦିନ ଆୟୋଜିତ ହୋଉଯାଇଛି.ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ ନଂ ଜୋନ ଅଧୀନରେ ଥିବା କଣ୍ଟିଲୋ, ବଡ଼ ବାଣପୁର , ସିଧାମୂଳା, ବେଣାଗାଡ଼ିଆ ଓ ବୋଦସା ପଞ୍ଚାୟତ ଅଞ୍ଚଳରୁ ଆସିଥିବା ଶତାଧିକ କର୍ମୀମାନେ ପ୍ରଧାନ ମନ୍ତ୍ରୀଙ୍କର ଦେଶ ବ୍ୟାପୀ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ଓ ମୂଲ୍ୟାଙ୍କନ ସହିତ ଦେଶ ବାହାରେ ତାଙ୍କର ଭୂମିକା ର ଗୁରୁତ୍ୱ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ସମ୍ପର୍କରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ କର୍ମୀ ମାନଙ୍କୁ ସୂଚନା ଦେବା ସହିତ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶାର ସମସ୍ତ ପଞ୍ଚାୟତରେ ପିଅନ ନିଯୁକ୍ତି କରିବାକୁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ସମ୍ପର୍କରେ ଖଣ୍ଡପଡ଼ା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ଉପସ୍ଥିତ କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନିଯୁକ୍ତି କ୍ଷେତ୍ର ରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଉପସ୍ଥିତ ମଞ୍ଚାସିନ ଅତିଥି ଓ କର୍ମୀ ମାନେ କରତାଳି ଦେଇ ଅଭିନନ୍ଦନ ଜଣାଇଥିଲେ ।ମନକି-ବାତ କାର୍ଯ୍ୟକ୍ରମ ପରେ ବିଧାୟକ ଶ୍ରୀ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା.ଏହି ଅବସର ରେ କଟକ ଲୋକସଭା ସାଂସଦ ଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ସାଂସଦ ଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ଓ କଣ୍ଟିଲୋ ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ ପ୍ରମୁଖ ଯୋଗଦେଇ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିକାଶ ସହିତ ପଞ୍ଚାୟତ ଗୁଡ଼ିକର ବିକାଶ ତ୍ୱରାନ୍ୱିତ କରିବାକୁ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ପ୍ରତିନିଧି ମାନେ ନିଜ ନିଜ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଆଲୋଚନା କରି ଚିଠା ପ୍ରସ୍ତୁତ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ କର୍ମୀ ମାନଙ୍କୁ ସୂଚନା ଦେଇଥିଲେ.ଆଜିର ଏହି କାର୍ଯ୍ୟକ୍ରମ କୁ ସରସ ସୁନ୍ଦର କରିବାରେ ଶ୍ରୀ ମହାରଣା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସଂଯୋଜନା ମଧ କରିଥିଲେ ।

## ମାନସିକ ସ୍ୱାସ୍ଥ୍ୟ କର୍ମଶାଳା



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଧାରାବାହିକ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଚାଲୁରହିଥିବାବେଳେ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଏବଂ ବି.ଏନ.ଏମ.ଏ କଲେଜ ପାଳିଆବିନ୍ଧାଠାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଅଛି । ଅବସର ପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ସଂଚାଳନରେ ଏବଂ ଯଥାକ୍ରମେ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ା ଏବଂ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସ୍ୱାସ୍ଥ୍ୟ ମନସ୍ତତ୍ତ୍ୱବିତ୍ ଲୋନି ଲିୟନି ବେହେରା ଓ ଡଃ ଲଳୀତା ସୋରେନ୍, ମାନସିକ ଅବସାଦ ଜନିତ ଆତ୍ମହତ୍ୟାର ଲକ୍ଷଣ, କାରଣ ଓ ନିରାକରଣ ଗୁଡିକ ବିଷଦ ଭାବରେ ଆଲୋଚନା କରିଥିଲେ । ଉପଯୁକ୍ତ ଚିକିତ୍ସା ଏବଂ ପରାମର୍ଶ ମାଧ୍ୟମରେ ଉକ୍ତ ମାନସିକ ଦୁଶ୍ଚିନ୍ତା, ଅବସାଦ ଦୂର କରାଯାଇପାରିବ ବୋଲି ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଫଳତାରେ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକଗଣ ଅଶୋକ କୁମାର ଗୋଛାୟତ, ସ୍ୱପ୍ନାବାସବଦତ୍ତା ସୁତାର, ପଦ୍ମାଳୟା ଖଟୁଆ, ଅଶୋକ କୁମାର ମଲ୍ଲିକ, ରାମଚନ୍ଦ୍ର ବେହେରା, ରାଜେନ୍ଦ୍ର ଭୂଇଁ ସହଯୋଗ କରିଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ କୋଡିନେଟର ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭଦ୍ରକ ଜିଲ୍ଲା ବିଜେଡିରେ ବିସ୍ଫୋରଣ**

## ଗୋଟିଏ ଦିନରେ ଇସ୍ତଫା ଦେଲେ ୩ ବ୍ଲକ୍ ଅଧ୍ୟକ୍ଷ

ଭଦ୍ରକ, ୩୦।୧୧ - ଭଦ୍ରକ ଜିଲା ବିଜେଡି ସମର୍ଥିତ ୩ ଜଣ ବ୍ଲକ୍ ଅଧ୍ୟକ୍ଷଙ୍କ ଇସ୍ତଫା ପରେ ଦଳରେ ଦେଖାଦେଇଛି ସଂକଟ। ଗୋଟିଏ ଦିନରେ ୩ ଜଣଙ୍କ ଇସ୍ତଫା ପରେ ସେମାନଙ୍କୁ ଦଳ ନିଲମ୍ବିତ କରିଛି। ତେବେ ଆଗେ ଇସ୍ତଫା ନା ନିଲମ୍ବନ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଥମେ ଭଣ୍ଡାରିପୋଖରୀ ବିଧାୟକ ଓ ପୂର୍ବତନ ବିଧାୟକ ଙ୍କ ଗୋଷ୍ଠି ମଧ୍ୟରେ ଚାଲିଛି ଜୋରଦାର ଶୀତଳ ଯୁଦ୍ଧ। ଆରୋପ ପ୍ରତ୍ୟାରୋପ କୁ ନେଇ ଭଣ୍ଡାରିପୋଖରୀ ରାଜନୀତି ଏବେ ବେଶ ସରଗରମ ହୋଇଛି। ଗୋଟିଏ ଗୋଷ୍ଠି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇଙ୍କ ବେଆଇନ କାର୍ଯ୍ୟ କୁ ନେଇ ଏକ ସାମ୍ବାଦିକ ସମିଳନୀ ଭଣ୍ଡାରିପୋଖରୀ ବିଧାୟକ ଙ୍କ ବାସ ଭବନ ରେ ଆୟୋଜନ କରିଥିବାବେଳେ ଏଥିରେ ଜିଲ୍ଲା ପରିଷଦ ସଭାପତି, ବ୍ଲକ ବିଜେଡି ସଭାପତି ଓ ଯୁବ ନେତା ମାନେ ଯୋଗ ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି ବନ୍ତ ବ୍ଲକ ଅଧକ୍ଷ ନିଜ ନାମରେ ଭେଣ୍ଡର କରି ଏମ୍‌ଜିଏନଆରଇଜିଏସ୍ ଟଙ୍କା ଉଠାଇ ଲାଭବାନ ହେଉଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ ତେଣୁ ସରକାର ତାଙ୍କୁ ବରଖାସ୍ତ କରନ୍ତୁ ଓ ଦୁର୍ନୀତି ର ତଦନ୍ତ କରନ୍ତୁ ବୋଲି ସେମାନେ ଦାବି କରି ଏକ ଅଭିଯୋଗ ଜିଲ୍ଲାପାଳ ଙ୍କୁ ଦେଇଛନ୍ତି। ତେବେ ବିଧାୟକ ଘରେ ସାମ୍ବାଦିକ ସମିଳନୀ ହେବାର କିଛି ଘଂଟା ପରେ ଶ୍ରୀରାମ ସ୍ୱରୂପ ମହାପାତ୍ର ନାମକ ଜଣେ ଆଇନଜୀବୀ ଏକ ହୋଟେଲ ରେ ସାମ୍ବାଦିକ ସମିଳନୀ ଡାକିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଓଡିଶା ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ରେ ଭଣ୍ଡାରିପୋଖରୀ ବିଧାୟକ ଙ୍କ ନାମରେ ଅର୍ଥନୈତିକ ଅନିୟମିତତା, ଟିକସ ଫାଙ୍କିବା ଭଳି ଅଭିଯୋଗ ରଖିଥିଲେ। ସେମାନେ ଏହାର ତଦନ୍ତ ପାଇଁ ଇନ କମ ଟାକ୍ସ ଡିପାର୍ଟମେଂଟ କୁ ଚିଠି ଲେଖିଛନ୍ତି। ତେଣୁ ବିଧାୟକ ନମରେ ଯେଉଁ ଅଭିଯୋଗ ସେ କରିଛନ୍ତି ତାର ତଦନ୍ତ ନିରପେକ୍ଷ ଭାବେ କରାଯାଇ ସତ୍ୟ ଉନ୍ମୋଚନ କରାଯାଉ ବୋଲି ଦାବି କରିଛନ୍ତି। ଫଳରେ ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ଜୋର ଧରିବା ସହିତ ଭଣ୍ଡାରିପୋଖରୀରେ ବିଜେଡି ରାଜନୀତି ଏବେ ଦୁଇ ଭାଗ ହୋଇ ଯାଇଛି। ଆଗକୁ ଏହା ଏକ ବିସ୍ପୋ ରକ ସ୍ଥିତି ଉପୁଜାଇ ପାରେ ବୋଲି ଆଶଙ୍କା କରାଯାଉଛି। ଇତି ମଧ୍ୟରେ ବନ୍ତ ବ୍ଲକ୍ ଅଧକ୍ଷ ଶ୍ରୀ ଘଡେଇ, ଭଣ୍ଡାରିପୋଖରୀ ବ୍ଲକ୍ ଅଧକ୍ଷା ସୁମତୀ ସେଠୀ ଓ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ବିଜେଡି ରୁ ଇସ୍ତଫା ଦେଇଛନ୍ତି। ତେବେ କିଛିଦିନ ହେବ ବିଜେଡି ଛାଡି ବିଜେପିରେ ମିଶିବା ନେଇ ବନ୍ତ ଭଣ୍ଡାରିପୋଖରୀ ଭଦ୍ରକ ଓ ବାସୁଦେବପୁର ବ୍ଲକ୍ ଅଧକ୍ଷଙ୍କୁ ନେଇ ଚର୍ଚ୍ଚା ହୋଇଥିଲା। ଏଥିପାଇଁ ଆସନ୍ତା ଡିସେମ୍ବର ୭ ରେ ଏକ ମିଶ୍ରଣ ପର୍ବ ଆୟୋଜନ ହେବ ବୋଲି ଶୁଣାଯାଉଛି। ୩ ଜଣ ନିଜର ଇସ୍ତଫା ପତ୍ର ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇ ଏହାକୁ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ସେମାନେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ବିଷୟ ଦର୍ଶାଇଛନ୍ତି। ଏ ସଂପର୍କରେ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ଏମାନଙ୍କ ଇସ୍ତଫା ପତ୍ର ହ୍ୱାଟସ୍‌ଆପରେ ପାଇଥିବାବେଳେ ସେମାନଙ୍କର ଏଭଳି କାର୍ଯ୍ୟ ନିଶ୍ଚିତ ଭାବେ ଦଳପାଇଁ କ୍ଷତିକାରକ ବୋଲି ଦର୍ଶାଇଛନ୍ତି। ଏଣୁ ପୂର୍ବରୁ ଏହି ୪ ଜଣ ଅଧକ୍ଷଙ୍କୁ ନେଇ ଯେଉଁ ଚର୍ଚ୍ଚା ହୋଇଥିଲା, ତାହା ଏବେ ସତରେ ପରିଣତ ହେବାକୁ ଯାଉଛି।

## ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ପିପିଏସ୍): ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଓ ଆସିୟାନା ଫେଲୋସିଫର ମିଳିତ ଆନୁକୂଲ୍ୟରେ ପୁରୁଣାବଜାର ସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲ ସଭାଗୃହରେ ଫେଲୋସିପର ସଂପାଦକ ବରିଷ୍ଠ ସମାଜସେବୀ ଏସ.ଏମ. ଫାରୁକଙ୍କ ସଭାପତିତ୍ୱରେ ଲିଙ୍ଗ ଭିତିକ ହିଂସା ବିରୁଦ୍ଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜକ ଇପ୍‌ସିତା ଯେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଏ.ମ ବ୍ରେକ ଥ୍ରୋ ସାମାଜିକ ସଂଗଠନ ଭୁବନେଶ୍ୱର, ନିତ୍ୟାନନ୍ଦ ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷା, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ ନାୟିକା, ଶିକ୍ଷକ ସେକ୍ ସରିଫ୍, ସେକ୍ ମହମ୍ମଦ ହାପିଜୁଦ୍ଦିନ୍, ସଖି ୱାନ ଷ୍ଟପ ସେଂଟରର କେସ୍ ୱାର୍କର ପ୍ରିୟଙ୍କା ପ୍ରିୟଦର୍ଶିନୀ, ମିର୍ଜାପୁର ଅଙ୍ଗନୱାଡ଼ୀ କର୍ମୀ ରେସମା ଖାତୁନ ପ୍ରମୁଖ ଯୋଗଦେଇ ସକାରାତ୍ମକ ପୁରୁଷତ୍ୱକୁ ପ୍ରୋତ୍ସାହିତ କରିବାସହ ଗୁରୁତ୍ୱରୋପ କରି ନାରୀ ଓ ପୁରୁଷ ସମ୍ମାନତା ଉପରେ ଆଲୋକପାତ କରିଥିଲେ। ସ୍ୱାଗତ ଭାଷଣ ଫେଲୋସିପ୍ ଶକ୍ତିସଦନର ସୁପରିଟେଣ୍ଡେଂଟ ଯୋଗମାୟା ଚାନ୍ଦ ଦେଇଥିବାବେଳେ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ.ସି. ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ମିର୍ଜାପୁର ୨୩ନମ୍ବର ୱାର୍ଡର କିଶୋରୀ ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଫେଲୋସିପର ମୁସ୍ତରୀ ବେଗମ ଓ ଜ୍ୟୋତି ରଂଜନ ନାୟକ ପ୍ରମୁଖ ପରିଚାଳନାରେ କରିଥିଲେ।

## ଗଜଲକ୍ଷ୍ମୀ ମନ୍ଦିରର ବାର୍ଷିକୋତ୍ସବ



ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ପୌରପାଳିକା ୧ନମ୍ବର ୱାର୍ଡ ଅନ୍ତର୍ଗତ ଲକ୍ଷ୍ମୀସାହିସ୍ଥିତ ଗଜଲକ୍ଷ୍ମୀ ମନ୍ଦିରର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଶନିବାର ଦିନ ଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ଉତ୍ସବରେ ଅଧିବାସ, ମଣ୍ଡଳ କରଣ, କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ଅର୍ଚ୍ଚନା, ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ସାରାଦିନ ବ୍ୟାପି ଆୟୋଜିତ ଯଜ୍ଞ କାର୍ଯ୍ୟରେ ସୁକାନ୍ତ କୁମାର ପରଡ଼ା ଓ କବିତା ପରିଡ଼ା କାର୍ତ୍ତା ଓ କର୍ତ୍ତୀ ଭାବେ ଆହୁତି ପ୍ରଦାନ କରିଥିଲେ। ପୂଜକ ଅଭିଜିତ ତ୍ରିପାଠୀ ଓ ତାଙ୍କ ସହଯୋଗୀ ପଣ୍ଡିତ ମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । କୈଳାସ ସାହୁ, ସୁଶାନ୍ତ କୁମାର ପରିଡ଼ା, ନବ କିଶୋର ସାହୁ, ମୋହନ କୁମାର ସାହୁଙ୍କ ସମେତ ସାହିର ଯୁବ ଗୋଷ୍ଠୀ ଓ ସମସ୍ତ ଅଧିବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୋମବାର ଦିନ ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯିବା ସହିତ ସଂଧ୍ୟାରେ ମହଦୀପ ଉତ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପରିଚାଳନା କମିଟି ସୁତ୍ରରୁ ପ୍ରକାଶ ।

# ବିନା ଫଳକରେ ଚାଲିଛି ନିମ୍ନମାନର ବିଦ୍ୟାଳୟ ଗୃହ କାର୍ଯ୍ୟ ଓ ସାମଗ୍ରୀ



କଳିଙ୍ଗନଗର,(ପିପିଏସ) : ଯେକୌଣସି ସରକାର ଗୃହ ନିର୍ମାଣ ପୂର୍ବରୁ ସର୍ବସାଧାରଣଙ୍କ ଅବଗତ ପାଇଁ ସୂଚନା ଫଳକରେ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଦେବା ବାଧ୍ୟତାମୂଳକ। କିନ୍ତୁ ବିନା ଫଳକ ରେ କାମ ଆରମ୍ଭ କରି ଗ୍ରାମବାସୀ ବିରୋଧ କରିବାରୁ ଅଲେଖା ଫଳକ ରେ ଜିଲ୍ଲା ଖଣିଜ ପାଣ୍ଠି ରୁ ଚାଲିଛି ବିଦ୍ୟାଳୟ ଗୃହ କାର୍ଯ୍ୟ। ଦାନଗଦି ବ୍ଲକର ଶାଳିଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଏହି ଗାଁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ କାର୍ଯ୍ୟ ଚାଲିଛି ।ଜିଲ୍ଲା ଖଣିଜ ପାଣ୍ଠିରେ ବର୍ତମାନ ବ୍ଲକର ବହୁତ ସ୍ଥାନରେ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ହେଉଛି, ପ୍ରାୟ ଅଧିକାଂଶ ଜାଗାରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଛନ୍ତି ଏବଂ ଗୃହ ଟି ପ୍ରାୟ ଲକ୍ଷା ଧିକ ଟଙ୍କା ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ହେଉଛି ଥିବା ଜଣାପଡିଛି ।ଏଠାରେ ଠିକାଦାର ଅଲେଖା ଫଳକରେ ଜୋର ଜବରଦସ୍ତ କାର୍ଯ୍ୟ କରୁଛନ୍ତି ।ଏହି ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବା ଜଳ ଜଳ ଦେଖାଦେଉଛି ।ଉକ୍ତ କାର୍ଯ୍ୟ ପାଇଁ ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଣ୍ଟ ,ରଡ ଓ ଚିପ୍ସ କାମରେ ବ୍ୟବହାର କରୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି ।ସମସ୍ତ ପିଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଲୁହାଛଡ଼ ୧୬ ଜାଗା ରେ ୧୨ଲାଗୁଛି,୧୨ଜାଗାରେ ୧୦ ଲାଗୁଛି, ଚିପ୍ସ ମିଶାଇ ତଳ ଢ଼ଳେଇ ହେଉଛି, ବହୁ ଦୁର୍ବଳ କାର୍ଯ୍ୟ ହେଉଛି। ଭଲ ସିମେଣ୍ଟରେ କାର୍ଯ୍ୟ ହେଉନଥିବାରୁ ଗୋଟେ ସାଇଟ ଖସି ଯାଇଛି,ବିଦ୍ୟାଳୟ ମୁଖ୍ୟ ଫାଟକ ରାସ୍ତାରେ ବାଲି ଓ ମେଟାଲ ପକାଇ ବିଦ୍ୟାଳୟ ରାସ୍ତା ଅବରୋଧ କରିଛନ୍ତି ।ପିଲାମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି ।ଗୃହ ଭିତରେ ବାଲି ସ୍ଥାନରେ ମୋରମ ପକାଯାଉ ଥିବା ଓ ବିଳମ୍ବ କାର୍ଯ୍ୟ ନେଇ ବିଦ୍ୟାଳୟ କମିଟି ବାରମ୍ବାର ଅଭିଯୋଗ ହେଉଛି କିନ୍ତୁ କେହି କର୍ଣ୍ଣପାତ କରୁନାହାନ୍ତି ।ଏଠାକୁ ବିଭାଗୀୟ ଯନ୍ତ୍ରୀ ଆସୁନଥିବାରୁ ଜଣାପଡୁଛି କାରଣ ଯଦି ଏଠାକୁ ଆସୁଥାନ୍ତେ ତେବେ ଏଭଳି କାର୍ଯ୍ୟ ହେଉ ନଥାନ୍ତା ଓ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁନ ଥାନ୍ତେ। ଜିଲ୍ଲା ଖଣିଜ ପାଣ୍ଠିର କୋଟି କୋଟି ଟଙ୍କା କୁ ଲୁଟ କରି ଖାଇବା ପାଇଁ ଏକ ମିଳିତ ଯୋଜନା ହୋଇଥିବା ପରି ଜଣା ପଡୁଛି ନଚେତ ଦିନ ଦ୍ୱି ପ୍ରହର ରେ ଠିକାଦାର ମାନେ କାହା ସାହସ ରେ ନିର୍ଭୟ ରେ ଏପରି ନିମ୍ନ ମାନର କାମ କରୁଛନ୍ତି, ସରକାର ଓ ପ୍ରଶାସନର ପକ୍ଷରୁ ଉକ୍ତ ଶ୍ରେଣୀ ଗୃହକାମ ତଦନ୍ତ କରି ଠିକାଦାର ତାଗିଦ କରି କାର୍ଯ୍ୟ ଟି ଭଲଭାବରେ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି ।



# ଦିନିକିଆ ଲଢ଼େଇ ଆରମ୍ଭ ?

ରାଞ୍ଚି: ଟେଷ୍ଟ କ୍ରିକେଟ୍‌ରେ ଆଲୋଡ଼ା ଲଜ୍ଜା ବରଣ କରିବା ପରେ ଏବେ ମୁହଁ ସଫେଇ ପାଇଁ ଭାରତୀୟ କ୍ରିକେଟ୍ ଦଳ ନିକଟରେ ଆଉ ଏକ ସୁଯୋଗ ଆସିଛି। ରବିବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଧଳାବଲ୍ କ୍ରିକେଟ୍‌ରେ ଭାରତର ପ୍ରାଧାନ୍ୟ ରହିଥିଲେ ମଧ୍ୟ ଉତ୍ସାହିତ ଦକ୍ଷିଣ ଆଫ୍ରିକାକୁ ହେୟ ମନେକରିବା ଭୁଲ ହେବ। ଏହି ଶୃଙ୍ଖଳା ମଧ୍ୟ ସାମ୍ପ୍ରତିକ ସମୟରେ ପୂର୍ବଭଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଚର୍ଚ୍ଚାରେ ରହିବ। ଅଷ୍ଟ୍ରେଲିଆ ବିପକ୍ଷ ଗତ ଶୃଙ୍ଖଳାରେ ଉଭୟ ଭଲ ଖେଳିଥିବାରୁ ପ୍ରଶଂସକମାନେ ବି ଏମାନଙ୍କଠାରୁ ଘରୋଇ ମାଟିରେ ବି ଚମକ ଦେଖିବାକୁ ପସନ୍ଦ କରିବେ। ଭାରତ ମଧ୍ୟ କ୍ରମାଗତ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ?ରେ ତିନି ଜଣ ଅଲଗା ଅଧିନାୟକଙ୍କ ଅଧୀନରେ ଖେଳିବାକୁ ଯାଉଛି। କୋଲକାତା ଟେଷ୍ଟରେ ଗିଲ୍ ଆହତ ହୋଇ ପ୍ରଥମ ଦିନଠାରୁ ବାଦ୍ ପଡ଼ିବା ପରେ ଗୁଆହାଟୀ ଟେଷ୍ଟରେ ରଷଭ ପନ୍ତ୍ ନେତୃତ୍ୱ ନେଇ ଶୃଙ୍ଖଳା ପରାଜୟର ଅପଯଶ ମୁଣ୍ଡାଇଥିଲେ। ଏବେ ରବିବାର କେଏଲ ରାହୁଲଙ୍କ ଅଧୀନରେ ଦିନିକିଆ ଶୃଙ୍ଖଳା ଖେଳିବାକୁ ଯାଉଛି ଭାରତ।



ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ କଥା ଆସିବାବେଳେ ଉପଅଧିନାୟକ ଶ୍ରେୟସ ଆୟରଙ୍କ ଫିଟ୍‌ନେସ୍ ଚର୍ଚ୍ଚା ବଢ଼ିଛି। ଅଷ୍ଟ୍ରେଲିଆ ଗସ୍ତରେ ସେ କ୍ଷେତ୍ରରକ୍ଷଣ ବେଳେ ପିଞ୍ଜରା ହାଡ଼ରେ ଆଘାତ ପାଇ ଫେରିଥିଲେ। ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି କି ନା ସ୍ପଷ୍ଟ କରାଯାଇନାହିଁ। ଅର୍ଥାତ୍ ଭାରତୀୟ ଦଳର ଅଧିନାୟକ ଓ ଉପ ଅଧିନାୟକ ଫିଟ୍‌ନେସ୍ ସମସ୍ୟାରେ ରହିବା ମଧ୍ୟ ବିରଳ ସଂଯୋଗ ହୋଇଛି। ଚାମ୍ପିଅନ୍ସ ଟ୍ରଫି, ଏସିଆ କପ୍ ବିଜୟ ସହିତ ଭାରତୀୟ ଦଳ ସାମ୍ପ୍ରତିକ ସମୟରେ ଅପ୍ରତିଦ୍ୱନ୍ଦ୍ୱୀ ରହିଛି। ୨୦୨୩ ଦିନିକିଆ ବିଶ୍ୱକପ୍ ହାରିବା ପରଠାରୁ ଭାରତ ଏହି ଫର୍ମାଟ୍‌ରେ ପ୍ରାଧାନ୍ୟ ବିସ୍ତାର କରିଛି। ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରୋହିତ ଶର୍ମା ଓ ବିରାଟ କୋହଲି ଖେଳିପାରିବେ କି ନା ନିଶ୍ଚିତ ଏହି ଶୃଙ୍ଖଳା ସେମାନଙ୍କ ପାଇଁ ନିର୍ଣ୍ଣାୟକ ହେବ। ଏହି ଦୁହିଁଙ୍କ ଭଳି ଦକ୍ଷିଣ ଆଫ୍ରିକା ଦୃଷ୍ଟିକୋଣରୁ ମାଥ୍ୟୁ ବ୍ରିଜ୍‌କେଙ୍କ ଉପରେ ବି ନଜର ରହିଛି।

ରାଞ୍ଚି ନିଜର ଷଷ୍ଠ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଥରେ ମାତ୍ର ୩୦୦ରୁ ଊର୍ଦ୍ଧ୍ୱ ସ୍କୋର ହୋଇଛି। କିନ୍ତୁ ୨୭୦/୨୮୦ ରନ୍ ପଶ୍ଚାତ୍‌ଧାବନ ବି ଏଠାରେ ସେତେ ସହଜ ହୋଇନଥାଏ। ସାଧାରଣତଃ ଏଠାକାର ପିଚ୍ ମନ୍ଥର ରହିଥାଏ। ଶେଷ ୩ଟି ଦିନିକିଆରେ ୱାସିଂଟନ୍ ସୁନ୍ଦର ଭାରତର ବୋଲିଂ ଓପନ୍ କରିଛନ୍ତି। ରାଞ୍ଚିରେ ପାଗ ଭଲ ରହିଛି କ୍ରିକେଟ୍ ଖେଳ ପାଇଁ, କିନ୍ତୁ କାକର ଭୂମିକା ନିର୍ଣ୍ଣାୟକ ହୋଇପାରେ। ଟସ୍ ଜିତିଲେ ପ୍ରଥମେ ବ୍ୟାଟିଂ କରିବା କିଛି ମନ୍ଦ ପସନ୍ଦ ବି ହେବ ନାହିଁ। ୨୦୦୬ ମସିହାର ପରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ୧୦ଟି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଛନ୍ତି। ସ୍କୋରଲାଇନ୍ ଏବେ ୫-୫ରେ ରହିଛି। ତେମ୍ବା ବଭୂମା ଆଉ ୫୯ ରନ୍ କଲେ, ଦକ୍ଷିଣ ଆଫ୍ରିକାର ୨୨ତମ ଖେଳାଳି ଭାବେ ଦିନିକିଆରେ ୨୦୦୦ ରନ୍ ପୂରଣ କରିବେ।

**ଭାରତୀୟ ଦଳ (ସମ୍ଭାବ୍ୟ):** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ/ଋଷଭ ପନ୍ତ୍, କେଏଲ୍ ରାହୁଲ୍ (ଅଧିନାୟକ, ୱିକେଟ୍‌ରକ୍ଷକ), ୱାସିଂଟନ୍ ସୁନ୍ଦର, ରବୀନ୍ଦ୍ର ଜାଡ଼େଜା, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ।

**ଦକ୍ଷିଣ ଆଫ୍ରିକା ଦଳ (ସମ୍ଭାବ୍ୟ):** ଐଡେନ୍ ମାର୍କରାମ, କ୍ୱିଣ୍ଟନ୍ ଡି'କକ୍ (ୱିକେଟ୍‌ରକ୍ଷକ), ତେମ୍ବା ବଭୂମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଦିୱାଲ୍ଡ ବ୍ରେଭିସ୍, ରୁବିନ୍ ହର୍ମାନ୍, ମାର୍କୋ ୟାନ୍‌ସେନ୍, କର୍ବିନ ବଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡ଼ି।

# ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲାର ବାଳକ ଦଳ ଘୋଷିତ

ଭଦ୍ରକ, (ପିପିଏସ୍): ପୁରୀ ଜିଲ୍ଲା ଷ୍ଟାଡିୟମ୍ ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟ ସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଟି ୩୦ ନଭେମ୍ବର ରୁ ଆରମ୍ଭ ହୋଇ ୨୯ ନଭେମ୍ବର ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥ୍ଲେଟିକ୍ ଆଶୋସିଏସନ୍ ତାର ୧୨ ବାଳିକା ଖେଳାଳୀ ଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥଲେଟିକ୍ ଆଶୋସିଏସନ୍ ର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳୀ ମାନଙ୍କୁ ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଏହି ଦଳ ସହିତ



ଶୁଭଶ୍ରୀ ଦାଶ୍ କୋଚ୍ ଓ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି। ଖେଳାଳୀଙ୍କ ନାମ ବାଳିକା ଅନ୍ନପୂର୍ଣ୍ଣା ରଣା, ଏଲିନା ପୃଷ୍ଟି, ବେବିଲତା ମାଝୀ, ସରସ୍ୱତୀ ମାଝି, ତପସ୍ୱିନୀ ବେହେରା, ଲକ୍ଷ୍ମିପ୍ରିୟା ବେହେରା, ଶୁଭ ଲକ୍ଷ୍ମୀ ଜେନା, ମମତା ଜେନା, ଅଭିଲିପ୍ସା ଜେନା, ସବିତା ଜେନା ଅସ୍ମିତା ପଣ୍ଡା ଓ ପ୍ରଜ୍ଞାଞ୍ଜଳୀ ଶତପଥୀ।

# ଡବ୍ଲ୍ୟୁପିଏଲ୍-୪ କାର୍ଯ୍ୟସୂଚୀ ଘୋଷିତ

ମୁମ୍ବାଇ : ଆସନ୍ତା ବର୍ଷ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଶନିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି।

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର ?ସିବି)କୁ ଡିୱାଇ ପାଟିଲ ଷ୍ଟାଡିୟମରେ ଭେଟିବ। ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଫାଇନାଲ ମ୍ୟାଚ୍ ସପ୍ତାହନ୍ତରେ ହେବ ନାହିଁ। ଫାଇନାଲ ଫେବୃଆରୀ ୫ ତାରଖ ତଥା ଗୁରୁବାର ହେବ। ସମାନ ସପ୍ତାହରେ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଦୁଇଟି ଭେନ୍ୟୁରେ ହେବାକୁ ଥିବା ଡବ୍ଲ୍ୟୁବିଏଲ୍‌ରେ ୨୮ ଦିନ ମଧ୍ୟରେ ମୋଟ ୨୨ ମ୍ୟାଚ୍ ଖେଳାଯିବ। ଚଳିତ ମାସରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟ୍ରଫି ଉଠାଇଥିବା ଭେନ୍ୟୁ ଡିୱାଇ ପାଟିଲ ଷ୍ଟାଡିୟମରେ ପ୍ରଥମ ୧୧ ମ୍ୟାଚ୍ ଖେଳାଯିବ। ଏହାପରେ ଟୁର୍ଣ୍ଣାମଣ୍ଟର ଦ୍ୱିତୀୟାର୍ଦ୍ଧ ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ। ଏହି ଭେନ୍ୟୁ ଫାଇନାଲ ଓ ଏଲିମିଟେର ମ୍ୟାଚ୍ ମଧ୍ୟ ଖେଳାଯିବ।

ପ୍ରଥମ ଥର ପାଇଁ ଡବ୍ଲ୍ୟୁପିଏଲ୍ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଏହି ଲିଗ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଫେବୃଆରୀ-ମାର୍ଚ୍ଚରେ ହେଉଥିଲା। ଟୁର୍ନାମେଣ୍ଟର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୟୁପି ୱାରିଅର୍ଜ, ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ ଆଦି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ ଭିତରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ।

# ଗୌତମ ଗମ୍ଭୀରଙ୍କୁ ବିସିସିଆଇର ତାଗିଦ୍

ନୂଆଦିଲ୍ଲୀ : ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ଟେଷ୍ଟ ସିରିଜରେ ଭାରତର ଅପମାନଜନକ କ୍ଲିନ ସୁଇପ ପରେ କୋଚ ଗୌତମ ଗମ୍ଭୀର ନିରନ୍ତର ଆଲୋଚନାର ବିଷୟ ହୋଇଛନ୍ତି। ପ୍ରଶଂସକମାନେ ଏତେ କ୍ରୋଧିତ ଯେ ସେମାନେ ପଡ଼ିଆରେ ତାଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଉଥିବାର ଦେଖାଯାଉଛି। ନିରାଶ ପ୍ରଶଂସକମାନେ ଗମ୍ଭୀରଙ୍କୁ ଟେଷ୍ଟ କ୍ରିକେଟରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଯେତେବେଳେ କେତେଜଣ ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଶିକ୍ଷକ ପଦରୁ ବହିଷ୍କାର କରିବାକୁ ଦାବି କରୁଛନ୍ତି। ତଥାପି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପରି ଭାବୁନାହିଁ। ଏକ ରିପୋର୍ଟ ଅନୁଯାୟୀ, ଗତ ଜୁଲାଇରେ ରାହୁଲ ଦ୍ରାବିଡଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ସ୍ଥାନ ଦେଇଥିବା ଗମ୍ଭୀର ୨୦୨୭ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ, କାରଣ ବିସିସିଆଇ ତାଙ୍କୁ ହଟାଇବା ବିଷୟରେ ବିଚାର କରୁନାହିଁ।

ଘରୋଇ ଟେଷ୍ଟ ସିରିଜରେ ଦଳ ଦୁଇଟି କ୍ଲିନ ସୁଇପ କରିଥିବା ସତ୍ତ୍ୱେ ଗୌତମ ଗମ୍ଭୀର ଭାରତର ମୁଖ୍ୟ ପ୍ରଶିକ୍ଷକ ଭାବରେ ରହିବେ। ପୂର୍ବତନ ଭାରତୀୟ ଓପନର ଗମ୍ଭୀର ତାଙ୍କ ପ୍ରଶିକ୍ଷଣ ପଦ୍ଧତି ପାଇଁ ଯଥେଷ୍ଟ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଲଜ୍ଜାଜନକ ୦-୨ ପରାଜୟ ପରେ ସେ କଡ଼ା ବିରୋଧର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁଯାୟୀ, ଚୟନକର୍ତ୍ତାଙ୍କ ଅଲରାଉଣ୍ଡରଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳତାରେ ବିସିସିଆଇ ଖୁସି ନୁହେଁ। ସେମାନେ ବିଶ୍ୱାସ କରନ୍ତି ଯେ ଚୟନକର୍ତ୍ତାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳତା ଲାଭଦାୟକ ନୁହେଁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସଦ୍ୟ ଶେଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ, ଭାରତ ପ୍ରଥମ ମ୍ୟାଚରେ ତିନି ଜଣ ସ୍ପିନ ଅଲରାଉଣ୍ଡର (ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଏବଂ ଅକ୍ଷର ପଟେଲ) ଖେଳାଇଥିଲା, ଯେତେବେଳେ ଦ୍ୱିତୀୟ ଟେଷ୍ଟରେ ସେମାନେ ଦୁଇ ଜଣ ସ୍ପିନ ଅଲରାଉଣ୍ଡର (ଜାଡେଜା ଏବଂ ସୁନ୍ଦର) ଏବଂ ଜଣେ ମଧ୍ୟମ ଗତି ଅଲରାଉଣ୍ଡର (ନୀତୀଶ କୁମାର ରେଡ୍ଡୀ) ଖେଳାଇଥିଲେ। ଉଭୟ ମ୍ୟାଚରେ, ଏହି ତିନି ଜଣ ବ୍ୟାଟ ସହିତ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିଲେ ନାହିଁ।

ଗତ କିଛି ଦିନ ମଧ୍ୟରେ, ଅନେକ ପୂର୍ବତନ ମହାନ ଖେଳାଳି ଅଲରାଉଣ୍ଡରଙ୍କ ଉପରେ ଦଳ ପରିଚାଳନାର ଅତ୍ୟଧିକ ନିର୍ଭରଶୀଳତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ରବିବାର (୩୦ ନଭେମ୍ବର) ରାଞ୍ଚିରେ ଆରମ୍ଭ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକଦିବସୀୟ ସିରିଜ ପରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ଚୟନକର୍ତ୍ତା ଏବଂ ଦଳ ପରିଚାଳନା ବୈଠକ କରିବେ। ତଥାପି, ଦୈନିକ ଜାଗରଣ ଅନୁଯାୟୀ, ଟି୨୦ ସିରିଜ ଆରମ୍ଭ ହେବା ପୂର୍ବରୁ କୌଣସି ସମୀକ୍ଷା ବୈଠକ ହେବ ନାହିଁ ଏବଂ ବିସିସିଆଇ ଏପର୍ଯ୍ୟନ୍ତ ରୋହିତ ଏବଂ କୋହଲିଙ୍କ ସହ ସେମାନଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଭବିଷ୍ୟତ ବିଷୟରେ କଥା ହୋଇନାହିଁ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୩୦ ନଭେମ୍ବର ରୁ ୬ ଡିସେମ୍ବର ୨୦୨୫ ଆଉ ଶୁଭିବନି ସ୍ୱର




**ଜାତୀୟ:** ଫାଇଟର ଜେଟ୍ ତେଜସ୍ ଦୁର୍ଘଟଣା
**ଅନ୍ତର୍ଜାତୀୟ:** ଜି-୨୦ ସମ୍ମିଳନୀ ଓ ଭାରତ
**ବିଶେଷ ପ୍ରସଙ୍ଗ:** ମର୍ଯ୍ୟାଦା, ଏକତା ଓ ସଂସ୍କୃତିର ବାର୍ତ୍ତାବହ: ଧର୍ମଧ୍ୱଜ
**ନାରୀ:** : ମହିଳାମାନେ ପୁଶ୍ ଅପ୍‌ସା କରିବା ଉଚିତ୍ କି ନାହିଁ
**କ୍ଷୁଦ୍ରଗଳ୍ପ:** ଏମିତି ଥିଲା ସେ ପିଲାଦିନ
**ଚଳଚ୍ଚିତ୍ର:** ୨୩ ବର୍ଷ ଡେଟିଂ ପରେ ବିବାହ କଲେ ଆଶ୍ଲେଷା ସନ୍ଦୀପ ଚଳଚ୍ଚିତ୍ର: ପ୍ରେମିକା ପାଇଁ ଧର୍ମ ବଦଳାଇଲେ କପିଲ ଶର୍ମା।
**ଖେଳ:** ଗମ୍ଭୀରଙ୍କ ରେକର୍ଡ ଚାପେଲଙ୍କଠୁ ବି ଖରାପ
**ମୀନାବଜାର:** ସାଥି, ଚର୍ଚ୍ଚାରେ: ଏଠାରେ ୬୪ ଦିନ ହେବ ଅନ୍ଧାର, ବିଜ୍ଞାନ: ରହସ୍ୟ, ରୋମାଞ୍ଚଭରା ଭାରତର କଙ୍କାଳ ହ୍ରଦ, ପର୍ଯ୍ୟଟନ: ମା' ଜୋଗୁଲାମ୍ବା ଶକ୍ତିପୀଠ, ବାସ୍ତୁ: ବିନା ଖର୍ଚ୍ଚରେ ବି ଦୂର କରିହେବ ଘରର ବାସ୍ତୁ ଦୋଷ, ଜାଣନ୍ତି କି ? : ଗଙ୍ଗା ନଦୀର ଜଳକୁ କାହିଁକି ପବିତ୍ର ବୋଲି କୁହାଯାଏ ? ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

## ବୋଲିଂ କୋଚ୍ ମୋର୍କେଲ୍‌ଙ୍କ ବଡ଼ ବୟାନ

# ବିଶ୍ୱକପ୍ ଖେଳିପାରିବେ ରୋହିତ-କୋହଲି

ରାଞ୍ଚି : ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ଖେଳିପାରିବେ ବୋଲି ଟିମ୍ ଇଣ୍ଡିଆ ବୋଲଂ କୋଚ୍ ମୋର୍ନେ ମୋର୍କେଲ୍ କହିଛନ୍ତି। ତେବେ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିବା ଏବଂ ସେମାନଙ୍କ ଶରୀର ଏଥିପାଇଁ ପ୍ରସ୍ତୁତ ଥିଲେ ଏଥିରେ କୌଣସି ଅସୁବିଧା ନାହିଁ। ରୋହିତ ଓ କୋହଲିଙ୍କ ଭବିଷ୍ୟତକୁ ନେଇ ଏକ ପ୍ରଶ୍ନର ଜବାବରେ ଭାରତୀୟ କୋଚ୍ ଏହା କହିଛନ୍ତି। ସୂଚନାଯୋଗ୍ୟ, ରୋହିତ ଓ କୋହଲି କେବଳ ଦିନିକିଆ କ୍ରିକେଟ୍ ହିଁ ଖେଳୁଛନ୍ତି। ଦୁହେଁ ଟି-୨୦ ଏବଂ ଟେଷ୍ଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି। ଏହାପରେ ଦୁହିଁଙ୍କ ଭବିଷ୍ୟ ଉପରେ ପ୍ରଶ୍ନ ଉଠିଥିଲା। ଶୁକ୍ରବାର ରାଞ୍ଚିରେ ପ୍ରାକ୍ଟିସ୍ ସେସନ୍ ପରେ ମୋର୍କେଲ୍‌ଙ୍କୁ ପଚରା ଯାଇଥିଲା ଯେ କ'ଣ ସେ ଚାହାନ୍ତି ରୋହିତ ଓ କୋହଲି ଦିନିକିଆ ବିଶ୍ୱକପ୍‌ରେ ଖେଳନ୍ତୁ। ଏହାର ଉତ୍ତରରେ ମୋର୍କେଲ୍ କହିଛନ୍ତି, ଏବେ ଏଥିପାଇଁ ବହୁ ସମୟ ଅଛି। ସେ ଦୁହେଁ ମହାନ୍ ଖେଳାଳି। ଯେପର୍ଯ୍ୟନ୍ତ ରୋହିତ-କୋହଲି କଠିନ ପରିଶ୍ରମ କରୁଥିବେ ଏବଂ ଫିଟ୍‌ନେସ୍ ତାଙ୍କ ସାଥ୍ ଦେଉଥିବ ତେବେ କୌଣସି ଅସୁବିଧା ନାହିଁ। ମୁଁ ସର୍ବଦା ଅନୁଭବ ଉପରେ ଭରସା କରିଥାଏ। ସେ ଅନୁଭବ ଯାହା ଆପଣଙ୍କୁ ଆଉ କେଉଁଠି ମିଳିନଥାଏ। ମୋର୍କେଲ୍ ଆହୁରି କହିଥିଲେ, ରୋହିତ-କୋହଲି ଅନେକ ଟ୍ରଫି ଜିତିଛନ୍ତି। ସେମାନଙ୍କର ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବାର ଅନୁଭବ ରହିଛି। ହଁ, ସେମାନେ ବିଶ୍ୱକପ୍‌ରେ ନିଶ୍ଚିତ ଭାବେ ଖେଳିପାରନ୍ତି। ମୁଁ ସେମାନଙ୍କ ବିପକ୍ଷରେ କେତେକ ମ୍ୟାଚ୍ ଖେଳିଛି। ଯଦି ମାନସିକ ଏବଂ ଶାରୀରିକ ରୂପେ ସେମାନେ ପ୍ରସ୍ତୁତ, ତେବେ ୨୦୦୭ ବିଶ୍ୱକପ୍ ଦୂର ନୁହେଁ। ରୋହିତ ଶର୍ମା ଓ ବିରାଟ କୋହଲି ୯ ମାସ ପରେ ଘରୋଇ ପଡ଼ିଆରେ ଏକାଠି ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଖେଳିବେ। ଦୁହେଁ ଶେଷଥର ଚଳିତ ବର୍ଷ ଫେବୃଆରୀ ୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ।



ମୋର୍କେଲ୍ ପ୍ରାକ୍ଟିସ୍ ସେସନ୍ ପୂର୍ବରୁ କହିଥିଲେ ଯେ ଗତ ଦୁଇ ସପ୍ତାହ ନୈରାଶ୍ୟଜନ ରହିଥିଲା। କିନ୍ତୁ ଏବେ ନିଜକୁ ରିସେଟ୍ କରିବା ପାଇଁ ଆମ ପାଖରେ କିଛିଦିନ ରହିଛି। ଏବେ ଆମକୁ ନିଜର ପୂରା ଶକ୍ତି ଦିନିକିଆ କ୍ରିକେଟ୍‌ରେ ଲଗାଇବାକୁ ହେବ। ଗତ କିଛି ବର୍ଷ ଧରି ଟିମ୍ ଏହି ଫର୍ମାଟ୍‌ରେ ଉନ୍ନତ ଖେଳ ଦେଖାଇ ଆସୁଛି। ସେ କହିଛନ୍ତି, ଟେଷ୍ଟ୍ ସିରିଜ୍ ଜିତି ସାଉଥ୍ ଆଫ୍ରିକାର ଟିମ୍ ବହୁ ଆତ୍ମବିଶ୍ୱାସରେ ରହିଛି ଏବଂ ଏପରି ଟିମ୍ ସର୍ବଦା ଚ୍ୟାଲେଞ୍ଜିଂ ହୋଇଥାଏ। ରଙ୍ଗୀନ୍ ଜର୍ସି ଏବଂ ଧଳା ବଲ୍ ଅଲଗା ଶକ୍ତି ପ୍ରଦାନ କରିଥାଏ। କିନ୍ତୁ ସାଉଥ୍ ଆଫ୍ରିକା ଏବେ ପୂରା ଲୟରେ ରହିଛି। ଟେଷ୍ଟ୍ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଏବଂ ଶ୍ରେୟସ୍ ଆୟର୍‌ଙ୍କ ଫିଟ୍‌ନେସ୍ ଉପରେ ମୋର୍କେଲ୍ କହିଛନ୍ତି, ଶୁଭମନ୍ ଉନ୍ନତ ରିକଭର କରୁଛନ୍ତି। ଦୁଇଦିନ ପୂର୍ବେ ତାଙ୍କ ସହିତ କଥା ହୋଇଥିଲା। ଶ୍ରେୟସ୍ ମଧ୍ୟ ରିହାବ୍ ଆରମ୍ଭ କରିଦେଇଛନ୍ତି।

# ସୁଲତାନ୍ ଆଜ୍‌ଲାନ୍ ସାହା ହକି: କାନାଡ଼ାକୁ ୧୪-୩ରେ ହରାଇ ଫାଇନାଲ୍‌ରେ ଭାରତ

ଇପୋ, (ମାଲେସିଆ): ଚଳିତ ସୁଲତାନ୍ ଆଜ୍‌ଲାନ୍ ସାହା ହକି ପ୍ରତିଯୋଗିତାରେ ଭାରତ ଶନିବାର ୧୪-୩ ଗୋଲ୍‌ରେ କାନାଡ଼ାକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ପଞ୍ଚମ ମ୍ୟାଚ୍‌ରୁ ଏହା ଥିଲା ଭାରତର ଚତୁର୍ଥ ବିଜୟ। ସଂଜୟଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳ ପୂର୍ବରୁ ଦକ୍ଷିଣ କୋରିଆ, ମାଲେସିଆ ଓ ନ୍ୟୁଜିଲାଣ୍ଡକୁ ହରାଇ ଥିବାବେଳେ କେବଳ ବେଲ୍‌ଜିୟମ୍‌ଠାରୁ ୦-୧ ଗୋଲ୍‌ରେ ହାରିଥିଲା। ଏବେ ପୁଣି ସେହି ବେଲ୍‌ଜିୟମ୍ ସହିତ ରବିବାର ଫାଇନାଲ୍ ଖେଳିବ।



ଶନିବାର ଶେଷ ଲିଗ୍ ମ୍ୟାଚ୍‌କୁ ଭାରତ ଏକତରଫା ଭାବେ ଜିତିଥିଲା। ନୀଳକାନ୍ତ ଶର୍ମା (ଚତୁର୍ଥ ମିନିଟ୍) ପ୍ରାରମ୍ଭିକ ଗୋଲ୍ ଦେବା ପରେ ରାଜୀନ୍ଦର ସିଂହ ୧୦ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏକାଦଶ ମିନିଟ୍‌ରେ କାନାଡ଼ା କିନ୍ତୁ ପେନାଲ୍ଟି କର୍ଣ୍ଣରରୁ ବ୍ରେଣ୍ଡନ୍ ଗୁରାଲିକ୍‌ଙ୍କ ଜରିଆରେ ଗୋଟିଏ ଗୋଲ୍ ଶୁଝି ଦେଇଥିଲା। ୧୨ ଓ ୧୫ ମିନିଟ୍‌ରେ କିନ୍ତୁ ଯୁଗରାଜ ସିଂହ ଓ ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ୍ ଦେଇ ପ୍ରଥମ କ୍ୱାର୍ଟରକୁ ଭାରତ ସପକ୍ଷରେ ୪-୧ରେ ରଖିଥିଲେ। ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେଇ ଭାରତ ଏହି ମ୍ୟାଚ୍ ଖେଳିଥିବାବେଳେ ୨୪ତମ ମିନିଟ୍ ?ରେ ରାଜିନ୍ଦର ସିଂହ, ୨୫ ମିନିଟରେ ଦିଲପ୍ରୀତ୍ ସିଂହ,ଳ ୨୬ ମିନିଟରେ ଯୁଗରାଜ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

୧-୭ରେ ପଛୁଆ ଥିବା କାନାଡ଼ା ପ୍ରଥମାର୍ଦ୍ଧରେ ପେନାଲ୍ଟି ଷ୍ଟ୍ରୋକ୍ (୩୫ ମିନିଟ୍)ରୁ ଦ୍ୱିତୀୟ ଗୋଲ୍‌ଟି ଦେଇଥିଲା। ତେବେ ଯୁଗରାଜଙ୍କ ତୃତୀୟ ଗୋଲ୍ (୩୯ତମ ମିନିଟ) ଓ ସେଲଭାମ କର୍ତି (୪୩ ତମ ମିନିଟ୍) ମ୍ୟାଚ୍‌କୁ ୯-୨ରେ ପହଞ୍ଚାଇ ଦେଇଥିଲା। ଶେଷ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ ଆଉ ୬ ଗୋଲ୍ ଦେଖିବାକୁ ମିଳିଥିଲା। ୪୬ତମ ମିନିଟରେ ଅମିତ ରୋହିଦାସ ପେନାଲ୍ଟି କର୍ଣ୍ଣରରୁ ଏବଂ ୫୦ ମିନିଟ୍‌ରେ ଯୁଗରାଜ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ୍ ଦେଇଥିଲେ। ଜ୍ୟୋତସ୍ୱରୂପ ସିଦ୍ଧୁଙ୍କ ପିସି ଗୋଲ୍ ଜରିଆରେ କାନାଡ଼ା ତୃତୀୟ ଗୋଲ୍ ପାଇଥିଲା। ଶେଷକୁ ଅଧିନାୟକ ସଂଜୟ ପେନାଲ୍ଟି ଷ୍ଟ୍ରୋକ୍‌ର ଗୋଲ୍ ଦେଇ ସ୍କୋରସିଟ୍‌ରେ ନିଜ ନାମ ବି ଲେଖିଦେଇଥିଲେ। ଅଭିଷେକ (୫୭ ଓ ୫୯ ମିନିଟ୍) ଭାରତୀୟ ଦଳର ଶେଷ ଦୁଇ ଗୋଲ୍ ଦେଇଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583